


ଆଜିର 'ସକାଳ' ସହ 'ସିନ୍ଦୁରା' ପଢ଼ନ୍ତୁ



RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-5 •BHUBANESWAR •SUNDAY •29 JUNE 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୫ •ଭୁବନେଶ୍ୱର •ରବିବାର •୨୯ ଜୁନ୍ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦ (ସିନ୍ଦୁରା ସହ)


# ଗୁଣ୍ଡିଚା ଦୁଆରେ ତିନି ରଥ

## ଆଜି ଆଡ଼ପ ମଣ୍ଡପ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି



### ଝିପିଝିପି ବର୍ଷା ସାଙ୍ଗକୁ ଅନୁକୂଳ ପାଗ

### ବଡ଼ଦାଣ୍ଡରେ ରଥଟାଣିଲେ ଲକ୍ଷାଧିକ ଭକ୍ତ

■ ପୁରୀ, ୨୮।୬ (ସମିସ): ନବଦିନାତ୍ମକ ଯାତ୍ରାରେ ବାହାରି ବଡ଼ଦାଣ୍ଡରେ ଭାଇ-ଭଉଣୀଙ୍କ ସହ ଅଟକି ରହିଥିଲେ କାଳିଆ ଠାକୁର। ରାତିରେ ରଥାରୂଢ଼ ଠାକୁରଙ୍କୁ ମନଲୋଭା ଦର୍ଶନ କରିଥିଲେ ଶ୍ରଦ୍ଧାଳୁ। ଶନିବାର ସକାଳୁ ନିର୍ଘଣ୍ଟ ନୀତିକାନ୍ତି ପରେ ପୁନଶ୍ଚ ଆରମ୍ଭ ହୋଇଥିଲା ରଥଟଣା। ଝିପିଝିପି ବର୍ଷା ସାଙ୍ଗକୁ ଅନୁକୂଳ ପାଗ ଭକ୍ତଙ୍କ ମଧ୍ୟରେ ଉତ୍ସାହ ଭରିଥିଲା। ଜୟ ଜଗନ୍ନାଥ ଧ୍ୱନିରେ ରଥ ଟାଣିଥିଲେ ହଜାରହଜାର ଶ୍ରଦ୍ଧାଳୁ। ଏବେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ପହଞ୍ଚି ଯାଇଛନ୍ତି ତିନିରଥ। ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରୁଛନ୍ତି ଭକ୍ତ। ଶନିବାର ରାତି ଏବଂ ରବିବାର ଦିନବ୍ୟାପୀ ଭକ୍ତଙ୍କୁ ଦର୍ଶନ ଦେବା ପରେ ଅପରାହ୍ଣରେ ଚତୁର୍ଦ୍ଧାବିଗ୍ରହ ଜନ୍ମବେଦୀ ତଥା ଆଡ଼ପ ମଣ୍ଡପକୁ ବିଜେ କରିବେ।


ଆଷାଢ଼ ଶୁକ୍ଳ ଦ୍ୱିତୀୟା ଥିଲା ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା। ଶୁକ୍ରବାର ନିର୍ଘଣ୍ଟ ସମୟରେ ଚାଲିଥିଲା ନୀତିକାନ୍ତି। ଧାର୍ଯ୍ୟ ସମୟରେ ରଥଟଣା ବି ଆରମ୍ଭ ହୋଇଥିଲା। ହେଲେ ବଡ଼ଠାକୁରଙ୍କ ତାଳଧ୍ୱଜ ରଥ ବାଟସାରା ବିଭିନ୍ନ ସ୍ଥାନରେ ମୋଡ଼ ନେଇଥିଲା। ତେଣୁ ରଥଟଣା ବନ୍ଦ ବେଳକୁ ତାଳଧ୍ୱଜ ରଥ ବଳଗଣ୍ଡି ଛକ, ଦର୍ପଦଳନ ମରୀଚିକୋଟ ଏବଂ ନନ୍ଦିଘୋଷ ରଥ ସିଂହଦ୍ୱାର ନିକଟରେ ଅଟକି ରହିଥିଲା। ରଥାରୂଢ଼ ଠାକୁରଙ୍କୁ ବିଳମ୍ବିତ ରାତି ଯାଏ ମନଭରି ଦର୍ଶନ କରିଥିଲେ ଭକ୍ତ।

ଶନିବାର ପ୍ରାତଃରେ ରଥ ଉପରେ ମଙ୍ଗଳ ଆଳତି ଓ ଅବକାଶ ନୀତି ସମ୍ପନ୍ନ ହେବା ପରେ ସକାଳ ୯ଟା ୩୦ରେ ରଥଟଣା ଆରମ୍ଭ ହୋଇଥିଲା। ଡାହୁକର ଡାକ ଓ ଘଣ୍ଟୁଆଙ୍କ ଘଣ୍ଟର ତାଳେ ତାଳେ ତାଳଧ୍ୱଜ, ଦର୍ପଦଳନ ଓ ନନ୍ଦିଘୋଷ ରଥ ଆଗକୁ ଆଗକୁ ମାଡ଼ି ଚାଲିଥିଲା। ବଡ଼ କଥା ହେଲା, ଶୁକ୍ରବାର ଭଳି ଶନିବାର ବି ପାଗ ବେଶ୍ ଅନୁକୂଳ ରହିଥିଲା। ଆଦୌ ଖରା ନଥିଲା। ଏପରିକି, ରଥ ଗଡୁଥିବା ବେଳେ ଝିପିଝିପି ବର୍ଷା ହୋଇଥିଲା। ଶ୍ରଦ୍ଧାଳୁମାନେ ଭିଜିଭିଜି ରଥ ଟାଣୁଥିଲେ। ଅବଶ୍ୟ ବାଟରେ କିଛି ଜାଗାରେ ରଥ ମୋଡ଼ ନେଇଥିଲା। ହେଲେ ସେମିତି ବେଶି ଅଝଟ ହୋଇନଥିଲେ ଭାଇ-ଭଉଣୀ। ପ୍ରଥମେ ପୂର୍ବାହ୍ଣ ୧୧ଟା ୧୬ରେ ତାଳଧ୍ୱଜ ରଥ ଲାଗିଥିଲା ଗୁଣ୍ଡିଚା ମନ୍ଦିର ସମ୍ମୁଖରେ। ପରେ ମଧ୍ୟାହ୍ନ ୧୨ଟା ୧୬ରେ ଦର୍ପଦଳନ ଏବଂ ଶେଷରେ ଅପରାହ୍ଣ ୧ଟା ୧୦ରେ ନନ୍ଦିଘୋଷ ରଥ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗିଥିଲା। ସଙ୍ଗେସଙ୍ଗେ ଉଭୟ ରଥ ଚତୁଃପାର୍ଶ୍ୱରେ ବ୍ୟାରିକେଡିଂ କରାଯାଇଥିଲା। ଏହାପରେ ରଥ ଉପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ଚାଲିଥିବା ବେଳେ ଦର୍ଶନ ପାଇଁ ଶରଧାବାଲି ମଧ୍ୟ ଲୋକାରଣ୍ୟ ହୋଇପଡ଼ିଥିଲା। ରବିବାର ଦିନତମାମ ରଥ ଉପରେ ଭକ୍ତଙ୍କୁ ଦର୍ଶନ ଦେବେ ଦାରୁବିଗ୍ରହ। ଅପରାହ୍ଣ ପ୍ରାୟ ୫ଟା ପରେ ଗୋଟିପହଣ୍ଡିରେ ଆଡ଼ପମଣ୍ଡପ ଯାତ୍ରା କରିବେ ବିଶ୍ୱନିୟନ୍ତା। ସୋମବାରଠାରୁ ଶ୍ରଦ୍ଧାଳୁଙ୍କୁ ମିଳିବ ଆଡ଼ପ ଅବଢ଼ା।

## ରଥଯାତ୍ରା ମହାବିଭ୍ରାଟ; ନବୀନଙ୍କ ଉଦ୍‌ବେଗ

# ମହାପ୍ରଭୁ ଦାୟୀଙ୍କୁ କ୍ଷମା କରିଦିଅନ୍ତୁ

■ ଭୁବନେଶ୍ୱର, ୨୮।୬ (ସମିସ): ରଥଯାତ୍ରା ପରିଚାଳନାରେ ମହାବିଭ୍ରାଟ ଏବଂ ଭିଡ଼ ନିୟନ୍ତ୍ରଣକୁ ନେଇ ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ବିଭିନ୍ନ ମହଲରୁ ସମାଲୋଚନାର ଶରବ୍ୟ ହେବାକୁ ପଡୁଛି। ରାଜ୍ୟ ସରକାରଙ୍କ ଅପାରଗତା ରାଜ୍ୟ ତଥା ଜାତୀୟସ୍ତରରେ ଚର୍ଚ୍ଚାର କାରଣ ପାଲଟିଥିବା ବେଳେ ଏନେଇ ପ୍ରତିକ୍ରିୟା ରଖିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ରଥଟଣାରେ ଅଯଥା ବିଳମ୍ବ ପାଇଁ ପ୍ରଶାସନକୁ ଅଙ୍ଗୁଳି ନିର୍ଦ୍ଦେଶ କରିବାକୁ ଚାହୁଁନାହୁଁ ବୋଲି ନବୀନ କହିଥିବା ବେଳେ ଭୟଙ୍କର ବିଭ୍ରାଟ ଓ ବିଶୃଙ୍ଖଳା ପାଇଁ ଦାୟୀ ସମସ୍ତଙ୍କୁ ମହାପ୍ରଭୁ କ୍ଷମା କରିଦିଅନ୍ତୁ ବୋଲି "ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ଚକା ଆଖି ସବୁ ଦେଖୁଛି। ତେଣୁ କଣ ପାଇଁ ଏମିତି ଅଘଟଣ ଘଟିଲା, ଭୟଙ୍କର ବିଭ୍ରାଟ ହେଲା ସେନେଇ ସରକାର ଆତ୍ମଚିନ୍ତନ କରନ୍ତୁ ବୋଲି ନବୀନ ପରାମର୍ଶ ଦେଇଛନ୍ତି। ନବୀନଙ୍କ ପରାମର୍ଶକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବା ବେଳେ ସରକାର ଅଯଥା ଯୁକ୍ତି ନକରି ନିଜର ତ୍ରୁଟିକୁ ସ୍ୱୀକାରନ୍ତୁ ବୋଲି ମତ ପ୍ରକାଶ ପାଇଛି। ଆଡ଼ପ ମଣ୍ଡପ ଦର୍ଶନଠାରୁ ଆରମ୍ଭ କରି ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା ଓ ନିଳାଦ୍ରିବିଜେ ଯେପରି ଶାନ୍ତି ଶୃଙ୍ଖଳାର ସହ ସମାପନ ହେବ ସେନେଇ ସରକାର ସଚେତନ ଭାବେ କାମ ▶ପୃଷ୍ଠା-୭



> ଚକା ଆଖି ସବୁ ଦେଖୁଛି
>
> ନନ୍ଦିଘୋଷ ରଥଟଣା ପାଇଁ ପ୍ରଶାସନକୁ ଦୋଷାରୋପ କରୁନାହୁଁ
>
> ଯେଉଁ ଅଘଟଣ ଘଟିଲା, ସେନେଇ ଚିନ୍ତା ପ୍ରକାଶ ବିନା ରହି ହେଉନାହିଁ
>
> ବିଭ୍ରାଟ, ଅଘଟଣ ଲକ୍ଷ ଲକ୍ଷ ଭକ୍ତଙ୍କୁ ନିରାଶ ଓ ହତାଶ କରିଛି
>
> ସରକାର ଆତ୍ମଚିନ୍ତନ କରନ୍ତୁ

## ଶୁଭାଂଶୁଙ୍କ ସହ କଥାହେଲେ ମୋଦୀ

# ମହାକାଶରୁ ଭବ୍ୟ ଦିଶୁଛି ଭାରତ

■ ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି): ପ୍ରଥମ ଭାରତୀୟ ମହାକାଶଚାରୀ ଭାବେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)ରେ ପହଞ୍ଚିଥିବା ଶୁଭାଂଶୁ ଶୁକ୍ଳାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କଥା ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ) ପକ୍ଷରୁ ଶନିବାର ସନ୍ଧ୍ୟା ୫ଟା ୪୯ରେ ଏହି କଥାବାର୍ତ୍ତାର ଭିଡିଓ ଜାରି କରାଯାଇଛି। ଉଭୟେ ୧୮ ମିନଟ୍ ୨୫ ସେକେଣ୍ଡ ପର୍ଯ୍ୟନ୍ତ ଚର୍ଚ୍ଚା କରିଛନ୍ତି। ଶୁଭାଂଶୁ ପ୍ରଧାନମନ୍ତ୍ରୀଙ୍କୁ କହିଛନ୍ତି ଯେ ଦିନକୁ ୧୬ ଥର ପୃଥିବୀ ପରିକ୍ରମା କରୁଛୁ। ଘଣ୍ଟା ପ୍ରତି ୨୮ ହଜାର କିମିରେ ଗତି କରୁଛୁ। ୧୬ ଥର ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ଦେଖୁଛୁ। ମହାକାଶରୁ ଭାରତ ଭବ୍ୟ ଦେଖାଯାଉଛି। ଆମ ଦେଶ କେଉଁ ବେଗରେ ଆଗକୁ ବଢୁଛି ତାହା ଏହି ଗତି ଦର୍ଶାଉଛି। ମୋଦୀ ପଚାରି ଥିଲେ ଯେ ଗାଜର ହାଲୱା ନେଇ ମହାକାଶକୁ ଯାଇଥିଲେ। ଏହା ସହଯୋଗୀଙ୍କୁ ଦେଇଛନ୍ତି କି ନାହିଁ? ଏହା ଉତ୍ତରରେ ମହାକାଶଚାରୀ କହିଥିଲେ ଯେ ଗାଜର ହାଲୱା, ମୁଗ ଡାଲି ହାଲୱା ଏବଂ ଆମ୍ବ ରସ ଆଣିଛି। ଆମେ ସମସ୍ତେ ଏକାଠି ବସିକି ଖାଇଛୁ। ସମସ୍ତଙ୍କୁ ଏହା ଭଲ ଲାଗିଛି।

ଫୋନ ବାର୍ତ୍ତାଳାପ ଆରମ୍ଭ ହେବା ପରେ ମୋଦୀ ଭାରତୀୟଙ୍କ ପକ୍ଷରୁ ଶୁଭାଂଶୁଙ୍କୁ ଶୁଭକାମନା ଜଣାଇ ଥିଲା। ଏଥିପାଇଁ ଧନ୍ୟବାଦ ଦେଇ ଭଲରେ ଏବଂ ସୁରକ୍ଷିତ ଥିବା ମହାକାଶଚାରୀ କହିଥିଲେ। ଏହା କେବଳ ମୋର ନୁହେଁ, ସାରା ଦେଶର ଯାତ୍ରା। ଆପଣଙ୍କ ନେତୃତ୍ୱରେ ଭାରତ ଆଗେଇ ଚାଲିଛି। ସ୍ୱପ୍ନ ପୂରଣ କରିବା ପାଇଁ ସୁଯୋଗ ପାଉଛି। ପୃଥିବୀ କେମିତି ଲାଗୁଛି ଉତ୍ତରରେ ଶୁଭାଂଶୁ କହିଥିଲେ ଯେ ପ୍ରଥମେ ଧରିତ୍ରୀ ସମାନ ଭଳି ଲାଗିଥିଲା। ପୃଥିବୀରେ ବିଭିନ୍ନତାରେ ଏକତା ଦେଖାଯାଉଛି। ମାନଚିତ୍ରଠାରୁ ଭାରତ ଅଧିକ ଭବ୍ୟ ଏବଂ ସୁନ୍ଦର ଦିଶୁଛି। ▶ପୃଷ୍ଠା-୭




ଦିନକୁ ୧୬ ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ ଦେଖୁଛି

## ପରାଗ ଜୈନ 'ର' ମୁଖ୍ୟ



■ ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି): ଭାରତ ସରକାର ଶନିବାର ୧୯୮୯ ବ୍ୟାଚ୍‌ର ଆଇପିଏସ ଅଧିକାରୀ ପରାଗ ଜୈନଙ୍କୁ ଗୁଇନ୍ଦା ଏଜେନ୍ସି ରିସର୍ଚ୍ଚ ଆଣ୍ଡ ଆନାଲିସିସ ୱିଙ୍ଗ(ର)ର ନୂଆ ମୁଖ୍ୟ ନିଯୁକ୍ତ କରିଛନ୍ତି। ପାକିସ୍ତାନକୁ ଜବାବ ଦେବା ପାଇଁ ଭାରତ କରିଥିବା ଅଭିଯାନ 'ଅପରେସନ ସିନ୍ଦୂର' ଶ୍ରୀ ଜୈନ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ୩୦ ତାରିଖରେ ଅବସରଗ୍ରହଣ କରୁଥିବା 'ର' ମୁଖ୍ୟ ରବି ସିହ୍ନାଙ୍କ ସ୍ଥାନ ନେବେ। ଶ୍ରୀ ଜୈନ ଜୁଲାଇ ୧ରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଏହି ପଦରେ ରହିବେ। ଏବେ ସେ 'ର'ର ଆଭିଏସନ ରିସର୍ଚ୍ଚ ସେଣ୍ଟର (ଏଆରସି) ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ଆକାଶ ମାର୍ଗର ସର୍ବେକ୍ଷଣ ଏବଂ ତତ୍ ସମ୍ବନ୍ଧିତ ଅଭିଯାନ ପାଇଁ ଏଆରସି କାର୍ଯ୍ୟ କରୁଛି। ଏହି ପଦରେ ରହି ସେ ପାକିସ୍ତାନର ଆତଙ୍କବାଦୀ ଶିବିର ଚିହ୍ନଟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେ ଦୁଇ ଦଶନ୍ଧି ହେଲା 'ର'ରେ କାର୍ଯ୍ୟ କରୁଛନ୍ତି। 'ର'ର ପୂର୍ବତନ ମୁଖ୍ୟ ସାମନ୍ତ ଗୋୟଲଙ୍କ ସହ ଶ୍ରୀ ଜୈନ କାମ କରିଥିଲେ। ସେ ପାକିସ୍ତାନ ଡେସ୍କ ଦାୟିତ୍ୱରେ ଅଛନ୍ତି। ଧାରା ୩୭୦ ଉଚ୍ଛେଦ ଏବଂ ବାଲାକୋଟ ଏୟାର ଷ୍ଟ୍ରାଇକ ଭଳି ଗୁରୁତ୍ୱପୂର୍ଣ୍ଣ ଅଭିଯାନରେ ମଧ୍ୟ କାମ କରିଛନ୍ତି। ସେ ଏସ୍‌ଏସ୍‌ପି ଚଣ୍ଡିଗଡ଼ ଏବଂ ଡିଆଇଜି ଲୁଧିଆନା ପଦରେ ମଧ୍ୟ ଥିଲେ।

## ଅଧା ରହିଗଲା ଜଗା ଦର୍ଶନ

# ଚାପିଦେଲା ବସ୍; ୩ ଛାତ୍ରୀ ମୃତ

■ ପିପିଲି, ୨୮।୬(ସମିସ): ଅଧା ରହିଗଲା ଜଗା ଦର୍ଶନ। ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଯାଉଥିବା ବେଳେ ଏକ ଦୁର୍ଘଟଣାରେ ଆଜି ୨ ଭଉଣୀଙ୍କ ସମେତ ୩ ଯୁବତୀଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ, ପୁରୁଣା ଭୁବନେଶ୍ୱର ରଥରୋଡ୍







ବାରିକସାହିରେ ରହୁଥିବା ରମେଶ ସାହୁଙ୍କ ଝିଅ ରିମ୍‌ଝିମ୍ ସାହୁ (୨୦) ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଅଞ୍ଚଳର ଦୁଇ ଭଉଣୀ ଏଲିନା ଦାଶ (୨୦) ଓ କାଜଲ ଦାଶ (୨୨)। ୩ଜଣ ଯାକ ଆଜି ଏକ ସ୍କୁଟିରେ ପୁରୀ ଯାଉଥିବା ବେଳେ ପିପିଲି ▶ପୃଷ୍ଠା-୭

## ଦୁଇଟି ଦୁର୍ଘଟଣାରେ ୫ ମୃତ

> ଗୋଟିଏ ପରିବାରର ବାପା ଓ ୨ ଝିଅ ମୃତ

■ ନୂଆପଡ଼ା, ୨୮।୬(ସମିସ): ଜଗା ଦର୍ଶନ କରିବାକୁ ଯାଉଥିଲେ। ରଥ ଦଉଡ଼ି ଛୁଇଁବା ସହ ନିଜ ପରିବାରର ଆଶିଷ ଭିକ୍ଷା କରିଥା'ନ୍ତେ। କିନ୍ତୁ ସେମାନଙ୍କର ଏ ଆଶା ଆଶାରେ ହିଁ ରହିଗଲା। କାଳିଆର ଚକାଆଖି ଦେଖିବା ଆଗରୁ ସେମାନେ ଆଖି ବୁଜିଛନ୍ତି। ନୂଆପଡ଼ା ଜିଲ୍ଲା ୩୫୩ ନମ୍ବର ଜାତୀୟ ରାଜପଥର ପଲସିପାଣି ଛକ ନିକଟରେ ଶନିବାର ଦୁଇଟି ପୃଥକ୍ ଦୁର୍ଘଟଣାରେ ୩ଶିଶୁଙ୍କ ସମେତ ମୋଟ ୫ଜଣଙ୍କ ମୃତ୍ୟୁ ହୋଇଛି। ଗୋଟିଏ ଘଟଣାରେ ୪ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଏକ ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୩ଜଣ ସଦସ୍ୟ ରହିଛନ୍ତି। ମୃତକମାନେ ହେଲେ, କୋମନା ଥାନା ଅଧୀନ ପଲସିପାଣି ଗାଁର ଲଳିତ ଶବର (୩୫), ତାଙ୍କ ଝିଅ ସୁନାଫୁଲ (୧୨), ଡୋଳେଶ୍ୱରୀ(୮), ପାଇକମାଲ ଥାନା ଚୁହାପାଲି ଗାଁର କ୍ଷୀର ରାଉଳ(୨୫), ଲଖନା ▶ପୃଷ୍ଠା-୭

## କାଳ ହେଲା ବର୍ଷା

# ଗଛରେ ବାଇକ୍ ପିଟିହୋଇ ୨ ମୃତ

■ ବିଷମ କଟକ, ୨୭।୬ (ସମିସ): ବର୍ଷା ସାଜିଲା କାଳ। ଘରକୁ ଫେରିବା ବେଳେ ନିୟନ୍ତ୍ରଣ ହରାଇ ବାଇକ୍‌ଟି ଗଛରେ ପିଟି ହେବାରୁ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ବିଷମକଟକ ଥାନା ଅନ୍ତର୍ଗତ ଡୁମୁରିନେଳି ଗ୍ରାମର ମନୋଜ ସାରକା(୩୦) ଏବଂ ଗାହିଁ ହୁଇକା(୨୮)। ସେହିପରି ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି।

ସୂଚନାନୁଯାୟୀ, ୩ଜଣ ଯାକ ଏକ ବାଇକ୍‌ରେ ମୁନିଗୁଡ଼ାରୁ ନିଜ ଗାଁ ଡୁମୁରିନେଳିକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ପାଇକଡାକୁଲୁଗୁଡା ଗ୍ରାମ ନିକଟରେ ଭାରସାମ୍ୟ ହରାଇ ବାଇକ୍‌ଟି ରାସ୍ତାକଡ଼ରେ ଥିବା ଏକ ଗଛରେ ଧକ୍କା ହୋଇଯାଇଥିଲା। ଏଥିରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକେ ଅନ୍ୟ ୨ଆହତଙ୍କୁ ଆମ୍ବୁଲାନ୍ସରେ ମୁନିଗୁଡ଼ା ମେଡିକାଲକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ▶ପୃଷ୍ଠା-୭

# ତିନି ଦିନରେ ରାଜ୍ୟ ବିଜେପି ମୁଖିଆ ବଛା

> ଆଜିଠୁ ରାଜ୍ୟ ସଭାପତି ଏବଂ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ
>
> ରାଷ୍ଟ୍ରୀୟ ସଭାପତି ନିର୍ବାଚନ ଖୁବ୍‌ଶୀଘ୍ର

■ ଭୁବନେଶ୍ୱର, ୨୮।୬ (ସମିସ): ବହୁ ପ୍ରତୀକ୍ଷିତ ବିଜେପିର ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ ପ୍ରକ୍ରିୟା ଆସନ୍ତାକାଲିଠାରୁ ଆରମ୍ଭ ହେବ। ଆସନ୍ତା ୩ ଦିନ ମଧ୍ୟରେ ଅର୍ଥାତ୍ ଜୁଲାଇ ୧ ତାରିଖ ସୁଦ୍ଧା ଦଳର ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ନିର୍ବାଚନ ସମ୍ପର୍କରେ ରାଜ୍ୟ ବିଜେପି ନିର୍ବାଚନ ଅଧିକାରୀ ତଥା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସୂଚନା ପରେ ରାଜ୍ୟ ବିଜେପିର ଆଭ୍ୟନ୍ତରୀଣ ରାଜନୀତି ଜୋର୍ ଧରିଛି। ବର୍ତ୍ତମାନ ସଭାପତି ଦାୟିତ୍ୱ ତୁଲାଉଥିବା ମନମୋହନ ସାମଲଙ୍କୁ ପୁନଃ ସୁଯୋଗ ମିଳିବ ଅବା ସଂଗଠନକୁ ନୂଆ ମୁହଁ ମିଳିବ, ତାହା ଦଳୀୟ କର୍ମୀଙ୍କ ମଧ୍ୟରେ ଚର୍ଚ୍ଚାର କାରଣ ପାଲଟିଛି।

ନୂତନ ରାଜ୍ୟ ସଭାପତି ନିର୍ବାଚନ ପାଇଁ ତୃଣମୂଳ ସ୍ତରରେ ପ୍ରଥମେ ମଣ୍ଡଳ ସଭାପତି ଏବଂ ପରେ ଜିଲ୍ଲା ସଭାପତି ନିର୍ବାଚନ ସମ୍ପନ୍ନ ହୋଇଥିଲା। ତେବେ ଏକାଧିକ କାରଣ ଯୋଗୁଁ ▶ପୃଷ୍ଠା-୭

## ରଥଟଣାରେ ମହାବିଭ୍ରାଟ

# କାରଣ କ'ଣ, ଉତ୍ତରଦାୟୀ କିଏ?

> ଭିଡ଼ ଆଳରେ ଖସିଯାଉଛନ୍ତି କି ସରକାର!
>
> ପାଳନ ହେଉନି କି କାର୍ ଫେଷ୍ଟିଭାଲ୍ କୋଡ୍
>
> ରଥ ମୋଡ଼ନେବାକୁ ଗୁରୁତ୍ୱ ଦେଲେନି କାହିଁକି
>
> କୁଆଡ଼େ ଗଲା ମହାକୁମ୍ଭ ଭିଡ଼ ନିୟନ୍ତ୍ରଣ ମଡେଲ୍
>
> ବିଫଳ ହେଲା କି ଡ୍ରୋନ୍, ଏଆଇ କ୍ୟାମେରା

■ ଭୁବନେଶ୍ୱର, ୨୮।୬ (ସମିସ): ଚଳିତ ରଥଯାତ୍ରାରେ ବିଭ୍ରାଟ ଦେଶବିଦେଶର କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ମନରେ ଆଘାତ ପହଞ୍ଚାଇଛି। ମହାପ୍ରଭୁଙ୍କ ଘୋଷଯାତ୍ରା ସୁପରିଚାଳନାକୁ ନେଇ ରାଜ୍ୟ ସରକାର ପୁଣିଥରେ କାଠଗଡ଼ାକୁ ଟାଣି ହୋଇଆସିଛନ୍ତି।

ସରକାର ରଥଯାତ୍ରା ପୂର୍ବରୁ ସମସ୍ତ ପ୍ରକାର ପ୍ରସ୍ତୁତି ଠିକ୍ ଭାବେ ଚାଲିଛି ବୋଲି କହିଥିଲେ। କିନ୍ତୁ କିଛି ଠିକ୍ ନାହିଁ ଓ ବିଭାଗ-ବିଭାଗ ମଧ୍ୟ ଆଦୌ ସମନ୍ୱୟ ନାହିଁ ବୋଲି ଜଳଜଳ ଦେଖାଯାଇଥିଲା। ଏବେ ରଥଟଣା ବିଳମ୍ବକୁ ଲୁଚାଇବା ପାଇଁ ସରକାର ଆଶାଠାରୁ ଅଧିକ ଭିଡ଼ ହୋଇଥିବା କହି ନିଜ ମୁଣ୍ଡରୁ ଦୋଷ ଖସାଇଦେବାକୁ ଉଦ୍ୟମ କରୁଛନ୍ତି। ବାସ୍ତବରେ କ'ଣ ପାଇଁ ଏଭଳି ଅସୁବିଧା ଘଟିଲା, ତା'ର ପ୍ରକୃତ କାରଣ ଖୋଜିବାକୁ ସାମାନ୍ୟତମ ଚେଷ୍ଟା କରୁନାହାନ୍ତି। ଚଳିତବର୍ଷ ଆରମ୍ଭରୁ ଏଭଳି ବିଭ୍ରାଟ ହେଲାଣି। ତେଣୁ ଆଗକୁ ଏହି ନବ ଦିନାତ୍ମକ ଯାତ୍ରା ସୁରୁଖୁରରେ ସରିବ କି ନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଶୁକ୍ରବାର ରଥଟଣା ବିଳମ୍ବକୁ ନେଇ ହଟଚମଟ ହେବା ପରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମ ସାମ୍ନାକୁ ଆସି କହିଲେ, ଆଶାଠୁ ଅଧିକ ଭିଡ଼ ଯୋଗୁଁ ଏଭଳି ଘଟିଲା। ହେଲେ ମନ୍ତ୍ରୀଙ୍କ ଏଭଳି ହାଲୁକା ଟିପ୍ପଣୀକୁ ସଚେତନ ନାଗରିକ ସହଜରେ ଗ୍ରହଣ କରିପାରୁନାହାନ୍ତି। କାରଣ ନିକଟ ଅତୀତରେ ଅନୁଷ୍ଠିତ ପ୍ରୟାଗରାଜ ମହାକୁମ୍ଭରେ କୋଟି କୋଟି ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରୟାଗରାଜରେ ଭିଡ଼ ନିୟନ୍ତ୍ରଣ ପାଇଁ ଉତ୍ତର ପ୍ରଦେଶ ସରକାର ଡ୍ରୋନ୍ ଓ ଏଆଇ କ୍ୟାମେରା ନିୟୋଜିତ କରିଥିଲେ। ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରୟାଗରାଜ ମଡେଲ୍‌ରେ ଡ୍ରୋନ୍ ଓ ଏଆଇ କ୍ୟାମେରା ମାଧ୍ୟମରେ ଭିଡ଼ ନିୟନ୍ତ୍ରଣ କରାଯିବ ବୋଲି ରାଜ୍ୟ ସରକାର କହିଥିଲେ। ବିଶେଷକରି ଡ୍ରୋନ୍ ସାହାଯ୍ୟରେ ରଥ ସହ ଲକ୍ଷାଧିକ ଭକ୍ତଙ୍କ ସମାଗମ ଓ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ ବୋଲି ଆଲୋଚନା କରିଥିଲେ। ହେଲେ ମାତ୍ର ▶ପୃଷ୍ଠା-୭

## ଘରେ ପଶି ଛାତ୍ରୀଙ୍କୁ ଦୁଷ୍କର୍ମ




■ ବୈଶିଙ୍ଗା, ୨୮।୬ (ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ପଞ୍ଚାୟତ ଅଞ୍ଚଳରେ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀକୁ ଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ବୈଶିଙ୍ଗା ପୁଲିସ୍ ଅଭିଯୁକ୍ତ ଟାରଜନ୍ ମାଝୀକୁ ଗିରଫ କରି କୋର୍ଟଚାଲାଣ କରିଛି। ଏହାସହ ପୁଲିସ୍ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଇବା ସହ ବୟାନ ରେକର୍ଡ କରିଛି। ସୂଚନାନୁଯାୟୀ, ଷଷ୍ଠ ଶ୍ରେଣୀରେ ପଢୁଥିବା ଏହି ଛାତ୍ରୀଜଣଙ୍କ ମା'ଙ୍କ ସହ ବୈଶିଙ୍ଗା ଅଞ୍ଚଳରେ ଭଡ଼ାରେ ରହୁଥିଲେ। ଗତକାଲି ତାଙ୍କ ମା' କୌଣସି କାମରେ ବାହାରକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଦାହିବାଡ଼ି ଗ୍ରାମର ଟାରଜନ ତାଙ୍କ ଘରକୁ ଆସିଥିଲା। ମୋବାଇଲ୍ ଚାର୍ଜ ▶ପୃଷ୍ଠା-୭






# ଶ୍ରୀଗୁଣ୍ଡିଚା ମନ୍ଦିରରୁ ହୋଇଥିଲା ପ୍ରଥମ ରଥଯାତ୍ରା

ନବଦିନାତ୍ମକ ଯାତ୍ରାରେ ବାହାରିଥିବା ଚତୁର୍ଦ୍ଧାବିଗ୍ରହ ଏବେ ଶରଧାବାଲିରେ। ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ତିନିରଥ। ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରୁଛନ୍ତି ଭକ୍ତ। ରବିବାର ଅପରାହ୍ଣରେ ପହଣ୍ଡି ହୋଇ ଆଡ଼ପମଣ୍ଡପ ଯିବେ ଦାରୁବିଗ୍ରହ। ତେବେ ରଥଯାତ୍ରା କଥା ଉଠିଲେ ସମସ୍ତଙ୍କ ମନରେ ଆସେ ଶ୍ରୀମନ୍ଦିରରୁ ଦାରୁବିଗ୍ରହ ଶ୍ରୀଗୁଣ୍ଡିଚା ମନ୍ଦିରକୁ କାହିଁକି ଯାତ୍ରା କରିଥା'ନ୍ତି। ହେଲେ ଅନେକ ବୋଧହୁଏ ଜାଣି ନ ଥିବେ ପ୍ରଥମ ରଥଯାତ୍ରା ଶ୍ରୀଗୁଣ୍ଡିଚା ମନ୍ଦିରରୁ ହିଁ ଆରମ୍ଭ ହୋଇଥିଲା। ଅର୍ଥାତ୍ ଦାରୁବିଗ୍ରହମାନେ ଗୁଣ୍ଡିଚା ମନ୍ଦିରରୁ ରଥରେ ବସି ଶ୍ରୀମନ୍ଦିରକୁ ଯାତ୍ରା କରିଥିଲେ।

ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଶ୍ରୀଗୁଣ୍ଡିଚା ମନ୍ଦିର ହେଉଛି ଚତୁର୍ଦ୍ଧାବିଗ୍ରହଙ୍କ ଜନ୍ମସ୍ଥାନ। ଏଠାରେ ଦାରୁବିଗ୍ରହ ପ୍ରଥମେ ଆବିର୍ଭୂତ ହୋଇଥିଲେ। ଏଠାରୁ ରଥରେ ବସି ଶ୍ରୀମନ୍ଦିରକୁ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ରଥରୁ ଜଣେ ଜଣେ ଦିଅଁ ଯାଇ ଶ୍ରୀମନ୍ଦିରରେ ପ୍ରତିଷ୍ଠିତ ହୋଇଥିଲେ ବୋଲି ସ୍କନ୍ଦ ପୁରାଣରେ ଏପରି ବର୍ଣ୍ଣନା ରହିଛି। ମହାପ୍ରଭୁଙ୍କ ରଥଯାତ୍ରାକୁ ନବଦିନାତ୍ମକ ଯାତ୍ରା ମଧ୍ୟ କୁହାଯାଏ। ଏହି ୯ ଦିନ ମଧ୍ୟରୁ ଯିବା ଏବଂ ଆସିବା ଦୁଇଦିନକୁ ଛାଡ଼ିଦେଲେ ଠାକୁରମାନେ ଏକ ସପ୍ତାହ ଧରି ଆଡ଼ପ ମଣ୍ଡପରେ ଅବସ୍ଥାନ କରିଥା'ନ୍ତି। କିନ୍ତୁ ଚଳିତବର୍ଷ ଅଧିକ ଗୋଟିଏ ଦିନ ରଥ ଉପରେ ରହିବେ ଠାକୁର। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ଅପେକ୍ଷା ଆଡ଼ପମଣ୍ଡପରେ ଦର୍ଶନ କଲେ ଅଧିକ ପୁଣ୍ୟ ମିଳିଥାଏ। ଅର୍ଥାତ୍ ଶ୍ରୀମନ୍ଦିରରେ ୧୦ବର୍ଷ ମହାପ୍ରଭୁଙ୍କୁ ଦର୍ଶନ କଲେ ଯେତିକି ପୁଣ୍ୟ ମିଳିଥାଏ ଆଡ଼ପମଣ୍ଡପରେ ଗୋଟିଏ ଦିନ ଦର୍ଶନ କଲେ ସେତି କି ପୁଣ୍ୟପ୍ରାପ୍ତି ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ଏହି ଆଡ଼ପମଣ୍ଡପ ନିକଟରେ ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ତୀର୍ଥ ଇନ୍ଦ୍ରଦ୍ୟୁମ୍ନ ସରୋବର ରହିଛି।

ଇନ୍ଦ୍ରଦ୍ୟୁମ୍ନ ସରୋବର ନିକଟରେ ଶ୍ରୀନୀଳକଣ୍ଠେଶ୍ୱର ରହିଛନ୍ତି। ଏହି ନବଦିନାତ୍ମକ ଯାତ୍ରା କାଳରେ ଅନେକ ଭକ୍ତ ପ୍ରତିଦିନ ଇନ୍ଦ୍ରଦ୍ୟୁମ୍ନ ସରୋବରରେ ସ୍ନାନ କରି ଶ୍ରୀନୀଳକଣ୍ଠଙ୍କୁ ଦର୍ଶନ କରିଥା'ନ୍ତି। ଏହାପରେ ମହାପ୍ରଭୁଙ୍କୁ ଦର୍ଶନ କରି ବ୍ରତ ପାଳିଥା'ନ୍ତି। ସେହିପରି ଗୁଣ୍ଡିଚା ମନ୍ଦିରକୁ ଲାଗି ଶ୍ରୀନୃସିଂହ ଦେବଙ୍କ ମନ୍ଦିର ରହିଛି। ଏହି ସମୟରେ ଶ୍ରୀନୃସିଂହ ଦେବଙ୍କୁ ଦର୍ଶନ କରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଆଡ଼ପ ମଣ୍ଡପରେ ଦର୍ଶନ କଲେ ଅନନ୍ତ ପୁଣ୍ୟଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଠାକୁରମାନେ ଏଠାରେ ଅବସ୍ଥାନ କରୁଥିବା ସମୟରେ ଅନେକ ବ୍ୟକ୍ତି ବ୍ରାହ୍ମଣଙ୍କୁ ମହାପ୍ରସାଦ ଭୋଜନରେ ମଧ୍ୟ ଆପ୍ୟାୟିତ କରିଥା'ନ୍ତି। ହେରାପଞ୍ଚମୀରେ ମହାଲକ୍ଷ୍ମୀ ଠାକୁରାଣୀ ସ୍ୱୟଂ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରନ୍ତି। ସେଠାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରି ନନ୍ଦିଘୋଷ ରଥରୁ ଖଣ୍ଡିଏ କାଠ ଭାଙ୍ଗି ହେରାଗୋହିରୀ ବାଟ ଦେଇ ପୁଣି ଶ୍ରୀମନ୍ଦିରକୁ ଫେରି ଯାଇଥା'ନ୍ତି। ଆଷାଢ଼ ଶୁକ୍ଳ ନବମୀ ଦିନ ଶ୍ରୀଗୁଣ୍ଡିଚା ମନ୍ଦିରରେ ଦୁର୍ଲଭ ସନ୍ଧ୍ୟା ଦର୍ଶନ ମଧ୍ୟ ଅନୁଷ୍ଠିତ ହୋଇଥାଏ।









# ସପରିବାର ମହାପ୍ରଭୁଙ୍କୁ ଦର୍ଶନ କଲେ ଗୌତମ ଆଦାନୀ

ସପରିବାର ରଥାରୂଢ଼ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ବିଶିଷ୍ଟ ଶିଳ୍ପପତି ତଥା ଆଦାନୀ ଗ୍ରୁପ୍‌ର ଅଧ୍ୟକ୍ଷ ଗୌତମ ଆଦାନୀ। ଶନିବାର କଡ଼ା ସୁରକ୍ଷାବଳୟ ମଧ୍ୟରେ ଧର୍ମପତ୍ନୀ ଓ ପୁଅଙ୍କ ସହ ଆଦାନୀ ପୁରୀରେ ପହଞ୍ଚିଥିଲେ। ଗୁଣ୍ଡିଚା ମନ୍ଦିର ନିକଟରେ ତାଙ୍କୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ ପୂର୍ବକ ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସ୍ୱାଗତ କରାଯାଇଥିଲା। ପରେ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ ନିକଟକୁ ଯାଇ ପ୍ରତ୍ୟେକ ଠାକୁରଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ସେଠାରୁ ଆଦାନୀ ଗୁଣ୍ଡିଚା ମନ୍ଦିର ପଛ ପାର୍ଶ୍ୱରେ ଥିବା ସୁଷମା ଗାର୍ଡେନରେ ପହଞ୍ଚିଥିଲେ। ସେଠାରେ ଆଦାନୀ ପକ୍ଷରୁ ଆୟୋଜିତ ହୋଇଥିବା ନିଃଶୁଳ୍କ ପ୍ରସାଦ ସେବା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସୁଷୁମା ଗାର୍ଡେନ ପ୍ରାଙ୍ଗଣରେ ଥିବା ମହାପ୍ରଭୁଙ୍କୁ ପ୍ରଥମେ ଗୌତମ ଆଦାନୀ ଓ ତାଙ୍କ ପରିବାର ସଦସ୍ୟ ଦର୍ଶନ ପରେ ରୋଷଶାଳାକୁ ଯାଇ ନିଜେ ଖାଦ୍ୟ ରାନ୍ଧିଥିଲେ। ନିଜେ ରନ୍ଧା ଯାଇଥିବା ପ୍ରସାଦକୁ ଭକ୍ତ, ଶ୍ରଦ୍ଧାଳୁଙ୍କୁ ବାଣ୍ଟିଥିଲେ।



ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଆଦାନୀ କହିଥିଲେ, ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରି ବେଶ୍ ଖୁସି ଅନୁଭବ କରୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ରଥଯାତ୍ରାରେ ଲୋକଙ୍କ ନିକଟକୁ ଆସିଛନ୍ତି। ଏହା ପ୍ରମାଣିତ କରୁଛି ଅହଂକାର ଆଗରେ ନମ୍ରତାର ବେଶ୍ ଗୁରୁତ୍ୱ ରହିଛି। ମହାପ୍ରଭୁଙ୍କ ଚରଣକୁ ଆସିବାର ମୋର ସୌଭାଗ୍ୟ ମିଳିଲା। ଏହି ମୁହୂର୍ତ୍ତ ମୋ ସାରା ଜୀବନ ପାଇଁ ଏକ ଅଭୁଲା ସ୍ମୃତି ହୋଇ ରହିବ। ମୋ ପାଖରେ ଦିନ ଥିଲା କିଛି ନ ଥିଲା, ହେଲେ ଲୋକଙ୍କ କୃପା ଓ ମହାପ୍ରଭୁଙ୍କ ଆଶୀର୍ବାଦ ଯୋଗୁଁ ଏବେ ମୋ ପାଖରେ ସବୁ କିଛି ଅଛି। ଦେଶର ଉନ୍ନତି ଓ ଓଡ଼ିଶାର ସମୃଦ୍ଧି ନେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛି। ମହାକୁମ୍ଭରେ ପ୍ରଥମେ ଲୋକଙ୍କ

**ରଥାରୂଢ଼ ଠାକୁରଙ୍କୁ ଦେଖିଲେ, ଭକ୍ତଙ୍କୁ ପ୍ରସାଦ ବାଣ୍ଟିଲେ**

ସେବା ପାଇଁ ପ୍ରୟାସ ଆରମ୍ଭ କରିଥିଲି। ଆଗାମୀ ଦିନରେ କିଭଳି ଏହି ସେବା ଜାରି ରହିବ ସେ ନେଇ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ସଂକଳ୍ପ ନେଇଛି। ରଥଯାତ୍ରାକୁ ସଫଳ କରିବା ପାଇଁ ପୁରୀ ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାର, ସଫେଇ କର୍ମଚାରୀଙ୍କ ସହ ଅନେକ ଅନୁଷ୍ଠାନ ଲାଗିଛନ୍ତି। ମୁଁ ତାଙ୍କୁ ଅଭିବାଦନ ଜଣାଉଛି ବୋଲି କହିଥିଲେ ଶିଳ୍ପପତି ଆଦାନୀ। ଏହାପରେ ସେ ବେଳାଭୂମିକୁ ଯାଇ ଲାଇଫ୍‌ଗାର୍ଡଙ୍କ ସହ କଥା ହୋଇଥିଲେ। ସେମାନଙ୍କ ଜୀବନଶୈଳୀ ଏବଂ ପର୍ଯ୍ୟଟକଙ୍କୁ କିପରି ସେବା ଯୋଗାଉଛନ୍ତି ସେ ବିଷୟରେ ପଚାରି ବୁଝିଥିଲେ।

ସୂଚନାଥାଉ କି, ଆଦାନୀ ପକ୍ଷରୁ ପୁରୀରେ ସମୁଦାୟ ୨୧ଟି ଷ୍ଟଲ୍ ହୋଇଥିବା ବେଳେ ସକାଳ, ଦ୍ୱିପ୍ରହର ଓ ସନ୍ଧ୍ୟାରେ ଭକ୍ତଙ୍କୁ ଖାଦ୍ୟ ବିତରଣ କରାଯାଉଛି। ରଥଯାତ୍ରା ପୂର୍ବଦିନଠାରୁ ଆସନ୍ତା ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଆଦାନୀ ପକ୍ଷରୁ ମାଗଣା ବା ନିଃଶୁଳ୍କ ଖାଦ୍ୟ, ଜୁସ୍ ବଣ୍ଟନ କରାଯାଉଥିବା ସହ ସମୁଦାୟ ୪୦ଲକ୍ଷ ଲୋକଙ୍କୁ ଏହି ପ୍ରସାଦ ସେବା ପ୍ରଦାନ କରାଯିବ। ଆଦାନୀ ପକ୍ଷରୁ ଅନୁଷ୍ଠିତ ପ୍ରସାଦ ସେବା କାର୍ଯ୍ୟକ୍ରମରେ ୫ହଜାରରୁ ଅଧିକ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଛନ୍ତି। ପ୍ରସାଦ ସେବାରେ ରଥଯାତ୍ରାରେ ସାମିଲ୍ ରହିଥିବା ସରକାରୀ ଅଧିକାରୀ ଓ ପୁଲିସ ଅଧିକାରୀଙ୍କୁ ମଧ୍ୟ ନିଃଶୁଳ୍କରେ ଖାଦ୍ୟ ବଣ୍ଟନ କରାଯାଉଛି। ଅନ୍ୟପଟେ ଦେଶୀ ପଦ୍ଧତିରେ ଚୁଲାରେ ରୁଟି, ଡାଲମା, ଭାତ, ରାଜମା, ଛୋଲେ, ପୁରୀ, ମିଠା ଇତ୍ୟାଦି ପ୍ରସ୍ତୁତ କରାଯାଉଥିବା କହିଛନ୍ତି ଇସ୍କନର ମୁଖପାତ୍ର ବଲ୍ଲୀ ମୁରାରୀ ଦାସ।

## ଅନୁଭୂତିରେ ଜଗନ୍ନାଥ...

### ■ ଡୋରି ଲଗାଇ ଆଫ୍ରିକାରୁ ଟାଣି ଆଣିଲା ଜଗା




ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କରୁଣା ବିଷୟରେ ବହୁ ଶୁଣିଥିଲେ ମଧ୍ୟ ଠାକୁରଙ୍କ ଡୋରି ଲାଗୁନଥିବାରୁ ମୁଁ ଆସି ପାରୁନଥିଲି। ପ୍ରଥମଥର ପାଇଁ ମୁଁ ଆଫ୍ରିକାରୁ ଧାଇଁ ଆସିଛି। ପୁରୀ ଆସିବାର ସୌଭାଗ୍ୟ ମିଳି ଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି। ଗତକାଲି ଜଗନ୍ନାଥଙ୍କୁ କେବଳ ଦର୍ଶନ କରିଥିଲି। ହେଲେ ଆଜି ରଥ ଟାଣିବାର ସୌଭାଗ୍ୟ ପାଇଲି। ସେଥିପାଇଁ ନିଜକୁ ଧନ୍ୟ ମନେ କରୁଛି। ଦର୍ଶନ କରିବା ସହ ରଥ ବି ଟାଣିଲି। ଏଠାରେ ମୋତେ ଅପୂର୍ବ ଆନ୍ଦ ଲାଗୁଛି।

-ସୁଲାସି ମହାରାଣୀ, ଭକ୍ତ

### ■ ଅପୂର୍ବ ଦୃଶ୍ୟ, କେବେ ଦେଖିନଥିଲି



ମୁଁ ୨୦ ଦିନ ହେଲା ପୁରୀରେ ରହିଛି। ଗତକାଲି ପ୍ରଥମଥର ରଥଯାତ୍ରା ଦେଖିବାର ସୁଯୋଗ ପାଇଥିଲି। ଲକ୍ଷଲକ୍ଷ ଭକ୍ତଙ୍କ ସାମାଗମ ଏକ ଅଭୂତପୂର୍ବ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ପୂର୍ବରୁ ଏଭଳି ଦୃଶ୍ୟ କେବେ ବି ଦେଖିନଥିଲି। ଆଜି ମଧ୍ୟ ରଥଯାତ୍ରା ଦେଖିବି। ସାଧାରଣତଃ ଭକ୍ତମାନେ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ମନ୍ଦିର ଯାଇଥା'ନ୍ତି। ହେଲେ ରଥଯାତ୍ରାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଭକ୍ତଙ୍କୁ ଦର୍ଶନ ଦେବା ଆସନ୍ତି।

-ଗୌରାଙ୍ଗୀ ଗନ୍ଧାର୍ବିକା ଦେବୀ ଦାୟିସୀ, ଭକ୍ତ

### ■ ରଥରେ ଠାକୁର ଦର୍ଶନ ଭାଗ୍ୟରେ ଥିଲେ ମିଳେ



ମୁଁ ବୃନ୍ଦାବନ ଆଶ୍ରମରେ ରହୁଛି। ମୋର ଗୁରୁମାନେ ମଧ୍ୟ ଗଜନ୍ନାଥଙ୍କୁ ଦର୍ଶନ କରିବାକୁ ଆସିଛନ୍ତି। ଜଗନ୍ନାଥଙ୍କ ନିଟକରେ ମୋର ବହିଗୁଡ଼ିକ ଅର୍ପଣ କରିବି। ପୂର୍ବରୁ କେବେ ମୁଁ ଏତେ ନିଟକରୁ ରଥଯାତ୍ରା ଦେଖି ନଥିଲି। ଠାକୁରଙ୍କୁ ରଥରେ ଦେଖିବା ପରେ ବହୁତ ଖୁସି ଲାଗୁଛି। ସତରେ ମୁଁ ଭାଗ୍ୟବାନ। ଗୁଣ୍ଡିଚା ମନ୍ଦିର ମଧ୍ୟ ଦର୍ଶନ କରିଛି।

-ସୂର୍ଯ୍ୟଶ୍ୱରୀ ଦାୟିସୀ, ଭକ୍ତ

### ■ କାଳିଆ ମୋ ଆଖି ଲୁହ ନିଶ୍ଚିତ ବୁଝିପାରିବ



ଗତକାଲି ରଥଯାତ୍ରାରେ ବଡ଼ଦାଣ୍ଡରେ ରଥ ଅଟକି ଯାଇଥିଲା। ଅନେକ ଭକ୍ତ ରଥ ଟାଣି ନ ପାରିବାରୁ ତାଙ୍କ ଆଖିରେ ଲୁହ ଦେଖିବାକୁ ମିଳିଥିଲା। ରାଜ୍ୟ ବାହାରୁ ପ୍ରତିବର୍ଷ ରଥଯାତ୍ରାରେ ଧାଇଁ ଆସୁଥିବା ଜଣେ ମହିଳା ଭକ୍ତ କାନ୍ଦି କାନ୍ଦି କହିଛନ୍ତି ଯେ ମୁଁ ପିଲାଦିନରୁ ଟିଭିରେ ରଥଯାତ୍ରା ଦେଖିବା ସହ ପିତାମାତାଙ୍କଠାରୁ ରଥଯାତ୍ରା ବିଷୟରେ ଶୁଣିଥିଲି। ଏହାପରେ ବିଗତ କିଛି ବର୍ଷ ହେବ ମୁଁ ରଥଯାତ୍ରାରେ ରଥ ଟାଣିବାର ସୌଭାଗ୍ୟ ଅର୍ଜନ କରିଛି। ବଡ଼ଦାଣ୍ଡରେ ରଥ ଉପରେ ମହାପ୍ରଭୁଙ୍କ ଦିବ୍ୟଦର୍ଶନ ମନକୁ ଶାନ୍ତି ଦେଇଥାଏ। କିନ୍ତୁ ଏଥର ଠାକୁରଙ୍କୁ ରଥରେ ଦର୍ଶନ କରିଥିଲେ ବି ରଥ ଟାଣିପାରିନାହିଁ। ଜଗନ୍ନାଥ ମୋ ଆଖିର ଲୁହକୁ ନିଶ୍ଚିତ ବୁଝିପାରିବେ। ମୁଁ ନିଶ୍ଚିତ ଭାବେ ରଥ ଟାଣିବି। ସାରା ବିଶ୍ୱ ଦେଖୁଛି ଜଗନ୍ନାଥ ରଥ ଅଟକାଇ ଛିଡ଼ା ହୋଇଛନ୍ତି, ଜଗନ୍ନାଥ ବି ପ୍ରତିଟି ଭକ୍ତଙ୍କ ଆଖିର ଲୁହକୁ ଦେଖିପାରୁଛନ୍ତି। ମୋର ବିଶ୍ୱାସ, ଜଗନ୍ନାଥ ମୋତେ ଏଥର ରଥ ଟାଣିବାର ସୁଯୋଗ ଦେବେ।

## କୋଟିଆରେ ରଥ ଟାଣିଲେ ୫ ମନ୍ତ୍ରୀ



ପଟ୍ଟାଙ୍ଗି, ୨୮ ।୬(ସମିସ): ପୁରୀ ରଥଯାତ୍ରାର ଦିନକ ପରେ ଆଦିମ ଶ୍ରୀକ୍ଷେତ୍ର ଭାବେ ପରିଚିତ କୋଟିଆରେ ଆଜି ରଥ ଗଡ଼ିଛି । ଉପମୁଖ୍ୟମନ୍ତ୍ରୀ କେ.ଭି ସିଂଦେଓଙ୍କ ସମେତ ମନ୍ତ୍ରୀ ସୁରେଶ ପୂଜାରୀ, ବିଭୂତି ଭୂଷଣ ଜେନା, ନିତ୍ୟାନନ୍ଦ ଗଣ୍ଡ ଓ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଏହି ରଥଯାତ୍ରାରେ ସାମିଲ ହୋଇ ରଥ ଟାଣିଛନ୍ତି । ମନ୍ତ୍ରୀମାନେ ଜୟପୁର ବିମାନବନ୍ଦରରେ ଅବତରଣ କରିବା ପରେ କୋଟିଆସ୍ଥିତ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ । ସେଠାରେ ରଥାରୂଢ଼ ଶ୍ରୀଜିଉଙ୍କୁ ପୂଜାର୍ଚ୍ଚନା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା । ଜୟ ଜଗନ୍ନାଥ ଧ୍ୱନି ସାଙ୍ଗକୁ ପାରମ୍ପରିକ ଆଦିବାସୀ ନାଚଗୀତରେ ରଥଦାଣ୍ଡ ଉଚ୍ଛୁଳି ପଡ଼ିଥିଲା । ମାଲକାନଗିରି ପଡ଼ିଆ ବ୍ଲକ୍ ଇରାଗୁଣ୍ଡି ଗ୍ରାମର କୟା ନାଚ, ପୁକାଲି ସରକାରୀ ଉଚ୍ଚ ବିଦ୍ୟାଳୟର କାଠି ନାଚ, ପଟ୍ଟାଙ୍ଗି ଗ୍ରାମର ଢେମସା ଓ ବାଦ୍ୟଯନ୍ତ୍ର ଉପସ୍ଥିତ ଶହଶହ ଭକ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଏହାବ୍ୟତୀତ ବିଭିନ୍ନ ସ୍ଥାନରୁ ଆସିଥିବା ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ସଙ୍କୀର୍ତ୍ତନ ପରିବେଶକୁ ଭକ୍ତିମୟ କରିଥିଲା ।

କାର୍ଯ୍ୟକ୍ରମରେ ସାଂସଦ ସପ୍ତଗିରି ଉଲାକା ଓ ବଳଭଦ୍ର ମାଝି ଏବଂ ବିଧାୟକ ରାମଚନ୍ଦ୍ର କାଡାମ, ତାରାପ୍ରସାଦ ବାହିନୀପତି, ରଘୁରାମ ମାଛ ଓ ରୁପୁ ରୁପୁ ଭୋତ୍ରାଙ୍କ ସମେତ ବରିଷ୍ଠ କଂଗେସ ନେତା ଜୟରାମ ପାଙ୍ଗି, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ଜିଲ୍ଲା ପରିଷଦ ସଦସ୍ୟ ଟିକାଇ ଗେମେଲ ଓ ଲଇଛନ ଖରା, ବ୍ଲକ୍ ଅଧ୍ୟକ୍ଷା କଳ୍ପନା ପାଙ୍ଗି, ସୁନାବେଡ଼ା ମ୍ୟୁନିସିପାଲିଟି ଚେୟାରମ୍ୟାନ ରାଜେନ୍ଦ୍ର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ ।

ପରେ ମନ୍ତ୍ରୀମାନେ ପଞ୍ଚାୟତ କାର୍ଯ୍ୟାଳୟଠାରେ ପହଞ୍ଚି ସ୍ଥାନୀୟ ଜନପ୍ରତିନିଧି, ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ଜନପ୍ରତିନିଧିମାନେ ମନ୍ତ୍ରୀମାନଙ୍କୁ ୨୨ଦଫା ଦାବି ସମ୍ବଳିତ ଏକ ପତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ୍, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ପଟ୍ଟାଙ୍ଗି ବିଡିଓ ରାମକୃଷ୍ଣ ନାୟକ, ତହସିଲଦାର ଦେବେନ୍ଦ୍ର ଧାରୁଆ ପ୍ରମୁଖ ପରିଚାଳନା କରିଥିଲେ ।

### ରଥଯାତ୍ରା ଅଘଟଣ, ବିଭ୍ରାଟ

# ସରକାରଙ୍କୁ ସଂତୃପ୍ତଙ୍କ ୮ ପ୍ରଶ୍ନ

ଭୁବନେଶ୍ୱର,୨୮ ।୬(ସମିସ): ଚଳିତବର୍ଷ ରଥଯାତ୍ରାରେ ଅଘଟଣ, ବିଶୃଙ୍ଖଳା ଓ ବିଭ୍ରାଟକୁ ନେଇ ସରକାରଙ୍କୁ ସମାଲୋଚନା ଥମୁନାହିଁ । ଅବ୍ୟବସ୍ଥାକୁ ନେଇ ସରକାରଙ୍କୁ ୮ଟି ପ୍ରଶ୍ନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର । ସେ କହିଛନ୍ତି ଯେ ଓଡ଼ିଆ ଅସ୍ମିତାର ପ୍ରକୃତ ଚିହ୍ନ ହେଲେ ମହାପ୍ରଭୁ ଜଗନ୍ନାଥ ଏବଂ ଓଡ଼ିଆ ଅସ୍ମିତାର ଅଭୂତ ପରିଚୟ ହେଲା ମହାପ୍ରଭୁଙ୍କ ରଥଯାତ୍ରା । ସେ ଯେଉଁ ପ୍ରଶ୍ନ ଉଠାଇବାକୁ ଯାଉଛନ୍ତି, ସେଗୁଡିକ ରାଜନୈତିକ ନୁହେଁ । ଏହା ଓଡ଼ିଆ ଅସ୍ମିତା ସହିତ ଜଡିତ ପ୍ରଶ୍ନ । ସରକାର ଗଭୀର ଆତ୍ମଚିନ୍ତନ ପରେ ସମସ୍ତ ପ୍ରଶ୍ନର ଉତ୍ତର ରଖିବା ପାଇଁ ସାହାସ ଜୁଟାଇବେ ବୋଲି ଶ୍ରୀ ମିଶ୍ର ଏକ୍ସରେ ଆଶା ପ୍ରକାଶ କରିଛନ୍ତି ।

ଶ୍ରୀ ମିଶ୍ର କହିଛନ୍ତି ଯେ ଗତବର୍ଷ ପହଣ୍ଡି ସମୟରେ ବଳଭଦ୍ର ମହାପ୍ରଭୁ ତଳେ ପଡ଼ିଯାଇଥିବା ଭଳି ଅଘଟଣ ଘଟିଥିଲା । ଏହାକୁ ନେଇ ତଦନ୍ତ ଆରମ୍ଭ ହୋଇଥିଲା । ବର୍ଷେ ହେଲାଣି, ତଦନ୍ତ ରିପୋର୍ଟ କେଉଁଠି? କୌଣସି ଦାୟିତ୍ୱ ନିର୍ଣ୍ଣୟ ବା କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଯାଇନି? ଦ୍ୱିତୀୟ ପ୍ରଶ୍ନ : ରଥଯାତ୍ରାର ୪୨ ବର୍ଷର ଇତିହାସରେ ପ୍ରଥମ ଥର ତିନୋଟି ରଥ ବଡଦାଣ୍ଡରେ ଅଟକି ଯିବା ଓ ନନ୍ଦିଘୋଷ ରଥ ତା ନିଜର ନିର୍ଦ୍ଧାରିତ ସ୍ଥାନରୁ ବାହାରିପାରିନଥିବା ଦେଖିବାକୁ ମିଳିଲା । ସନ୍ଧ୍ୟା ୭.୪୫ ପରେ ରଥ ଟାଣିବା ନିଷ୍ପତ୍ତି ଏବଂ ଏହି ବିଧି ଭଙ୍ଗ କାହା ଅନୁମତିରେ ଘଟିଲା ? ସମସ୍ତେ ଜାଣନ୍ତି ଯେ ସନ୍ଧ୍ୟା ପରେ ରଥ ଟାଣିବା ଆରମ୍ଭ ହୁଏ

■ ଗତବର୍ଷ ମହାପ୍ରଭୁ ବଳଭଦ୍ରଙ୍କ ପହଣ୍ଡି ଅଘଟଣ ତଦନ୍ତ ରିପୋର୍ଟ କାହିଁ?
■ ସନ୍ଧ୍ୟା ୭ଟା ୪୫ ମିନିଟ ପରେ ରଥ ଟାଣିବା ନିଷ୍ପତ୍ତି କାହାର?
■ ବିନା ଅନୁମତିରେ ଲୋକେ କର୍ଡନ ଭିତରେ ପଶିଲେ କେମିତି?

ନାହିଁ । ତେଣୁ ଏମିତି ଅନିୟମିତତା କେମିତି ହେଲା? ତୃତୀୟ ପ୍ରଶ୍ନ: ପାଞ୍ଚ ଦିନ ପୂର୍ବରୁ ଅନୁଷ୍ଠିତ ନୀତିକାନ୍ତି ଦ୍ୱାରା ସ୍ପଷ୍ଟ ଭାବରେ ଜଣାଯାଏ ଯେ କେବେ ପହଣ୍ଡି ଆରମ୍ଭ ଓ ଶେଷ ହେବ । ତଦନୁଯାୟୀ ରଥଟଣା ଆରମ୍ଭ ହେବାର ଥିଲା । ଏହି ଅନୁଷ୍ଠାନ ଓ ପ୍ରବନ୍ଧନ ଉପରେ ଦୃଷ୍ଟି ରଖିବା ଦାୟିତ୍ୱ କାହାର ଥିଲା ? ଲକ୍ଷ-ଲକ୍ଷ ଭକ୍ତଗଣ ଓଡ଼ିଶା ବାହାରୁ ଏହି ମହାପ୍ରଭୁଙ୍କ ଅଭୂତ ଲୀଳା ଦେଖିବାକୁ ଆସିଥିଲେ । କିନ୍ତୁ ରଥ ଟଣା ଦେଖି ନ ପାରି ନିରାଶ ହୋଇ ଘରକୁ ଫେରିଯାଇଛନ୍ତି । ଏହା ଏକ ଓଡ଼ିଶାର ଆତ୍ମଗର୍ବ ଉପରେ କଳଙ୍କ । ଭକ୍ତଙ୍କ ମନରେ ସବୁଦିନ ପାଇଁ ଏହି ବ୍ୟଥା ରହିଯିବ । ଏଥିପାଇଁ ଦାୟୀ କିଏ? ପଞ୍ଚମ ପ୍ରଶ୍ନ: ଏତେ ଦୁଃଖଦ ଘଟଣା ଏବଂ ବ୍ୟବସ୍ଥାର ଅଭାବ କାହାର ଅପାରଗତା ପାଇଁ ଘଟିଲା? ବିଭିନ୍ନ ବିଶିଷ୍ଟ ବ୍ୟକ୍ତିମାନେ (ଭିଆଇପି) ଯେଉଁମାନେ ବାହାରୁ ନିମନ୍ତ୍ରିତ ହୋଇ ଆସିଥିଲେ । ସେମାନଙ୍କୁ ଅଧିକ ଧ୍ୟାନ ଦେବାକୁ ଯାଇ, ପୁଲିସ ପ୍ରଶାସନର ନଜର ରଥଯାତ୍ରା ରୁ ହଟିଗଲା କି ? ଷଷ୍ଠ ପ୍ରଶ୍ନ: କର୍ଡନ ଭିତରେ ଅନୁମତି ବିନା ବହୁ ଲୋକ ପଶିଯାଇଥିଲେ । ଅନୁମତି ବିନା ଏତେ ଲୋକ କେମିତି ପ୍ରବେଶ କଲେ? ଅନେକ କହୁଛନ୍ତି, ଯେଉଁମାନେ କର୍ଡନ ଭିତରେ ପଶିଯାଇଥିଲେ ସେମାନେ ଶାସକ ଦଳର ସମର୍ଥକ ଏବଂ ତାଙ୍କର ପୁଲିସର ଅନୁମତି ଦରକାର ନଥିଲା । ଏହା ଓଡ଼ିଆ ଅସ୍ମିତା ପାଇଁ ଅନ୍ୟାୟ ଓ ଅପମାନ ନୁହେଁ କି? ସପ୍ତମ ପ୍ରଶ୍ନ: ରଥଯାତ୍ରାରେ ହୋଇଥିବା ଦଳଚକଟାରେ ୬୦୦ରୁ ଅଧିକ ଭକ୍ତ ଆହତ ହେବା ଏହା ପ୍ରଶାସନର ବିଫଳତା ନୁହେଁ କି ? ଏଭଳି ଘଟଣା ଘଟିବା ପରେ ଆଗକୁ ଆସୁଥିବା ଯାତ୍ରାରେ ସେମାନେ ଘରେ ରହି ପ୍ରାର୍ଥନା କରିବେ ବୋଲି ଭକ୍ତଙ୍କଠାରୁ ଶୁଣିବାକୁ ମିଳୁଛି । ଜଗନ୍ନାଥ ଧାମ ଆସିବେ ନାହିଁ । ଏହା ଓଡ଼ିଆ



ଅସ୍ମିତାର ଅପମାନ ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି । ନିଜ ଶେଷ ପ୍ରଶ୍ନରେ ଶ୍ରୀ ମିଶ୍ର କହିଛନ୍ତି ଯେ ବର୍ଷେ ପରେ ମଧ୍ୟ ଶ୍ରୀମନ୍ଦିରର ପରିଚାଳନା କମିଟିର ପୁନର୍ଗଠନ କରାଯାଇ ପାରି ନାହିଁ କାହିଁକି ? ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ ବିଜେପି ସରକାର କ୍ଷମତାକୁ ଆସିଛନ୍ତି । ଓଡିଶାବାସୀଙ୍କୁ ଓଡ଼ିଆ ଅସ୍ମିତା ନାମରେ ଆହ୍ୱାନ ଦେଇଥିଲେ । ମୋ ମନରେ ପ୍ରଶ୍ନ ଉଠୁଛି ଏହି ଓଡ଼ିଆ ଅସ୍ମିତା ପ୍ରତି ସମ୍ମାନ କେବଳ ଭୋଟ ପାଇଁ ଥିଲା କି ? ଯଦି ଓଡ଼ିଆ ଅସ୍ମିତାର ପ୍ରତୀକ ଜଗନ୍ନାଥଙ୍କ ରଥଯାତ୍ରାରେ ଏତେ ବିଚ୍ୟୁତି ହୋଇପାରେ, ତାହେଲେ ଏହି ସରକାରଙ୍କୁ ଓଡ଼ିଆ ଅସ୍ମିତା ର ସଂରକ୍ଷକ ଭାବେ ଆମେ ଗ୍ରହଣ କରି ପାରିବା କି ବୋଲି ସେ ପ୍ରଶ୍ନ କରିଛନ୍ତି ।

### ଅନହରପୁର ଘୋଷଯାତ୍ରାରେ ଅଘଟଣ

## ଡିଜେ ଗାଡ଼ି ଓଲଟି ନାବାଳକ ମୃତ

ଧାମନଗର,୨୮ ।୬(ସମିସ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନହରପୁର ଗାଁର ରଥଟଣା ବେଳେ ଅଘଟଣ ଘଟିଛି । କୋଲକାତାରୁ ଆସିଥିବା ଡିଜେ ଗାଡ଼ି କେନାଲକୁ ଓଲଟି ପଡ଼ିବାରୁ ତଳେ ଚାପି ହୋଇ ଜଣେ ନାବାଳକର ମୃତ୍ୟୁ ହୋଇଛି । ଏଥିରେ ଅନ୍ୟ କିଛି ଲୋକ ମଧ୍ୟ ଆହତ ହୋଇଛନ୍ତି । ମୃତକ ହେଲେ, ଗ୍ରାମର ସ୍ୱର୍ଗତ କିଶୋର ଚନ୍ଦ୍ର ରାଉତଙ୍କ ପୁଅ ସୌମ୍ୟରଞ୍ଜନ ରାଉତ (୧୩) ।



ସୂଚନାନୁଯାୟୀ, ଶୁକ୍ରବାର ସନ୍ଧ୍ୟା ପରେ ଗ୍ରାମରେ ରଥଟଣା ଆରମ୍ଭ ହୋଇଥିଲା । ରାତି ପ୍ରାୟ ସାଢ଼େ ୧୦ଟାରେ ଅନହରପୁର ବଜାରରେ ଡିଜେ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଫଳରେ ରଥ ଦେଖିବାକୁ ଆସିଥିବା ସୌମ୍ୟ ଓ ଅନ୍ୟ କିଛି ଲୋକ ଗାଡ଼ି ତଳେ ଚାପି ହୋଇଯାଇଥିଲା । ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରିଥିଲା । ଗୁରୁତର ସୌମ୍ୟକୁ ଧାମନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ ।

ବାପା କିଶୋର ରାଉତଙ୍କର ମୃତ୍ୟୁକୁ ବର୍ଷେ ପୂରି ନ ଥିବା ବେଳେ ପୁଅର ଏଭଳି ମୃତ୍ୟୁ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ଅନ୍ୟପଟେ ଧାମନଗର ପୁଲିସ ଉକ୍ତ ସ୍ଥାନରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି ।

ସୂଚନାଯୋଗ୍ୟ, ଗତମାସ ତିହିଡି ଅଞ୍ଚଳରେ ଏକ ଡିଜେ ଗାଡ଼ି ଓଲଟି ଜଣଙ୍କର ମୃତ୍ୟୁ ପରେ ଜିଲ୍ଲାରେ ଡିଜେ ଉପରେ ଜିଲ୍ଲା ପ୍ରଶାସନ କଟକଣା ଲଗାଇଥିଲା । ଏପରିକି, ଡିଜେକୁ ସଂପୂର୍ଣ୍ଣ ବନ୍ଦ କରାଯିବାକୁ ନେଇ ଏକ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇଥିଲା । କିନ୍ତୁ ପ୍ରଶାସନର ନିଷ୍ପତ୍ତି ପରେ ବି କିପରି ଅନହରପୁର ରଥ କମିଟିକୁ ଡିଜେ ବଜାଇବାକୁ କିଏ ଅନୁମତି ଦିଆଗଲା ଏବଂ କୋଲକାତାରୁ ଡିଜେ ଅଣାଗଲା; ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ଘଟଣାରେ ସଂପୃକ୍ତ ଥିବା ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୃତକଙ୍କ ମା'ଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି ।

## ଅବସର ୩ଦିନ ପୂର୍ବରୁ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ଭୁବନେଶ୍ୱର/ବ୍ରହ୍ମପୁର,୨୮ ।୬(ସମିସ): ଆଉ ୩ଦିନ ପରେ ନେଇଥାନ୍ତେ ଅବସର । ହେଲେ ତାହା ପୂର୍ବରୁ ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢଉ କରିଛି । ଚାକିରି କାଳରେ ସରକାରୀ ବାବୁ ଯେତିକି କଳାଧନ ଅର୍ଜନ

■ ଗୋଟିଏ ବହୁତଳ କୋଠା, ୨ଟି ଫ୍ଲାଟ୍, ୬ଟି ପ୍ଲଟ୍ ଠାବ
■ ନଗଦ ୨.୫ଲକ୍ଷ ଜବତ, ଆକାଉଣ୍ଟରେ ରହିଛି ୫୦ଲକ୍ଷ



କରିଥିଲେ ତାହାକୁ ଠାବ କରିଛି ଭିଜିଲାନ୍ସ । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗଞ୍ଜାମ ବ୍ଲକର ସହକାରୀ ଯନ୍ତ୍ରୀ ସୁଶୀଲ ପଣ୍ଡାଙ୍କ ଘରେ ଭିଜିଲାନ୍ସ ଆଜି ଚଢ଼ାଉ କରିଛି । ଗଞ୍ଜାମ ବ୍ଲକ କାର୍ଯ୍ୟାଳୟ ସମେତ ୭ରୁ ଅଧିକ ସ୍ଥାନରେ ଚଢ଼ଉ ହୋଇଛି । ବ୍ରହ୍ମପୁର ରାମହରି ନଗରରେ ଥିବା ତିନି ତାଲା କୋଠା, ଅଙ୍କୁଲି, ମୁକ୍ତେଶ୍ୱର ଆପାର୍ଟମେଣ୍ଟରେ ଥିବା ଦୁଇଟି ଫ୍ଲାଟ୍, ପୁରୀରେ ଥିବା ଫ୍ଲାଟ୍, କବିସୂର୍ଯ୍ୟନଗରରେ ଥିବା ପୈତୃକ ବାସଭବନ, ପୁରୁଷୋତ୍ତମପୁରରେ ଥିବା ଶଶୁର ଘର ଏବଂ ଗଞ୍ଜାମ ବ୍ଲକ୍ ଅଫିସରେ ଚଢଉ କରାଯାଇଛି । ଚଢଉରେ ୬ଜଣ ଡିଏସ୍‌ପି, ୭ ଇନ୍ସପେକ୍ଟର ଏବଂ ଅନ୍ୟଷ୍ଟାଫ୍ ସାମିଲ ଥିଲେ । ଚଢଉରେ ତାଙ୍କର ରାମ ହରି ନଗରରେ ଗୋଟିଏ ୩ତାଲା କୋଠା ଠାବ କରାଯାଇଥିବା ବେଳେ ଅଙ୍କୁଲିରେ ଗୋଟିଏ ୨ବିଏଚ୍‌କେ ଫ୍ଲାଟ୍, ପୁରୀରେ ଗୋଟିଏ ୧ବିଏଚ୍‌କେ ଫ୍ଲାଟ୍ ଠାବ କରାଯାଇଛି । ତାଙ୍କ ନାମରେ ଭୁବନେଶ୍ୱର, ଖୋର୍ଦ୍ଧା ଏବଂ ବ୍ରହ୍ମପୁରରେ ୬ଟି ପ୍ଲଟ୍ ଠାବ କୟରାଯାଇଛି । ତାହାର ମୂଲ୍ୟ କୋଟିଏ ଟଙ୍କାରୁ ଅଧିକ ହେବ । ଏହି ପ୍ଲଟ୍ ଗୁଡିକର ସଠିକ୍ ମୂଲ୍ୟାଙ୍କନ ପାଇଁ ଭିଜିଲାନ୍ସର ଟେକ୍ନିକାଲ ଟିମ୍ ଲାଗି ପଡିଛନ୍ତି । ତାଙ୍କ ଘରୁ ନଗଦ ୨ଲକ୍ଷ ୫ହଜାର ଟଙ୍କା ଜବତ କରାଯାଇଥିବା ବେଳେ ଘରୁ ୧୨୬ ଗ୍ରାମର ସୁନା ଅଳଙ୍କାର, ବ୍ୟାଙ୍କ୍‌ରେ ୫୦ଲକ୍ଷ ଜମା ରହିଛି । ସେହିପରି ବ୍ରହ୍ମପୁର ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ୍‌ରେ ସୁଶୀଲ ଏବଂ ତାଙ୍କ ପତ୍ନୀଙ୍କ ନାମରେ ଏକ ଲକର ରହିଛି । ଯାହାକୁ ଖୋଲିବା ପାଇଁ ଭିଜିଲାନ୍ସ ଟିମ୍ ପକ୍ରିୟା ଆରମ୍ଭ କରିଛି । କୋଟି କୋଟି ଟଙ୍କାର କଳାଧନ ସମ୍ପର୍କରେ ଭିଜିଲାନ୍ସ ଟିମ୍ ତାଙ୍କୁ ପଚରାଉଚରା କରୁଥିଲେ ମଧ୍ୟ ସେ ତାହାର ଉତ୍ତର ଦେଇପାରିନଥିଲେ । ଫଳରେ ଭିଜିଲାନ୍ସ ଟିମ୍ ତାଙ୍କୁ ଉଠାଇ ନେଇ ଏକ ଡିଏ ମାମଲା ରୁଜୁ କରି ତଦନ୍ତ କରୁଛି ।

ସୁଶିଲ ସୋମବାରେ ଅବସର ନେଉଥିବାରୁ ବ୍ଲକ୍ ଅଫିସରେ ତାଙ୍କ ପାଇଁ କର୍ମଚାରୀମାନେ ଏକ ବିଦାୟୀକାଳୀନ ସଭା ରଖିଥିଲେ । ଭିଜିଲାନ୍ସ ଚଢଉ କରି ସୁଶିଲଙ୍କୁ ଉଠାଇ ନେବା ପରେ ଏହାକୁ ବାତିଲ କରାଯାଇଛି । ସୁଶିଲ ପ୍ରଥମେ ୧୯୯୭ ମସିହାରେ ଗଞ୍ଜମା ଜିଲ୍ଲା ଶଙ୍ଖିମୁଣ୍ଡି ବ୍ଲକ୍‌ରେ ଜେଇ(ଚୁକ୍ତିଭିତ୍ତିକ) ଭାବେ ଚାକିରି କରୁଥିଲେ । ଏହାପରେ ସେ ୨୦୧୫ ପର୍ଯ୍ୟନ୍ତ ବିଭିନ୍ନ ବ୍ଲକ୍‌ରେ ଜେଇ ଭାବେ କାମ କରିଥିଲେ । ୨୦୧୫ ଅଗଷ୍ଟ ମାସରେ ଚାକିରି ସ୍ଥାୟୀ ହେବା ପରେ ପୁରୁଷୋତ୍ତମପୁର ବ୍ଲକ୍‌ରେ କାର୍ଯ୍ୟ କରିଥିଲେ । ୨୦୨୨ରେ ପ୍ରମୋସନ ପାଇଁ ସହକାରୀ ଯନ୍ତ୍ରୀ ଭାବେ ସେରଗଡ଼ ବ୍ଲକ୍‌ରେ ନିଯୁକ୍ତି ପାଇଥିଲେ । ୨୦୨୩ରେ ସେ ଗଞ୍ଜାମ ବ୍ଲକ୍‌ରେ ଏଇଇ ଭାବେ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ ।

## ଲାଞ୍ଚୁଆ ଫାର୍ମାସିଷ୍ଟଙ୍କୁ ୨ ବର୍ଷ ଜେଲ୍

ସୁନ୍ଦରଗଡ଼, ୨୮ ।୬ (ସମିସ): ସୁନ୍ଦରଗଡ଼ ଦୁର୍ନୀତି ନିବାରଣ ଅଦାଲତର ସ୍ୱତନ୍ତ୍ର ବିଚାରପତି ସସ୍ମିତା ପାଢ଼ୀ ଏକ ଲାଞ୍ଚ ଗ୍ରହଣ ମାମଲାର ବିଚାର କରି ଖଏଲଟୋଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଫାର୍ମାସିଷ୍ଟ ସନତ କୁମାର ମହାନ୍ତି (୫୫)ଙ୍କୁ ୨ବର୍ଷ ଜେଲ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ, ଅଧିକ ୪ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି ।



୨୦୧୩ ମସିହାରେ ଫାର୍ମାସିଷ୍ଟ ସନତ ଗୁରୁଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଥିବା ବେଳେ ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ବଡ଼ଗାଁଓର ଜଉରା ଓରାମ ତାଙ୍କ ମା' ଜିଦ୍ଧି ଓରାମଙ୍କୁ ଡାକ୍ତରଖାନା ଆଣିଥିଲେ । ସେତେବେଳେ ଫାର୍ମାସିଷ୍ଟ ଶ୍ରୀ ମହାନ୍ତି ତାଙ୍କୁ ଭଲ ଔଷଧ ଯୋଗାଇ ଦେବାକୁ ୧୨୦୦ ଟଙ୍କା ଲାଞ୍ଚ ମାଗିଥିଲେ । ଜଉରା ଏତେ ଟଙ୍କା ଦେବାକୁ ଅସାମର୍ଥ୍ୟତା ପ୍ରକାଶ କରି ୨୦୦ଟଙ୍କା ଦେବାରୁ କିଛିଟା ଔଷଧ ପ୍ରଦାନ କରିଥିଲେ । ବାକି ଏକ ହଜାର ଟଙ୍କା ଦେଲେ ଭଲ ଔଷଧ ଯୋଗାଇଦେବେ ବୋଲି କହିଥିଲେ । ସରକାରୀ ଡାକ୍ତରଖାନାରେ ସରକାର ରୋଗୀଙ୍କୁ ମାଗଣାରେ ଔଷଧ ଯୋଗାଇ ଦେଉଥିବା ବେଳେ ଫାର୍ମାସିଷ୍ଟଜଣକ ଔଷଧ ପାଇଁ ଲାଞ୍ଚ ମାଗିବା ଘଟଣା ଜଉରାଙ୍କୁ ବେଶ ବାଧିଥିଲା । ଏହା ବିରୋଧରେ ସେ ସମ୍ବଲପୁର ଦୁର୍ନୀତି ନିବାରଣ ବିଭାଗରେ ଫେରାଦ ହୋଇଥିଲେ । ପରେ ବିଭାଗ ପକ୍ଷରୁ ସନତକୁ ଧରିବାକୁ ଯୋଜନା କରାଯାଇଥିଲା । ଯୋଜନା ମୁତାବକ ୨୦୧୩ ମସିହା ସେପଟେମ୍ବର ୧୬ତାରିଖ ଦିନ ସେ ଜଉରା ଓରାମଙ୍କଠାରୁ ଲାଞ୍ଚ ଟଙ୍କା ନେଉଥିବା ବେଳେ ବିଭାଗୀୟ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର୍ ଶ୍ୟାମସୁନ୍ଦର ମିଶ୍ର ମାମଲା ପରିଚାଳନା କରୁଥିଲେ ।

## ସାନଭାଇର କାଠଫାଳିଆ ମାଡ଼ରେ ବଡ଼ ମୃତ

ବରପାଲି, ୨୮ ।୬(ସମିସ): ସଂପତ୍ତି ବିବାଦକୁ କେନ୍ଦ୍ର କରି ସାନଭାଇର କାଠଫାଳିଆ ମାଡ଼ରେ ବଡ଼ଭାଇର ମୃତ୍ୟୁ । ବରଗଡ଼ ଜିଲ୍ଲା ବରପାଲି ବ୍ଲକ୍ ମହୁଲପାଲି ଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି । ମୃତକ ହେଲେ, ବିବିଧ ଗଣିତ (୪୦) । ସେ ଗତକାଲି ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର ପଛପଟେ ଶୋଇଥିବା ବେଳେ ତାଙ୍କ ସାନଭାଇ ଛାୟାକାନ୍ତ ଗଣିତ (୩୫) ଏକ କାଠଫାଳିଆରେ ତାଙ୍କୁ ଆକ୍ରମଣ କରିଥିଲା । ଏଥିରେ ବିବିଧଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା । ପଡ଼ୋଶୀଙ୍କଠାରୁ ମିଳିଥିବା ସୂଚନାନୁଯାୟୀ, ପୈତୃକ ଜମି ବିକ୍ରି ଟଙ୍କା ନେଣଦେଣକୁ ନେଇ ଦୁଇଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହିଥିଲା । ପୂର୍ବ ରାଗରୁ ଅଭିଯୁକ୍ତ ଏହି କାଣ୍ଡ ଭିଆଇଥିବା ସେମାନେ କହିଛନ୍ତି । ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ଛାୟାକାନ୍ତକୁ ଗିରଫ କରି ପଚରାଉଚରା କରିଛି । ଏନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି ।

### ରଥଯାତ୍ରା ମହାବିଭ୍ରାଟ୍

## ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ବିଜେଡି

ଭୁବନେଶ୍ୱର,୨୮ ।୬(ସମିସ): ଚଳିତବର୍ଷ ତ୍ରୁଟିଶୂନ୍ୟ ଓ ସ୍ମରଣୀୟ ରଥଯାତ୍ରା ହେବ ଏବଂ ଏକ ଦିବ୍ୟ ଅନୁଭୂତି ନେଇ ଭକ୍ତମାନେ ଫେରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମାତ୍ର ରଥଯାତ୍ରା ଅବ୍ୟବସ୍ଥିତ ଓ ମହାବିଭ୍ରାଟରେ ସମ୍ପନ୍ନ ହେଲା । ବିଶେଷକରି ଗତବର୍ଷ ଅଘଟଣ ଏବଂ ବିଭ୍ରାଟରୁ ସରକାର କିଛି ଶିଖିଲେ ନାହିଁ । ସରକାରଙ୍କ ଏପରି ହେୟଜ୍ଞାନ ମନୋବୃତ୍ତି ଏବଂ ଅପାରଗତା ପାଇଁ ଯାହା କେବେ ଘଟିନଥିଲା ତାହା ଚଳିତ ବର୍ଷ ଘଟିଛି । ତେଣୁ ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀ ଏହାର ନୈତିକ ଦାୟିତ୍ୱ ନେଇ ଇସ୍ତଫା ପ୍ରଦାନ କରନ୍ତୁ ବୋଲି ଦାବି କରିଛି ବିଜେଡି ।

ଶନିବାର ଶଙ୍ଖ ଭବନରେ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି (ମୁଖ୍ୟାଳୟ) ତଥା ପୂର୍ବତନ ଆଇନ ମନ୍ତ୍ରୀ ପ୍ରତାପ ଜେନା ସରକାରଙ୍କୁ ରଥଯାତ୍ରା ଅଘଟଣ ପାଇଁ ପ୍ରବଳ ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ ଯଥା ସମୟରେ ସେବାୟତଙ୍କ ଦ୍ୱାରା ପହଣ୍ଡି ସମ୍ପନ୍ନ ହୋଇଥିଲେ ମଧ୍ୟ ସରକାରଙ୍କ ଅପାରଗତା ଲାଗି ଶରଧାବାଲିରେ ୩



■ ରଥଯାତ୍ରା ସ୍ମରଣୀୟ ଓ ଦିବ୍ୟ ଅନୁଭବ ହେବ ବୋଲି କହି ମହାବିଭ୍ରାଟ କଲେ
■ ଦଳୀୟ ନେତାଙ୍କୁ ଅତ୍ୟଧିକ କର୍ଡନ ପାସ୍ ରଥଟଣାରେ ବାଧକ
■ ମୃତାହତଙ୍କ ସଂଖ୍ୟା ସ୍ପଷ୍ଟ କରନ୍ତୁ ସରକାର

ରଥ ପହଞ୍ଚିବା ତ ଦୂରର କଥା ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ସିଂହଦ୍ୱାରରୁ ଘୁଞ୍ଚି ପାରିଲା ନାହିଁ । ପର୍ଯ୍ୟାପ୍ତ ସୁରକ୍ଷା କର୍ମୀ ଉପସ୍ଥିତ ଥିଲେ ମଧ୍ୟ ସରକାରଙ୍କ ଅପରିଣାମଦର୍ଶୀ ନିଷ୍ପତ୍ତି ଦ୍ୱାରା ପ୍ରଥମଥର ପାଇଁ ଅତ୍ୟଧିକ ସଂଖ୍ୟାରେ କର୍ଡନ ପାସ୍ ବଣ୍ଟନ, ରଥଟଣାରେ ବିଭ୍ରାଟ ସୃଷ୍ଟି କଲା । ରଥ ନିକଟରେ ବହୁ ସଂଖ୍ୟାରେ ଦଳୀୟ ନେତାଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ସେହିପରି ସାମ୍ବାଦିକମାନଙ୍କୁ ସରକାର ନିମନ୍ତ୍ରଣ କରି ପୁଲିସ ଦ୍ୱାରା ମାଡ଼ ମରାଇ ଲହୁଲୁହାଣ କରିବା ରଥଯାତ୍ରା ଇତିହାସରେ ପ୍ରଥମ ଅଟେ । ଅନେକ ବରିଷ୍ଠ ଓ ମହିଳା ସାମ୍ବାଦିକ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି । ଭିଡ଼ ନିୟନ୍ତ୍ରଣରେ ସରକାରଙ୍କ ପାରଦର୍ଶିତା ଅଭାବରୁ ଶହ ଶହ ସଂଖ୍ୟାରେ ଭକ୍ତ ଆହତ ହୋଇଛନ୍ତି ଓ କିଛି ଭକ୍ତ ମଧ୍ୟ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି । ପ୍ରଶାସନ ତୁରନ୍ତ ସ୍ପଷ୍ଟ କରନ୍ତୁ ରଥଯାତ୍ରାରେ କେତେ ସଂଖ୍ୟକ ଭକ୍ତ ମୃତାହତ ହୋଇଛନ୍ତି । ଶ୍ରୀ ଜେନା ଆହୁରି କହିଥିଲେ ଯେ ବିଡ଼ମ୍ବନାର ବିଷୟ ଏହି ଘଟଣା ପରେ ଉଭୟ ଆଇନ ମନ୍ତ୍ରୀ ଓ ଶ୍ରୀମନ୍ଦିର ପ୍ରଶାସକ କହିଛନ୍ତି 'ଏହା ପ୍ରଭୁଙ୍କ ଇଚ୍ଛା'ରୁ ହୋଇଛି । ଯାହା କେବେ ଘଟିନଥିଲା, ସେଭଳି ବିଭ୍ରାଟ ଚଳିତବର୍ଷ ରଥଯାତ୍ରାରେ ଘଟିଲା । ମହାପ୍ରଭୁ ଅଣସର ଘରେ ଥିବା ସମୟରେ ୩ ଠାକୁରଙ୍କ ପାଇଁ ଲାଗି ହେବା ମୋଦକ ଚୋରି ହେଲା ଓ ମାରା ମୋଦକ ମହାପ୍ରଭୁଙ୍କୁ ଅର୍ପଣ କରାଗଲା ବୋଲି ସେବାୟତଙ୍କ ଅଭିଯୋଗକୁ ଆଇନ ମନ୍ତ୍ରୀ ଓ ପ୍ରଶାସନ ଅସ୍ୱୀକାର କଲେ । ଗତବର୍ଷ ରଥଯାତ୍ରା ପହଣ୍ଡି ସମୟରେ ବଡ଼ ଠାକୁର ରଥରୁ ପଡିଯିବାର ତଦନ୍ତ ରିପୋର୍ଟ ଆଜିଯାଏଁ ସାର୍ବଜନୀନ ହେଲା ନାହିଁ । ଗତବର୍ଷର ଅଘଟଣରୁ ଶିକ୍ଷାଲାଭ କରି ସରକାର ଯଦି ସତର୍କ ହୋଇଥାନ୍ତେ, ତାହେଲେ ଚଳିତବର୍ଷ ଏଭଳି ବିଭ୍ରାଟ ହୋଇନଥାନ୍ତା । ଏହି ବିଭ୍ରାଟର ନୈତିକ ଦାୟିତ୍ୱ ନେଇ ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି ।

### କାହା ପ୍ରତି ଏତେ ଅନୁକମ୍ପା?

## ବଡ଼ଦାଣ୍ଡ ଗହଳିରେ ଛତିଶଗଡ଼ ଇନୋଭା

ପୁରୀ,୨୮ ।୬(ସମିସ): ଭିଡ଼ ନିୟନ୍ତ୍ରଣରେ ବିଫଳ ଯୋଗୁଁ ଶୁକ୍ରବାର ରଥଯାତ୍ରାରେ ଦେଖିବାକୁ ମିଳିଥିଲା ବିଭ୍ରାଟ । ସନ୍ଧ୍ୟା ସାଢ଼େ ୭ଟା ପର୍ଯ୍ୟନ୍ତ ସିଂହଦ୍ୱାରରୁ ଗଡ଼ି ନଥିଲା ନନ୍ଦିଘୋଷ ରଥ । ଏପରିକି, ଚଳିତ ରଥଯାତ୍ରାରେ ନାନାପ୍ରକାର ବିଶୃଙ୍ଖଳା ସୃଷ୍ଟି ହୋଇଥିଲା । ଭିଡ଼ ଏବଂ ଠେଲାପେଲା ଯୋଗୁଁ ପ୍ରାୟ ୬୦୦ଶ୍ରଦ୍ଧାଳୁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଏହା ସତ୍ତ୍ୱେ ଟ୍ରାଫିକ୍ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ଅଧିକାରୀଙ୍କର ଚେତା ପଶି ନଥିଲା । ଶନିବାର ସକାଳେ ବଡ଼ଦାଣ୍ଡରେ ରଥଟଣା ଯାଉଥିବା ବେଳେ ଭଡ଼ ଭିତରେ ଗଡୁଥିଲା ଛତିଶଗଡ଼ ପଞ୍ଜିକୃତ ଏକ ଇନୋଭା କାର୍ । ଏହାକୁ ଦେଖିବା ପରେ ସ୍ୱେଚ୍ଛାସେବୀ ସ୍ୱାଧୀନ କୁମାର ପଣ୍ଡା ସମ୍ପୃକ୍ତ କାର୍ ଚାଳକଙ୍କୁ ପ୍ରଶ୍ନ କରିଥିଲେ । ଆପଣ ରଥଟଣା ଚାଲିଥିବା ବେଳେ ବଡ଼ଦାଣ୍ଡ ଭିଡ଼ ଭିତରକୁ ପଶିଲେ କିପରି? ଏହି ଗାଡ଼ିରେ କିଏ ଆସିଛନ୍ତି? ହେଲେ ଡ୍ରାଇଭର ଜଣକ ଚୁପ୍ ରହିବାର କିଛି ସମୟ ପରେ ଏମ୍‌ଏଲ୍‌ଏ ଆସିଛନ୍ତି କହି ସେଠାରୁ ଖସିଯିବାକୁ ଚେଷ୍ଟା କରିଥିଲେ । ତେବେ ରାଜ୍ୟ ବାହାରର ଜଣେ ବିଧାୟକଙ୍କୁ କିପରି ଏମିତି ଅହେତୁକ ଅନୁକମ୍ପା ମିଳିଲା ଏବଂ କିଏ ତାଙ୍କୁ ଏଭଳି ଅନୁକମ୍ପା ଦେଖାଇଲା ତାହାକୁ ନେଇ ସମସ୍ତଙ୍କ ଭିତରେ ଚାଲିଛି ଚର୍ଚ୍ଚା ।

ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ, ଶନିବାର ସକାଳ ସାଢ଼େ ୯ଟାରେ ଆରମ୍ଭ ହୋଇଥିଲା ରଥଟଣା । ବଡ଼ଦାଣ୍ଡରେ ପ୍ରବଳ ଭିଡ଼ ଥିଲା । ତାଳଧ୍ୱଜ ରଥ ମେଡିକାଲ ଛକ ଅତିକ୍ରମ କରିସାରିଥିଲା । ପୂର୍ବାହ୍ନ ପ୍ରାୟ ୧୦ଟା ୪୫ରେ ବଳଗଣ୍ଡି ଛକରୁ ଗହଳି ଭିତରେ ଏକ ଇନୋଭା କାର୍ ବଗଲା ଧର୍ମଶାଳା ଆଡ଼କୁ ଯାଉଥିଲା । ଅର୍ଥାତ୍ ଏହି

### ଚାଳକ କହିଲେ ଏମ୍‌ଏଲ୍‌ଏ; ଟ୍ରାଫିକ୍ ଡିଏସ୍‌ପି କହୁଛନ୍ତି ଏନ୍‌ଏସ୍‌ଜି କମାଣ୍ଡୋ




କାର୍‌ଟି ନନ୍ଦିଘୋଷ ଏବଂ ଦେବଦଳନ ରଥ ମଧ୍ୟରେ ଥିଲା । ଛତିଶଗଡ଼ ପଞ୍ଜୀକୃତ ଏହି ଇନୋଭାର ନମ୍ବର ଥିଲା ସିଜି୦୪ଏନ୍‌କେ-୦୦୧୦ ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କିଭଳି ସମ୍ପୃକ୍ତ କାର୍‌କୁ ପାସ୍ ମିଳିଥିଲା । ଯଦି ବି ପାସ୍ ଥିଲା, ରଥ ଗଡୁଥିବା ବେଳେ ବଡ଼ଦାଣ୍ଡକୁ ପଶିଲା କେମିତି? ଟ୍ରାଫିକ୍ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ କରୁଥିଲେ କ'ଣ? ନା କାହା ଚାପରେ ସବୁ ନିୟମକାନୁନ୍‌କୁ ଦଳିମକଚି ଦିଆଯାଇଥିଲା? ଏମିତି ଅନେକ ପ୍ରଶ୍ନ ଏବେ ଉଙ୍କି ମାରୁଥିବା ବେଳେ ସେହି କାର୍‌ରେ ଆସିଥିବା ବ୍ୟକ୍ତିଜଣଙ୍କ କିଏ; ତାକୁ ନେଇ ସମସ୍ତଙ୍କ ଭିତରେ ଚାଲିଛି ଚର୍ଚ୍ଚା । ଯେଉଁଠି ପାସ୍ ପାଇଥିବା ସାମ୍ବାଦିକଙ୍କୁ ପୁଲିସ୍ କର୍ଡନ ଭିତରକୁ ନଛାଡ଼ି ଦୁର୍ବ୍ୟବହାର କରୁଛି ଏବଂ ସେମାନଙ୍କ ଗାଡ଼ିକୁ ଛାଡୁନାହିଁ; ସେଠି ଛତିଶଗଡ଼ର କାର୍‌କୁ କିପରି ଭିଡ଼ ଭିତରକୁ ଛାଡ଼ିଲା, ତାକୁ ନେଇ ସମସ୍ତେ ପ୍ରଶ୍ନ ଉଠାଇଛନ୍ତି ।

ଏ ସମ୍ପର୍କରେ ଟ୍ରାଫିକ୍ ଡିଏସ୍‌ପି ରାଜକୁମାର ପରିଡ଼ାଙ୍କୁ ପଚାରିବାରେ ତାହା ଏନ୍‌ଏସ୍‌ଜି କମାଣ୍ଡୋଙ୍କ କାର୍ ଥିଲା । ସେମାନଙ୍କ କାମ ଥିବାରୁ ବଡ଼ଦାଣ୍ଡକୁ ଆସିଥିଲେ । ଅନୁଧ୍ୟାନ ପରେ ସେମାନେ ଚାଲିଯାଇଥିଲେ ବୋଲି ସଫେଇ ଦେଇଛନ୍ତି । ଏପଟେ କାର୍‌ଚାଳକ ଏମ୍‌ଏଲ୍‌ଏ କହୁଥିବା ବେଳେ ଟ୍ରାଫିକ୍ ଡିଏସ୍‌ପି ସେହି ଗାଡ଼ିରେ ଏନ୍‌ଏସ୍‌ଜି କମାଣ୍ଡୋ ଆସିଥିଲେ କହିବା ଘଟଣା ଆହୁରି ଦ୍ୱନ୍ଦ୍ୱ ବଢ଼ାଇଛି ।

## ଆଜି ଲଘୁଚାପ: ୪ ତାରିଖ ଯାଏଁ ବର୍ଷା

ଭୁବନେଶ୍ୱର,୨୮ ।୬(ସମିସ): ଦକ୍ଷିଣ-ପଶ୍ଚିମ ବାଂଲାଦେଶ ଏବଂ ପାଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟ ଘୂର୍ଣ୍ଣିବଳୟ ଆସନ୍ତାକାଲି ଉତ୍ତର-ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଏବଂ ପଶ୍ଚିମବଙ୍ଗ ଉପକୂଳରେ ଏକ ଲଘୁଚାପର ରୂପ ନେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

କେନ୍ଦ୍ର ପକ୍ଷରୁ ଜାରପି ବୁଲେଟିନ ଅନୁଯାୟୀ ଆସନ୍ତାକାଲି ମୟୂରଭଞ୍ଜ ଜିଲ୍ଲାରେ ଅତି ପ୍ରବଳ ବର୍ଷା ଏବଂ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏହାବ୍ୟତୀତ ଝାରସୁଗୁଡା, ଦେବଗଡ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବର୍ଷା, ପବନ ସହ ଘଡଘଡିର ସମ୍ଭାବନା ରହିଛି । ୩୦ ତାରିଖରେ ସମାନ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଜିଲ୍ଲାରେ ପ୍ରବଳ ବର୍ଷା ଆକଳନ କରାଯାଇଥିବା ବେଳେ ଅନ୍ୟ ଜିଲ୍ଲାମାନଙ୍କରେ ବର୍ଷା, ପବନ ନେଇ ସୂଚନା ଜାରି କରିଛି ପାଣିପାଗ କେନ୍ଦ୍ର ।

### ନିବେଶ ଆଳରେ ଠକେଇ

## ଧାରଣା ଦେଲେ ୧୦୦ ଜମାକାରୀ

କପ୍ତିପଦା, ୨୮ ।୬ (ସମିସ): ଟ୍ରେଡିଂରେ ଅର୍ଥ ନିବେଶ ଆଳରେ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକି ନେଇଥିବା ଜଣେ ଧୂର୍ତ୍ତ ଘର ଆଗରେ ଜମାକାରୀମାନେ ଧାରଣା ଦେବା ଘଟଣା ଆଜି କପ୍ତିପଦା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ସୂଚନାନୁଯାୟୀ କପ୍ତିପଦା ଥାନା ଅନ୍ତର୍ଗତ ବିଶୋଳ ଗ୍ରାମର ଈଶ୍ୱର ବିଦ୍ଧାଣୀ ନିଜକୁ କୋଲକାତାର ଏକ ଟ୍ରେଡିଂ କମ୍ପାନୀର ଓଡ଼ିଶା ମୁଖ୍ୟ କହି ଲୋକଙ୍କଠାରୁ ବିପୁଳ ଅର୍ଥ ସଂଗ୍ରହ କରିଥିଲେ । କମ୍ ଦିନରେ ଅଧିକ ସୁଧ ମିଳିବାର ପ୍ରଲୋଭନ ଦେଖାଇ ସେ କଟକ, ଭୁବନେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଜଗତସିଂହପୁରଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ସ୍ଥାନର ଲୋକଙ୍କୁ ପ୍ରଲୋଭିତ କରି ଟଙ୍କା ନେଇଥିଲେ । କିନ୍ତୁ ଦୀର୍ଘ ଦିନ ପରେ ମଧ୍ୟ ଲାଭ ତ ମିଳିବା ଦୂରର କଥା, ନିବେଶକାରୀ ନିଜର ମୂଳଧନ ବି ପାଇନଥିଲେ । ଏନେଇ ନିବେଶକାରୀମାନେ ତାଙ୍କୁ ପଚାରିବାରୁ ସେ ଆଜି କାଲି କହି ଦିନ ଗଡ଼ାଇବା ପରେ ଏବେ ଫେରାର୍ ହୋଇଯାଇଛନ୍ତି । ଆଜି ୧୦୦ରୁ ଊର୍ଦ୍ଧ୍ୱ ଜମାକାରୀ ତାଙ୍କ ଘର ସାମ୍ନାରେ ରୁଣ୍ଡ ହୋଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଛନ୍ତି । ତେବେ ଖବର ଲେଖା ହେବା ବେଳକୁ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିଲା ।

# ନାଲକୋନଗରରେ ଘୋଷଯାତ୍ରା



ନାଲକୋନଗର,୨୮ ।୬(ସମିସ): ନାଲକୋନଗରରେ ମହାପ୍ରଭୁଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଛି। ମୁଖ୍ୟ ପୂଜକ ତାପସ ରଞ୍ଜନ ଶତପଥୀଙ୍କ ତତ୍ତ୍ୱାବଧାନରେ ଭୋର ୪ଟାରେ ମଙ୍ଗଳଆଳତି ଓ ଅନ୍ୟାନ୍ୟ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ସକାଳ ୭ରୁ ସାଢ଼େ ୯ଟା ମଧ୍ୟରେ ରଥ ପ୍ରତିଷ୍ଠା କରଯାଇଥିଲା। ମଙ୍ଗଳାର୍ପଣ ନୀତି ସରିବା ପରେ ପୂର୍ବାହ୍ନ ୧୦ଟା ୪୫ରେ ତିନି ଠାକୁରଙ୍କୁ ଧାଡ଼ିପହଣ୍ଡିରେ ରଥାରୂଢ଼ କରଯାଇଥିଲା। ମୁଖ୍ୟ ବାଡ଼ଗ୍ରାହୀ ଭାବେ ବଳଭଦ୍ରଙ୍କୁ ଦେବେନ୍ଦ୍ର କୁମାର ନନ୍ଦ, ସୁଭଦ୍ରାଙ୍କୁ ଲଲାଟେନ୍ଦୁ ମହାପାତ୍ର ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସତ୍ୟବାଦୀ ମିଶ୍ର ପହଣ୍ଡି ଦାୟିତ୍ୱ ନିର୍ବାହ କରିଥିଲେ। ଅପରାହ୍ନ ୧ଟା ୩୦ରେ ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମନ୍ଦିର କମିଟି ସଭାପତି ନରେଲ ସୁବ୍ରମଣ୍ୟମ ଛେରାପହଁରା କରିଥିଲେ। ୨ଟା ୪୫ରେ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ସାଢ଼େ ୬ଟାରେ ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା। ଚଳିତବର୍ଷ କଲୋନୀ ପରିସରରେ ନବନିର୍ମିତ ଗୁଣ୍ଡିଚା ମନ୍ଦିରକୁ ଶ୍ରୀଜୀଉଙ୍କ ରଥ ଗଡ଼ିଥିଲା। ସନ୍ଧ୍ୟାରେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ସରସ୍ୱତୀ ବିଦ୍ୟା ମନ୍ଦିରର ବରିଷ୍ଠ ଶିକ୍ଷକ ସାଂସ୍କୃତିକ ମଞ୍ଚ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ନାଲକୋ ଥାନା ଅଧିକାରୀ ଶ୍ୟାମଲାଲ ଓରାମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁଲିସ ଫୋର୍ସ ସହ ନାଲକୋ ସିଆଇଏସଏଫ, ଠିକା ସୁରକ୍ଷାକର୍ମୀ ନିୟୋଜିତ ହୋଇଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ନାଲକୋ ୱେଲ୍‌ଫେୟାର କମିଟି ପକ୍ଷରୁ ଦହି ସର୍ବତ ପ୍ରଦାନ କରାଯାଇଥିଲା। ଗୁଣ୍ଡିଚା ମନ୍ଦିରଠାରେ ଶ୍ରୀଜୀଉଙ୍କ ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

# ସାତକୋଶିଆ ଅଭୟାରଣ୍ୟ: ଲୋପ ପାଇଯିବ କି ହାତୀବଂଶ?

ଅନୁଗୋଳ,୨୮ ।୬(ସମିସ):




ସାତକୋଶିଆ ଅଭୟାରଣ୍ୟରେ ଏକ ମାସ ଭିତରେ ଚାରିଟି ଯୁବ ଦନ୍ତାହାତୀଙ୍କ ମୃତ୍ୟୁ ସ୍ଥାନୀୟ ଅଞ୍ଚଳ ତଥା ସମଗ୍ର ରାଜ୍ୟର ପଶୁପ୍ରେମୀ, ପରିବେଶବିତ୍ ତଥା ଜନସାଧାରଣଙ୍କ ମନରେ ଗଭୀର ଆଘାତ ଦେଇଛି। ସାତକୋଶିଆ ଅଭୟାରଣ୍ୟ ସଂଲଗ୍ନ ବଲଙ୍ଗ ଗ୍ରାମ ନିକଟରେ ଏକ ଯୁବ ଦନ୍ତା ପାଟିରେ ବିସ୍ଫୋରଣଜନିତ କ୍ଷତ, ନନ୍ଦପୁର ଗ୍ରାମ ନିକଟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୋଟିଏ ଦନ୍ତା, ଟିକରପଡ଼ା ପଞ୍ଚାୟତ ମଝିପଡ଼ା

■ ବାଘ ପରେ ଏବେ ହାତୀ ପାଳି

ନିକଟରେ ଗୋଟିଏ ଦନ୍ତା (ମୃତ୍ୟୁର କାରଣ ଅସ୍ପଷ୍ଟ) ଓ ଜଗନ୍ନାଥପୁର ପଞ୍ଚାୟତ କୁଲାଙ୍ଗି ଗ୍ରାମ ନିକଟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଯୁବ ଦନ୍ତାର ଅକାଳରେ ମୃତ୍ୟୁ ହୋଇଛି। ବନ ବିଭାଗ ଏହି ହାତୀ ମୃତ୍ୟୁ ପାଇଁ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କୁଲାଙ୍ଗି ଓ ନନ୍ଦପୁର ଗ୍ରାମରେ ଦୁଇଟି ଦନ୍ତା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜୀବନ ହରାଇଥିଲେ, ଉକ୍ତ ଦୁଇଟି ଘଟଣା ପ୍ରାୟ ସମାନ ଢଙ୍ଗରେ ଘଟିଛି। ଆମ୍ବ ବଗିଚାକୁ ହାତୀ ଦାଉରୁ ରକ୍ଷା କରିବା ପାଇଁ ସମ୍ପୃକ୍ତ ଦୁଇ ଚାଷୀ ବଗିଚାକୁ ସୌର ତାରବାଡ଼ ଦେବା ସହ ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର ମଧ୍ୟ ସଂଯୋଗ କରିଥିଲେ। ସେମାନେ ହାତୀ ମୃତ୍ୟୁ ପରେ ନିଜ ଦୋଷ ସ୍ୱୀକାର କରିଛନ୍ତି। ଏହିସବୁ ଘଟଣାକୁ ଅନୁଧ୍ୟାନ କଲେ ପ୍ରକୃତ ତଥ୍ୟ ଉପରେ ସାମୟିକ ଧାରଣା ଆସିପାରିବ ଯେ ସଚେତନା ଅଭାବ ହାତୀମୃତ୍ୟୁର ଏକ ମୁଖ୍ୟ କାରଣ ଆଉ ଏଥିପାଇଁ ବନ ବିଭାଗ ହିଁ ମୁଖ୍ୟତଃ ଦାୟୀ। ସାତକୋଶିଆ ଅଭୟାରଣ୍ୟ ବନ ବିଭାଗର ଅଧିକାରୀମାନଙ୍କ କାର୍ଯ୍ୟଶୈଳୀ ପାଇଁ ଏହିସବୁ ଅଘଟଣ ଘଟୁଛି। ବନବିଭାଗର ଦୁର୍ବଳ ଲୋକସମ୍ପର୍କ, ଜିଦଖୋର ମନୋଭାବ ଓ ଭୁଲ ରଣନୀତି ଯୋଗୁଁ ଆଜି ସାତକୋଶିଆ ଅଭୟାରଣ୍ୟରେ ଉଭୟ ନିରୀହ ଜନ୍ତୁ ଓ ସାତକୋଶିଆବାସୀ ବିପଦରେ। ବନ ବିଭାଗ ତରଫରୁ ବର୍ଷ ବର୍ଷ ଧରି ପଶୁସମ୍ପଦର ରକ୍ଷା, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ଆଦି ବିଷୟ ଉପରେ କୌଣସି ଗୋଟିଏ ଗାଁରେ ଜନସଚେତନା କାର୍ଯ୍ୟକ୍ରମ ହେବାର ନଜିର ନାହିଁ। ଯଦି ବନ ବିଭାଗ ଏଥିରେ ଅରାଜି ତେବେ ତାହା କେବଳ କାଗଜକଲମରେ ସୀମିତ ଓ ସେଥିରେ ଖର୍ଚ୍ଚ ହୋଇଥିବା ଟଙ୍କା ବାଟମାରଣା ହୋଇଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରନ୍ତି। ଜଙ୍ଗଲ ଜଗୁଆଳି ଭାବେ ନିଯୁକ୍ତି ପାଇଥିବା କିଛି ସ୍ଥାନୀୟ ବାସିନ୍ଦାଙ୍କୁ ଦିନବେଳେ ନିର୍ମାଣ ଶ୍ରମିକ ଭାବେ କାର୍ଯ୍ୟରେ ଲଗାଯାଉଛି। ଫଳରେ ସେମାନେ ହାଲିଆ ହୋଇ ରାତିରେ ଆଉ ଜଙ୍ଗଲରେ ପଶୁଙ୍କୁ ଜଗିବାକୁ ଯାଇପାରୁ ନାହାନ୍ତି। ରାତିରେ ବନ ବିଭାଗର କିଛି କର୍ମଚାରୀ ଗାଡ଼ିରେ ବୁଲି କେବଳ ରାସ୍ତାକଡ଼ରେ ଟର୍ଚ୍ଚ ଲାଇଟ ପକାଇ ବୁଲୁଥିବା ସାତକୋଶିଆ ଅଭୟାରଣ୍ୟରେ ଦେଖିବାକୁ ମିଳେ। ଟିକିଏ ଭିତରକୁ କାହାରି ନଜର ନ ଥାଏ। ତେଣୁ ହାତୀ ମରି ପଚିଶଢ଼ି ଗଲାପରେ ବନ ବିଭାଗ ଖବର ପାଏ। ଏହାର ଜ୍ୱଳନ୍ତ ଉଦାହରଣ ହେଲା ନିକଟରେ ମଝିପଡ଼ାଠାରେ ହୋଇଥିବା ହାତୀମୃତ୍ୟୁ। ଦୁଇବର୍ଷ ତଳେ ଜଗନ୍ନାଥପୁର ତରଭା ମୁଖ୍ୟ ରାସ୍ତାର ଅତି ନିକଟରେ ମଧ୍ୟ ଦୁଇଟି ହାତୀଙ୍କ ମୃତ୍ୟୁ ହୋଇ ପଚିଶଢ଼ି ଦୁର୍ଗନ୍ଧ ହେବା ପରେ ହିଁ ବନ ବିଭାଗ ଜାଣି ପାରିଥିଲା। ତେଣୁ ସାତକୋଶିଆ ବନ ବିଭାଗର ପାରିବା ପାଣିଆ ଏଥିରୁ ସହଜରେ ଅନୁମେୟ। ଅଭୟାରଣ୍ୟରେ ସ୍ଥାନୀୟ ବାସିନ୍ଦା ଓ ବନ ବିଭାଗ ମଧ୍ୟରେ ଉତ୍ତମ ସମ୍ପର୍କ ଓ ବୁଝାମଣାର ଘୋର ଅଭାବ ରହିଛି। ବନଖଣ୍ଡ ଅଧିକାରୀଙ୍କ ବିରୋଧରେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନେକ। କେବଳ ସାତକୋଶିଆ ଅଭୟାରଣ୍ୟ ଭିତରୁ ଫନ୍ଦି ଫିକର କରି ଗାଁ ଉଚ୍ଛେଦ, ଜଙ୍ଗଲ କାଟି ପଦା କରିବା, ଜନସମ୍ପର୍କ ନ ରଖିବା, ମନମୁଖି କାର୍ଯ୍ୟଶୈଳୀ, ଜୀବଜନ୍ତୁଙ୍କୁ ସୁରକ୍ଷା ନ ଦେଇ ସରକାରୀ ଅର୍ଥରେ ନିଜ ବାସ ଭବନକୁ ମେଘନାଦ ପାଚେରି ସଦୃଶ ଘେରାଇ ନିଜେ ସୁରକ୍ଷିତ ରହିବା, ଅଭୟାରଣ୍ୟ ଭିତରେ ଓ ସଂଲଗ୍ନ ଗାଁଗୁଡ଼ିକରେ ସଚେତନା କାର୍ଯ୍ୟକ୍ରମ ନ କରିବା, ସରକାରୀ ଅର୍ଥ ବାଟମାରଣା କରିବା, କିଛି ପ୍ରଭାବଶାଳୀ ଲୋକଙ୍କୁ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳ ବୁଲାଇ ନିଜ ସ୍ୱାର୍ଥ ସାଧନ କରିବା, ସାତକୋଶିଆରେ ପର୍ଯ୍ୟଟନର ବିକାଶ ଧାରାକୁ ଆନ୍ତରିକ ଭାବେ ବିରୋଧ କରିବା ଇତ୍ୟାଦି ବନ ବିଭାଗ ବିରୋଧରେ ସଙ୍ଗୀନ ଅଭିଯୋଗ ମାନ ରହିଛି। ସରକାର ଏହାରର ସଠିକ୍ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ଶାବଳଭଙ୍ଗାରେ ମହାପ୍ରଭୁଙ୍କ ଗୁଣ୍ଡିଚା ଯାତ୍ରା



ଅନୁଗୋଳ,୨୮ ।୬(ସମିସ): ଅନୁଗୋଳ ବ୍ଲକ ଶାବଳଭଙ୍ଗା ଗ୍ରାମରେ ଶୁକ୍ରବାର ଆଡ଼ମ୍ବର ସହକାରେ ପାଳନ ହୋଇଛି ମହାପ୍ରଭୁଙ୍କ ରଥଯାତ୍ରା। ଏଥିରେ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ସକାଳୁ ପୂଜକଙ୍କ ଦ୍ୱାରା ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀତିକାନ୍ତି ପରେ ପୂର୍ବାହ୍ନ ୧୧ଟାରେ ମନ୍ଦିର ପରିସର ଯଜ୍ଞ ମଣ୍ଡପରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୩ଟାରେ ପହଣ୍ଡିବିଜେ କରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରୂଢ଼ କରାଯାଇଥିଲା। ଗ୍ରାମର ବିଜୟ ବେହେରା ଛେରାପହଁରା କରିବା ପରେ ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ଡ୍ରାଇଭର ମହାସଂଘ ବାଲୁଅକଟା ପଞ୍ଚାୟତ ଶାଖା ପକ୍ଷରୁ ଦହି ସର୍ବତ ବଣ୍ଟନ କରାଯାଇଥିଲା। ସନ୍ଧ୍ୟା ସାଢ଼େ ୬ଟା ସୁଦ୍ଧା ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ରଥ ପହଞ୍ଚିଥିଲା। ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ମାଉସୀମା' ମନ୍ଦିର ପ୍ରାଙ୍ଗଣରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

# 'ଜନ ଜୈବବିବିଧତା ନଥିପତ୍ର ସୁରକ୍ଷା ପରିଚାଳନା ଏକ ଉପଯୋଗୀ ଦସ୍ତାବିଜ'

ଅନୁଗୋଳ,୨୮ ।୬(ସମିସ): ଜନ ଜୈବବିବିଧତା ନଥିପତ୍ର ଏକ ଆଇନଗତ ଦସ୍ତାବିଜ। ଜୈବବିବିଧତା ଅଧିନିୟମ ବ୍ୟବସ୍ଥାରେ ପ୍ରତ୍ୟେକ ସ୍ଥାନୀୟ ଅଞ୍ଚଳରେ ଏହି ଦସ୍ତାବିଜ ପ୍ରସ୍ତୁତି ହେବାର ନିର୍ଦ୍ଦେଶ ରହିଛି। ଏହି ଦସ୍ତାବିଜ ବା ନଥିପତ୍ର ସ୍ଥାନୀୟ ଅଞ୍ଚଳରେ ରହିଥିବା ଜୈବବିବିଧତା, ଜୈବବିବିଧତା ପ୍ରତି ରହିଥିବା ସମସ୍ୟା ଏବଂ ତାହାର ସୁରକ୍ଷାର ଉପାୟ ସହିତ ଜୈବ ସମ୍ପଦର ଧାରାବାହିକ ବ୍ୟବହାର କ୍ଷେତ୍ରରେ ପଥପ୍ରଦର୍ଶକ ହେବ। ଏହି ନଥିପତ୍ର ପ୍ରସ୍ତୁତି ପାଇଁ ଜାତୀୟ ଜୈବବିବିଧତା କର୍ତ୍ତୃପକ୍ଷ ଏକ ଗାଇଡଲାଇନ୍ ଜାରି କରିବା ସହିତ ୩୧ଟି ଫର୍ମର ସମସ୍ତ ବିଷୟକୁ ନେଇ ବିଭକ୍ତୀକରଣ କରିଛନ୍ତି। ଜୈବବିବିଧତା ନଥିପତ୍ର ପ୍ରସ୍ତୁତିରେ ସ୍ଥାନୀୟ ଅଞ୍ଚଳବାସୀ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଅଞ୍ଚଳରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଥିବା ବ୍ୟକ୍ତିବିଶେଷ, ଯାହାକି ସେମାନଙ୍କ ପାରମ୍ପରିକ ଜ୍ଞାନକୌଶଳକୁ ଆଧାର କରି ତଥ୍ୟ ସଂଗ୍ରହ କରିବା ବ୍ୟବସ୍ଥା ରହିଛି। ସ୍ଥାନୀୟ ଅଞ୍ଚଳରେ ଗଠନ ହୋଇଥିବା ଜୈବବିବିଧତା ପରିଚାଳନା ସମିତିର ଜନଜୈବବିବିଧତା ନଥିପତ୍ର ଏକ ଆଇନଗତ ପଞ୍ଜିକା। ଏହି ପଞ୍ଜିକା ସମିତି ଦ୍ୱାରା ପ୍ରସ୍ତୁତ ହେବା ସହ ତାହାର ପରିଚାଳନା ନ୍ୟସ୍ତ ରହିଛି। ଅନୁଗୋଳ ଜିଲ୍ଲା ସାତକୋଶିଆ ରାମସର ସାଇଟରେ ଏହି ନଥିପତ୍ର ୧୦ ପଞ୍ଚାୟତରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଚଳିତ ବର୍ଷାଋତୁରେ ପ୍ରଥମ କରି ପଞ୍ଚାୟତର ଗ୍ରାମ ପରିଦର୍ଶନ ସହ ସ୍ଥାନୀୟ ଅଞ୍ଚଳରେ ରହିଥିବା ପ୍ରାକୃତିକ ସମ୍ପତ୍ତିର ଆକଳନ ଓ ତଥ୍ୟ ସଂଗ୍ରହ କରାଯାଇଥିଲା। ଜଙ୍ଗଲରେ ଟ୍ରାଞ୍ଜାକ୍ ୱାକ୍ କରାଯାଇ ଜଙ୍ଗଲ ଜୈବବିବିଧତାର ଆକଳନ କରାଯାଇଥିଲା। ଜଙ୍ଗଲ ଜୈବବିବିଧତା ସହ କୃଷି, ମତ୍ସ୍ୟ, ମୃତ୍ତିକା, ଗୃହପାଳିତ ପଶୁମାନଙ୍କ ତଥ୍ୟ ସଂଗ୍ରହ କରାଯାଇଥିଲା। ଆଠମଲ୍ଲିକ ବ୍ଲକ ଜାମୁଡୋଲି, ଲୁହାସିଂହା, ଅଏଡ଼ା, ନଅଗାଁ, ପୁରୁଣାମାଣିତ୍ରୀ, ମାଧପୁର କମ୍ପଲା, କୁଦଗାଁ ଏବଂ ଲୁଣହାଣ୍ଡି ପଞ୍ଚାୟତରେ ଏହି ନଥିପତ୍ର ପ୍ରସ୍ତୁତି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଓଡ଼ିଶା ଜୈବବିବିଧତା ବୋର୍ଡ ପକ୍ଷରୁ ବିଭିନ୍ନ ପାରଦର୍ଶିତା ଥିବା ଗବେଷକ ଲକ୍ଷ୍ମୀପ୍ରିୟା ଦାସ, ନିଶା ନାୟକ, ତ୍ରିନାଥ ବଡ଼ନାୟକ ନଥିପତ୍ର ପ୍ରସ୍ତୁତିରେ ବିଜ୍ଞାନ ସମ୍ମତ ଓ ବୈଷୟିକ ବିଷୟରେ ସହାୟତା ପ୍ରଦାନ କରିଥିଲେ। ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ସଂଯୋଜକ ପ୍ରିୟବ୍ରତ ବେହେରା ଗ୍ରାମ ସ୍ତରରୁ ବିଭିନ୍ନ ତଥ୍ୟ ସଂଗ୍ରହରେ ସହାୟତା କରିଥିଲେ। ବନ ବିଭାଗ ପକ୍ଷରୁ ଆଠମଲ୍ଲିକ ଓ ମାଧପୁର ବନାଞ୍ଚଳର ବନପାଳ ସନ୍ତୋଷ ନାୟକ, ପୁଷ୍ପମିତ୍ର ସିଂହ ପ୍ରମୁଖ ଉପସ୍ଥିତ ରହି ନଥିପତ୍ର ପ୍ରସ୍ତୁତିରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୈବବିବିଧତା ପରିଚାଳନା ସମିତି ଅଧ୍ୟକ୍ଷ, ଅଧ୍ୟକ୍ଷା ଓ ସଭ୍ୟସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ଜୈବବିବିଧତା ବୋର୍ଡର ଅଣୁଜୀବ ବିଜ୍ଞାନୀ ଡା. ଶୁଭ୍ରାଂଶୁ ନାୟକ, ଜୀବ ବିଜ୍ଞାନୀ ଡା. ସତ୍ୟରଞ୍ଜନ ବେହେରା, ଉଦ୍ଭିଦ ବିଜ୍ଞାନୀ ଡା. ପ୍ରସାଦ ଦାସ ଏବଂ ସହଯୋଗୀ ଅନୁଷ୍ଠାନ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ସମ୍ପାଦକଙ୍କ ତତ୍ତ୍ୱାବଧାନରେ ଏହି ନଥିପତ୍ର ପ୍ରସ୍ତୁତି କାର୍ଯ୍ୟକ୍ରମ କରାଯାଉଛି।



# ରଶିରେ ବାନ୍ଧି ଯୁବକଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୨୮ ।୬(ସମିସ): ହଣ୍ଡପା ଥାନା କଟରଙ୍ଗା ଗ୍ରାମରେ ଶୁକ୍ରବାର ବାଗେଡିଆ ଗ୍ରାମର ଭାଗୀରଥି ନାୟକଙ୍କୁ ରଶିରେ ବାନ୍ଧି ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଆମ୍ବମୁଣ୍ଡା ଗ୍ରାମର ବାସୁ ନାୟକ, ତାଙ୍କ ସ୍ତ୍ରୀ ବାରି ନାୟକ ମିଶି ଭାଗୀରଥିଙ୍କୁ ମାଡ଼ ମାରିବା ସହ ହତ୍ୟା ଉଦ୍ୟମ କରିଥିବା ଭାଗୀରଥିଙ୍କ ପତ୍ନୀ ସୁକାନ୍ତି ନାୟକ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏ ନେଇ ଏକ ମାମଲା ରୁଜୁ କରିଛି। ଭାଗୀରଥି ତାଙ୍କ ବାଇକ ଯୋଗେ ଅଙ୍ଗପଡ଼ା ଏକ ଝିଅ ଦେଖିବାକୁ ଯାଇ ଘରକୁ ଫେରୁଥିବା ବେଳେ ଆମ୍ବମୁଣ୍ଡାଠାରେ ବାସୁ ଓ ବାରି ତାଙ୍କୁ ଅଟକାଇ ମାଡ଼ ମାରିଥିଲେ। ପରେ ଏକ ରଶିରେ ବାନ୍ଧି ତାଙ୍କୁ ମାଡ଼ ମାରିବା ସହ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# ରଥଯାତ୍ରାରେ ଓକିଲ ସଂଘର ସେବାକାର୍ଯ୍ୟ



ଅନୁଗୋଳ,୨୮ ।୬(ସମିସ): ରଥଯାତ୍ରା ଅବସରରେ ଜାତୀୟ ରାଜପଥସ୍ଥିତ ବଡ଼ଦାଣ୍ଡରେ ଅନୁଗୋଳ ଓକିଲ ସଂଘ ପକ୍ଷରୁ ସେବାକାର୍ଯ୍ୟ ଅନୁଷ୍ଠିତ ହୋଇଛି। ଓକିଲ ସଂଘ ସଭାପତି ହିମାଂଶୁ ଭୂଷଣ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଘର ଏହି ମହତ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସଂଘ ପକ୍ଷରୁ ରଥଯାତ୍ରାକୁ ଆସିଥିବା ଭକ୍ତଙ୍କୁ ଖେଚୁଡ଼ି, ତରକାରୀ, ଖଟା ଓ ହାଲୁଆ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଓକିଲ ସଂଘ ଉପସଭାପତି ପ୍ରତାପ ନାଏକ, ସାଧାରଣ ସମ୍ପାଦକ ଧ୍ରୁବଚରଣ ସାହୁ, ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ, ଗୋପାଳ ଚନ୍ଦ୍ର ନାଥ, ସୁଶୀଲ ପ୍ରଧାନ, ପ୍ରମୋଦ ମାଝୀ, ରମେଶ ସାହୁ, ସୋମନାଥ ରାଉତ, ତପନ ଦେହୁରୀ, ବିପିନ ସାହୁ, ଭୂପେଶ ପ୍ରଧାନ, ସନାତନ ପ୍ରଧାନ, ବିନୋଦ ମିଶ୍ର, ଯୋଗେଶ୍ୱର ପ୍ରଧାନ, ଧୀରେନ ପ୍ରଧାନ, ପାର୍ଥସାରଥି ପ୍ରଧାନ, ବିନୋଦ ସାମଲ, ମନୋରଞ୍ଜନ ଦାସ, ଗୋପାଳ ଅଗ୍ରୱାଲ, ପ୍ରେମାନନ୍ଦ ସାହୁ, ପ୍ରଦୀପ ଚନ୍ଦ୍ର ପ୍ରଧାନ, କୁଶ ସାହୁ, ପବିତ୍ର ମୁଦୁଲି, ବିରଞ୍ଚି ସାହୁ, ମିହିର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ୨୬୦ ପାଉଡ଼ି ଭୂୟାଁଙ୍କୁ ଘରବାରି ପଟ୍ଟା ବଣ୍ଟନ



ପାଲଲହଡ଼ା,୨୮ ।୬(ସମିସ): ରାଜ୍ୟ ସରକାରଙ୍କ "ମୋ ତହସିଲ ମୋ ଗାଁରେ' ଯୋଜନା ମାଧ୍ୟମରେ ଗୁରୁବାର ପାଲଲହଡ଼ା ଅଞ୍ଚଳରେ ଶହ ଶହ ବର୍ଷ ହେବ ବାସ କରୁଥିବା ପାଉଡ଼ି ଭୂୟାଁଙ୍କୁ ମିଳିଛି ଘରବାରି ଓ ଜମି ପଟ୍ଟା। ଜମରଡିହସ୍ଥିତ ପାଉଡି ଭୂୟାଁ ଉନ୍ନୟନ କର୍ତ୍ତୃପକ୍ଷ (ପିବିଡିଏ) କାର୍ଯ୍ୟାଳୟରେ ୨୬୦ ଜଣ ପାଉଡ଼ି ଭୂୟାଁ ଜନଜାତି ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ଦୀର୍ଘବର୍ଷ ହେବ ଏମାନେ ପାହାଡ଼ିଆ ଅଞ୍ଚଳରେ ବାସ କରି ଆସୁଛନ୍ତି। କିନ୍ତୁ ଏମାନଙ୍କୁ ଆଜିଯାଏ ଘରବାରି ପଟ୍ଟା ମିଳିପାରି ନ ଥିଲା। ଫଳରେ ଏମାନେ ସମସ୍ତ ସରକାରୀ ସୁବିଧା ପାଇପାରୁ ନ ଥିଲେ। ଜମରଡିହ ପିବିଡିଏ କାର୍ଯ୍ୟାଳୟରେ ଗୁରୁବାର ଆୟୋଜିତ ଉତ୍ସବରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମ ପର୍ଯ୍ୟାୟରେ ୨୬୦ ହିତାଧିକାରୀଙ୍କୁ ଘରବାରୀ ପଟ୍ଟା ଓ ଜଙ୍ଗଲ ଜମି ପଟ୍ଟା ଯୋଗାଇ ଦେଇଛନ୍ତି। ଆଗାମୀ ଦିନରେ ପିବିଡିଏ ଅନ୍ତର୍ଗତ ୫୯ ଗାଁର ସମସ୍ତ ହିତାଧିକାରୀଙ୍କୁ ଏହି ସୁବିଧା ଯୋଗାଇ ଦିଆଯିବ ବୋଲି ବିଧାୟକ ମହାନ୍ତି ପ୍ରକାଶ କରିଛନ୍ତି। ପାଲଲହଡ଼ା ତହସିଲଦାର ଆକାଂକ୍ଷା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅୟୋଜିତ ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ବରିଷ୍ଠ ବିଜେପି ନେତା ତନ୍ମୟ କୁମାର ସାହୁ, ଲିଙ୍ଗରାଜ ଦାଶ, ଆଶିଷ ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ଦୁର୍ଦ୍ଦିନରେ ତାଳଚେର ଟ୍ରକ୍ ମାଲିକ

ତାଳଚେରସଦର,୨୮ ।୬(ସମିସ):




■ ଟ୍ରେନ ଯୋଗେ କୋଇଲା ପରିବହନକୁ ଗୁରୁତ୍ୱ
■ ଲୋଡିଂରୁ ବଞ୍ଚିତ ହେଉଛନ୍ତି ଟ୍ରକ

ତାଳଚେରର ଆର୍ଥିକ ମେରୁଦଣ୍ଡ କହିଲେ କୋଇଲା ପରିବହନ କରୁଥିବା ଟ୍ରକ ବେପାର। ଏହି କୋଇଲା ଟ୍ରକ ଚାଲିଲେ ତାଳଚେରର ସମସ୍ତ ଦୋକାନ ବଜାରଠୁ ଆରମ୍ଭ କରି ସମସ୍ତେ ରୋଜଗାର ପାଇଥାନ୍ତି। ଟ୍ରକ ଯୋଗେ କୋଇଲା ପରିବହନ ବ୍ୟବସ୍ଥା ଧୀରେ ଧୀରେ ବିନାଶ ଆଡ଼କୁ ଗତି କରୁଛି। ବୈଠକ ଉପରେ ବୈଠକ ବସୁଛି ହେଲେ ଏମସିଏଲ କର୍ତ୍ତୃପକ୍ଷ ଯାହା ପ୍ରତିଶ୍ରୁତି ଦେଉଛନ୍ତି ତାହା ପାଳନ କରୁନାହାନ୍ତି। ତାଳଚେରରେ ଟ୍ରକ ଯୋଗେ ପର୍ଯ୍ୟାପ୍ତ ପରିମାଣର କୋଇଲା ପରିବହନ ହେଉ ନ ଥିବାରୁ ମାଲିକମାନେ ଦୁର୍ଦ୍ଦିନରେ ରହିଛନ୍ତି। ଟ୍ରେନ ଓ ରୋଡ୍‌ସେଲ ମାଧ୍ୟମରେ ୬୦-୪୦ ପ୍ରତିଶତ ନିୟମ କୁଆଡ଼େ ଗଲା ବୋଲି କଥା ଉଠିଛି।

କେନ୍ଦ୍ର ସରକାର ଟ୍ରେନ ଯୋଗେ କୋଇଲା ପରିବହନ ଗୁରୁତ୍ୱ ଦେଉଥିବାରୁ ବିଚରା ଟ୍ରକ ମାଲିକମାନେ ଉଚିତ ପରିମାଣରେ ଲୋଡିଂରୁ ବଞ୍ଚିତ ହେଉଛନ୍ତି। ଫଳରେ ଟ୍ରକ ମାଲିକମାନେ ଋଣ ଭାରରେ ପେଷି ହେଉଛନ୍ତି। କିଏ ଜମିବାଡ଼ି ବିକି ତ ଆଉକିଏ ସୁନାଗହଣା ବନ୍ଧା ପକାଇ ବ୍ୟାଙ୍କ କିସ୍ତି ଭରଣ କରୁଛନ୍ତି। ଆଉ କାହାର ଟ୍ରକଗୁଡ଼ିକୁ ଫାଇନାନ୍ସ କମ୍ପାନୀ ଟାଣିନେଲାଣି। ଯଦି ଏପରି ଭାବେ କୋଇଲା ପରିବହନ ଚାଲେ ତେବେ ଟ୍ରକ ମାଲିକଟି ଋଣଭାରରେ ପେଷିହୋଇ ଆତ୍ମହତ୍ୟା କରିବା ସୁନିଶ୍ଚିତ ବୋଲି କୁହାଯାଉଛି। ତାଳଚେର ଟ୍ରକ ମାଲିକମାନେ ଉଚିତ ଭଡ଼ା ଓ ପର୍ଯ୍ୟାପ୍ତ ପରିମାଣର କୋଇଲା ରୋଡ୍ ସେଲ ମାଧ୍ୟମରେ ପରିବହନ କରିବା ସହ ତାଳଚେର ଅଞ୍ଚଳର ଟ୍ରକ ମାଲିକଙ୍କୁ ଅଗ୍ରାଧିକାର ଭିତ୍ତିରେ କୋଇଲା ପରିବହନ ପାଇଁ ସୁଯୋଗ ଦେବା ଆଦି ଦାବି ନେଇ ବିଭିନ୍ନ ସମୟରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ତେବେ ଏମସିଏଲ କର୍ତ୍ତୃପକ୍ଷ ଟ୍ରକ ମାଲିକଙ୍କ ସ୍ୱାର୍ଥପ୍ରତି ଦୃଷ୍ଟି ନ ଦେଇ ସେମାନଙ୍କୁ ଅଣଦେଖା କରୁଥିବା ଟ୍ରକ ମାଲିକ ସଙ୍ଘ ପକ୍ଷରୁ ଅଭିଯୋଗ ହେଉଛି। ସୂଚନାଯୋଗ୍ୟ ଯେ ତାଳଚେର ଅଞ୍ଚଳରେ ମୁଖ୍ୟତଃ କୋଇଲା ପରିବହନକୁ ନେଇ ଏଠିକାର ଟ୍ରକ ମାଲିକମାନେ ନିଜ ଗୁଜରାଣ ମେଣ୍ଟାଉଥିବା ବେଳେ ବର୍ତ୍ତମାନ ସ୍ଥାନୀୟ ଟ୍ରକ ମାଲିକମାନେ ପର୍ଯ୍ୟାପ୍ତ ଲୋଡିଂ ନ ପାଇ ଦୁର୍ଦ୍ଦିନରେ ଗତିକରୁଛନ୍ତି। କେଉଁ କେଉଁ ସେକ୍ଟରରେ ସପ୍ତାହକୁ ଗୋଟିଏ ଗୋଟିଏ ଟ୍ରିପ କୋଇଲା ଲୋଡିଂ ପାଇ ହଜାର ହଜାର କୋଇଲା ଟ୍ରକ ଛିଡ଼ା ହେଉଛନ୍ତି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ୨୦୧୯ରେ ଲାଗୁ ହୋଇଥିବା ଭଡ଼ାରେ ଆଜିପର୍ଯ୍ୟନ୍ତ ଚାଲି ଆସୁଥିବାବେଳେ ଏହା ଗାଡ଼ି ମାଲିକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଇଛି। ଏହା ସେମାନଙ୍କ ପାଇଁ ଅସହ୍ୟ ହୋଇପଡ଼ିଲାଣି ବୋଲି ମାଲିକମାନେ ପ୍ରକାଶ କରିଛନ୍ତି। ଏହାକୁ ବିଚାରକୁ ନିଆ ନ ଗଲେ ଟ୍ରକ ମାଲିକମାନେ ଆନ୍ଦୋଳନକୁ ଓହ୍ଲାଇବା ସହ ଟ୍ରେନ ଯୋଗେ କୋଇଲା ପରିବହନକୁ ବିରୋଧ ବୋଲି ସମସ୍ତ ସେକ୍ଟର ମାଲିକ ପ୍ରକାଶ କରିଛନ୍ତି।

# ଅବୈଧ ନିଶାଦ୍ରବ୍ୟ କାରବାର ବିରୋଧୀ ଦିବସ ପାଳିତ




ଅନୁଗୋଳ,୨୮ ।୬(ସମିସ): ଅନୁଗୋଳ ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦାମୋଦର ରଥଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଅବୈଧ ନିଶାଦ୍ରବ୍ୟ କାରବାର ବିରୋଧୀ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ତଥା ଡନ୍ ୟୁନିଟ ସଦସ୍ୟ ହୃଷୀକେଶ ଆଚାର୍ଯ୍ୟ, ପରିବାର ଅଦାଲତ ବିଚାରପତି ଚୌଧୁରୀ ପ୍ରବୀର କୁମାର, ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ସୁକୁମାର ମହାପାତ୍ର, ଉପବିଭାଗୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବନିଲ କୁମାର ଖଟାଇ, ଜିଲ୍ଲା ଆଇନସେବା ପ୍ରାଧିକରଣ ସଦସ୍ୟ ପରମାନନ୍ଦ ମିଶ୍ର, ଡନ୍ ୟୁନିଟ ସଦସ୍ୟ ମାନସ ରଞ୍ଜନ ବିଶ୍ୱାଳ, ଅନୁଗୋଳ ଡିଏସପି ତଥା ଡନ୍ ୟୁନିଟ ସଦସ୍ୟା ଯୋଗେଶ୍ୱରୀ ବେହେରା, ଅନୁଗୋଳ ସିଡିପିଓ ତଥା ଡନ୍ ୟୁନିଟ ସଦସ୍ୟା ରୀତାଞ୍ଜଳି ପ୍ରଧାନ, ଡନ୍ ୟୁନିଟ ସଦସ୍ୟା ରଶ୍ମିତା ଭଞ୍ଜଦେଓ, ଜିଲ୍ଲା ଆଇନସେବା ପ୍ରାଧିକରଣର ପାରାଲିଗାଲ ଭଲ୍ୟୁଣ୍ଟିର ତଥା ଡନ୍ ୟୁନିଟ ସଦସ୍ୟ ସତ୍ୟନାରାୟଣ ସିଂ ସାମନ୍ତ ଓ ଦୁଖବନ୍ଧୁ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ନିଶାଦ୍ରବ ବ୍ୟବହାରର କୁପରିଣାମ ଓ ନିଶାସକ୍ତ ବ୍ୟକ୍ତିଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝାଇଥିଲେ। ନିଶା ନିବାରଣ ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ନିଶାଦ୍ରବ୍ୟର ଅବୈଧ ବିକ୍ରି କିପରି ବନ୍ଦ ହୋଇପାରିବ ସେ ବିଷୟରେ ଅଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନ୍ମବେଦିରେ ପହଞ୍ଚିଲେ କାଳିଆ ସାଆନ୍ତେ



ତାଳଚେରସଦର,୨୮ ।୬(ସମିସ): ଶୁକ୍ରବାର ରାତିରେ ଚର୍ତୁଦ୍ଧାମୂର୍ତ୍ତି ରଥ ଉପରେ ପୂଜା ପାଇବା ପରେ ଶନିବାର ଅପରାହ୍ଣରେ ପହଣ୍ଡି କରାଯାଇ ଗୁଣ୍ଡିଚା ମନ୍ଦିରକୁ ଅଣାଯାଇଥିଲା । ସେବାୟତମାନେ ଠାକୁରଙ୍କୁ ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ବସାଇବା ପରେ ଜନ୍ମବେଦିରେ ପୂଜାର୍ଚ୍ଚନା ଆରମ୍ଭ ହୋଇଛି । ବେଶ, ଆଳତି ଓ ଭୋଗ ଲାଗି ପରେ ମହାପ୍ରଭୁ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି । ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ଭଜନ ସମାରୋହ ୯ ଦିନ ବ୍ୟାପୀ ଅନୁଷ୍ଠିତ ହେବ ।

## ଜଗନ୍ନାଥ ପହଣ୍ଡିର ଧାରାବିବରଣୀ ପ୍ରଦାନ



ଢେଙ୍କାନାଳ,୨୮ ।୬(ସମିସ): ଢେଙ୍କାନାଳ ଜିଲ୍ଲା ରଥଗଡ଼ାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବିଜେର ଧାରାବିବରଣୀ ପ୍ରଦାନ କରାଯାଇଥିଲା । ଶ୍ରୀବଳରାମ ମନ୍ଦିର ପରିସରରୁ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇଥିବା ପହଣ୍ଡି ବିଜେ ଅପରାହ୍ନ ସାଢ଼େ ୨ଟା ଯାଏଁ ଚାଲିବା ପରେ ଶ୍ରୀଜୀଉଙ୍କୁ ରଥାରୂଢ଼ କରାଯାଇଥିଲା । ଯୁବରାଜ ଅମରଜ୍ୟୋତି ସିଂହଦେଓ ରଥ ଉପରେ ମଙ୍ଗଳାର୍ପଣ ଓ ଆଳତି କରିବା ପରେ ଛେରାପହଁରା କରିଥିଲେ । ଶ୍ରୀଜଗନ୍ନାଥ ସେବା ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ, ପ୍ରତାପ କିଶୋର ନନ୍ଦ, ଡ. ପ୍ରମୋଦ ନାୟକ, କାଳନ୍ଦୀ ମହାରଣା, ପଣ୍ଡିତ ବିପିନ ବିହାରୀ ଶତପଥୀ ଓ ଅବନୀ ମିଶ୍ର ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଧାରାବିବରଣୀ ପ୍ରଦାନ କରିଥିଲେ । ଢେଙ୍କାନାଳ ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ବିବୁଧ କୁମାର ଗଡ଼ନାୟକ ପ୍ରବଚକମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ଘୋଷଯାତ୍ରା ସମ୍ପନ୍ନ

କଣିହାଁ,୨୮ ।୬(ସମିସ)



କଣିହାଁ ବ୍ଲକ ଏନ୍‌ଟିପିସି ପ୍ରକଳ୍ପସ୍ଥ ଦୀପଶିଖା ରଥଯାତ୍ରା ସମିତି ଆନୁକୂଲ୍ୟରେ ସ୍ଥାୟୀ ଟାଉନ୍‌ସିପସ୍ଥିତ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରରେ ଶୁକ୍ରବାର ରଥଯାତ୍ରା ଅନୁଷ୍ଠିତ ହୋଇଛି । ପ୍ରାତଃ ସମୟରେ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ପରେ ପୂର୍ବାହ୍ନ ସାଢ଼େ ୧୧ଟାରେ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା । ଅପରାହ୍ନ ୩ଟା ୧୫ରେ ଏନ୍‌ଟିପିସି କଣିହାଁ ପ୍ରକଳ୍ପ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ରଥଯାତ୍ରା ସମିତି ସଭାପତି କେଏନ୍ ରେଡ୍ଡୀ ଛେରାପହଁରା କରିଥିଲେ । ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା । ପ୍ରାୟ ୫ହଜାର ଶ୍ରଦ୍ଧାଳୁ ଏହି ଯାତ୍ରାରେ ସାମିଲ ହୋଇ ଶ୍ରୀମନ୍ଦିରଠାରୁ ପିଟିଏସ୍ ଡିଏଭି ସ୍କୁଲ୍ ନିକଟ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ରଥକୁ ଟାଣିନେଇଥିଲେ । ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ମାଉସୀ ମା' ମନ୍ଦିର ନିକଟରେ ପ୍ରତ୍ୟହ ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ସମିତି ପକ୍ଷରୁ କୁହାଯାଇଛି । ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ପାଇଁ ସତ୍ୟସାଇ ସଂଗଠନ ପକ୍ଷରୁ ପାନୀୟ ଜଳ ଓ ସର୍‌ବତ ବ୍ୟବସ୍ଥା କରାଯାଇଥିଲା ।

କଣିହାଁ ବ୍ଲକ ବଡ଼ଗୁଣ୍ଡୁରିସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଘୋଷଯାତ୍ରା ପାଳିତ ହୋଇଛି । ସମସ୍ତ ନୀତିକାନ୍ତି ସରିବା ପରେ ଚତୁର୍ଦ୍ଧାମୂର୍ତ୍ତି ପହଣ୍ଡି ହୋଇ ରଥ ଉପରେ ବିଜେ କରିଥିଲେ । ଗାଁର ଅଜୟ କୁମାର ପ୍ରଧାନ ଛେରାପହଁରା କରିବା ପରେ ରଥଟଣା ହୋଇଥିଲା । ସେହିପରି ସମଲ ତ୍ରିବେଣୀ ଶ୍ରୀକ୍ଷେତ୍ରରେ ଶ୍ରୀଗୁଣ୍ଡିଚା ଯାତ୍ରା ପାଳିତ ହୋଇଛି । ଅପରାହ୍ନ ୩ଟାରେ ଚତୁର୍ଦ୍ଧାମୂର୍ତ୍ତି ପହଣ୍ଡି ବିଜେ ହୋଇ ରଥାରୂଢ଼ ହୋଇଥିଲେ । ଛେରାପହଁରା ପରେ ରଥଟଣା ହୋଇଥିଲା । ରଥର ଗୋଟିଏ ପାଖ୍ୱର୍ ପୁରୁଷ ଓ ଅନ୍ୟ ପାଖ୍ୱର୍ ମହିଳାମାନେ ଦଉଡ଼ି ଧରି ଶ୍ରୀଗୁଣ୍ଡିଚା ମନ୍ଦିରକୁ ଟାଣି ନେଇଥିଲେ । ସନ୍ଧ୍ୟା ସାଢ଼େ ୬ଟାରେ ମାଉସୀ ମା' ମନ୍ଦିରରେ ରଥ ପହଞ୍ଚିଥିଲା । ସନ୍ଧ୍ୟାରେ ମାଉସୀ ମା' ମନ୍ଦିରଠାରେ ନାମ ସଂକୀର୍ତ୍ତନ, ଭଜନ ସନ୍ଧ୍ୟା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଜିଗୋଳ ମା' ଭୈରବୀ ପୀଠ, ନୂଆ ବଲାଙ୍ଗୀ, ପଥରମୁଣ୍ଡା, କମସଲା, କାକୁଡ଼ିଆ, ବଜ୍ରକୋଟ, ପୋଇପାଳ, କଣ୍ଟାପାଳ, ରେଙ୍ଗାଳି ଆଦି ଅଞ୍ଚଳରେ ମଧ୍ୟ ଘୋଷଯାତ୍ରା ଅନୁଷ୍ଠିତ ହୋଇଛି । ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ କଣିହାଁ ଥାନା, ଏନଟିପିସି ଟାଉନ ଓ ଏନ୍‌ଟିପିସି ସିଆଇଏସଏଫ୍ ଯବାନ୍, ରେଙ୍ଗାଳି ଓ ସମଲ ଥାନା ପୁଲିସ୍ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା ।

**ଢେଙ୍କାନାଳ:** ଢେଙ୍କାନାଳ ସଦର ବ୍ଲକ୍ ଛଦେଶ ଅଞ୍ଚଳ ଧୀରପାଟଣା ଗ୍ରାମରେ ରଥଯାତ୍ରା ପାଳିତ ହୋଇଛି । ଢେଙ୍କାନାଳ ନିଜିଗଡ଼ ରଥଯାତ୍ରାରେ ସମସ୍ତ ନୀତିକାନ୍ତି ସାରି ଯୁବରାଜ ଅମରଜ୍ୟୋତି ସିଂହଦେଓ ଅପରାହ୍ନ ସାଢ଼େ ୪ଟାରେ ଧୀରପାଟଣା ଗ୍ରାମକୁ ଆସି ମଙ୍ଗଳାର୍ପଣ ଓ ଆଳତି କରିବା ପରେ ଧାଡ଼ି ପହଣ୍ଡିରେ ଚକ୍ରରାଜ ସୁଦର୍ଶନ, ବଳଭଦ୍ର, ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କୁ ରଥାରୂଢ଼ କରାଯାଇଥିଲା । ଯୁବରାଜ ଛେରାପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା । ଘୁମୁରା ବାଦ୍ୟର ତାଳେ ତାଳେ ଆଦିବାସୀ ନୃତ୍ୟ ସହ ଘଣ୍ଟଘଣ୍ଟା, ବୀର କାହାଳି, ଢୋଲ ଓ ନାଗରା ବାଦ୍ୟରେ ଗାଁ ଦାଣ୍ଡ ପ୍ରକମ୍ପିତ ହୋଇଥିଲା । ଚଳିତ ବର୍ଷ ପ୍ରଥମଥର ଷଣ୍ଢନୃତ୍ୟ ଦେଖିବାକୁ ମିଳିଥିଲା । ଢେଙ୍କାନାଳ ଶ୍ରୀଜଗନ୍ନାଥ ସେବା ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ, ସଭ୍ୟ ପ୍ରେମଶଙ୍କର ମିଶ୍ର ଓ ରାଜପୁରୋଧା ଦିବ୍ୟଜ୍ୟୋତି ମିଶ୍ର ଏଥିରେ ସାମିଲ ହୋଇଥିଲେ ।




ଗ୍ରାମର ଅରୁଣ ସାହୁ, ରବିନାରାୟଣ ସାହୁ, ତ୍ରିଲୋଚନ ସାହୁ, ଗନ୍ଧର୍ବ ସାହୁ, ଦୁର୍ଯ୍ୟୋଧନ ରାଉତ, ଗ୍ରାମ ସଭାପତି ଚିତ୍ତରଞ୍ଜନ ଖୁଣ୍ଟିଆ ଓ ସରପଞ୍ଚ ପ୍ରତାପ ସ୍ୱାଇଁ ପ୍ରମୁଖ ଯାତ୍ରା ପରିଚାଳନା କରିଥିଲେ ।

## 'ଛୋଟ ଏକ ପ୍ରୟାସ' ତରଫରୁ ମଶାରି ବଣ୍ଟନ



ଖଜୁରିଆକଟା,୨୮ ।୬(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳରେ ଛୋଟ ଏକ ପ୍ରୟାସ ପରିବାର ତରଫରୁ ପବିତ୍ର ରଥଯାତ୍ରା ଉପଲକ୍ଷେ ମଶାରି ବଣ୍ଟନ କରାଯାଇଛି । ମ୍ୟାଲେରିଆମୁକ୍ତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ୫୦ଜଣଙ୍କୁ ନୂତନ ମଶାରି ପ୍ରଦାନ କରାଯାଇଛି । ୨୦୨୫ ସୁଦ୍ଧା ହିନ୍ଦୋଳକୁ ମ୍ୟାଲେରିଆମୁକ୍ତ କରିବା ପାଇଁ ଅନୁଷ୍ଠାନ ଲକ୍ଷ୍ୟ ରଖିଥିବା କୁହାଯାଇଛି ।

**ପ୍ରଶାସନର ଦୃଷ୍ଟି ଆଢୁଆଳରେ ଧୋଡ଼ାଖୋଲ ଗାଁ**

## ସବୁଦିନିଆ ରାସ୍ତାରୁ ବଞ୍ଚିତ ଗ୍ରାମବାସୀ



କିଶୋରନଗର,୨୮ ।୬(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ମଇମୁରା ପଞ୍ଚାୟତର ଅବହେଳିତ ଗାଁ ହେଉଛି ଧୋଡ଼ାଖୋଲ । ସ୍ୱାଧୀନତାର ୭୫ ବର୍ଷ ପରେ ବି ଏହି ଗାଁକୁ ସବୁଦିନିଆ ରାସ୍ତାଟିଏ ନାହିଁ । ଫଳରେ ଗୁରୁତର ରୋଗୀ ଓ ପ୍ରସୂତି ମହିଳାଙ୍କ ପାଖରେ ୧୦୮ ଓ ୧୦୨ ଆମ୍ବୁଲାନ୍ସ ସେବା ପହଞ୍ଚି ପାରୁନି । ନେତା ପରେ ନେତା ବଦଳୁଛନ୍ତି କିନ୍ତୁ ଗ୍ରାମବାସୀ ଓ ରାସ୍ତା ଅବସ୍ଥା କେବେ ସୁଧୁରୁନି । ପ୍ରତ୍ୟେକ ବର୍ଷ ବର୍ଷାଦିନ ଆସିଲେ ଗ୍ରାମର କିଛି ସ୍ୱେଚ୍ଛାସେବୀ ଯୁବକ ରାସ୍ତା କାର୍ଯ୍ୟ କରିଥାନ୍ତି । ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନକୁ ଗୁହାରି କରି ନିରାଶ ହେବାପରେ ଶନିବାର ଗ୍ରାମର ଚିତ୍ତରଞ୍ଜନ ସାହୁ, ଅର୍ଜ୍ଜୁନ ସାହୁ, ତ୍ରିପୁର ପ୍ରଧାନ, ସୁଶୀଲ ପ୍ରଧାନ, ଶ୍ରୀପତି ନାୟକ, ରଘୁ ନାୟକ, ସାନନ୍ଦ ନାୟକ, ପ୍ରଫୁଲ୍ଲ ବେହେରା ଓ ସମାଜସେବୀ ସଞ୍ଜୟ କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ବେହେରା, ସର୍ବେଶ୍ୱର ପ୍ରଧାନ, ବାସୁଦେବ ପ୍ରଧାନ, ରମେଶ ବେହେରା, ଉତ୍ତମ ବେହେରା ପ୍ରମୁଖ ରାସ୍ତାରେ ମାଟି ପକାଇ ମରାମତି କରିଛନ୍ତି । ତୁରନ୍ତ ଏହି ରାସ୍ତା ପ୍ରତି ଦୃଷ୍ଟି ଦେଇ ବ୍ଲକ ପ୍ରଶାସନ ତରଫରୁ ସବୁଦିନିଆ ରାସ୍ତା ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି ।

## ଦନ୍ତା ଆକ୍ରମଣରେ ମଠ ପୂଜାରୀ ମୃତ

ଅନୁଗୋଳ,୨୮ ।୬(ସମିସ): ଶନିବାର ସନ୍ଧ୍ୟାରେ ବଣ୍ଡଁରପାଳ ଥାନା ତୁଳସୀପାଳ ପଞ୍ଚାୟତ ଲାଙ୍ଗୁଳିଆ ବେଡ଼ା ଗ୍ରାମର ବ୍ରଜବନ୍ଧୁ ସାହୁ (୬୦)ଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଛି । ବ୍ରଜବନ୍ଧୁ ଗାଁତାସିରି ମଠ ପିଢ଼ର ପୂଜାରୀ ଅଟନ୍ତି । ସନ୍ଧ୍ୟାରେ ପିଢ଼ରେ ଧୂପ ଦେଇ ସାଇକଲରେ ଘରକୁ ଫେରୁଥିବା ବେଳେ ଘର ନିକଟରେ ଏକ ଦନ୍ତାହାତୀ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା । ଘଟଣାସ୍ଥଳରେ ବ୍ରଜବନ୍ଧୁଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣା ପରେ ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦାବିରେ ଉତ୍ତେଜନା ପ୍ରକାଶ ପାଇଥିଲା । ବନ କର୍ମଚାରୀ, ପୁଲିସ, ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ମୀରା ଗଡ଼ନାୟକ, ବିଜେଡି ନେତା ବାଉରୀବନ୍ଧୁ ସାହୁ ପହଞ୍ଚି ବୁଝାସୁଝା କରିବା ପରେ ଉତ୍ତେଜନା ଥମିଥିଲା । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ତଦନ୍ତ ଜାରି ରଖିଛି । ଜିଲ୍ଲାରେ ହାତୀ-ମଣିଷ ଲଢ଼େଇ ଥମିବାର ନାଁ ନେଉନାହିଁ । ଦୁଇଦିନ ପୂର୍ବେ ଜିଲ୍ଲାର ଜରପଡ଼ା ବନାଞ୍ଚଳରେ ଜଣେ ଗଜସାଥୀଙ୍କୁ ଏକ ଦନ୍ତା ଆକ୍ରମଣ କରିଥିଲା । ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା ।



ଅନୁଗୋଳ: ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି

■ ଟ୍ରାଫିକ ଜାମ୍ ସହ ବର୍ଷା ସାଜିଲା ବାଧକ

## ୬ ମିନଟ୍ ବିଳମ୍ବ ଯୋଗୁଁ ପରୀକ୍ଷା ଦେଇପାରିଲେନି

ତାଳଚେରସଦର,୨୮ ।୬(ସମିସ): ଅନୁଗୋଳ ଜିଲ୍ଲା ବଣ୍ଡଁରପାଳ ବ୍ଲକ ଅରାହାଟସ୍ଥିତ ଆଖଣ୍ଡଳମଣି ଆଇଟିଆଇରେ ଶନିବାର ନିଟ୍ ପରୀକ୍ଷା ହେବାକୁ ସ୍ଥିରିକୃତ ହୋଇଥିଲା । ସକାଳ ସାଢ଼େ ୮ଟାରେ ପରୀକ୍ଷା ଆରମ୍ଭ ହୋଇଥିଲା । ତେବେ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରକୁ ଯିବା ସମୟରେ ଟ୍ରାଫିକ ଜାମ ଓ ସହ ବର୍ଷା ହେବାରୁ ୬ ମିନଟ୍ ବିଳମ୍ବରେ ଅର୍ଥାତ୍ ୮ଟା ୩୬ରେ ଫାଟକ ନିକଟରେ ପହଞ୍ଚିଥିଲେ । ସେଠାରେ ଉପସ୍ଥିତ ଆଇଟିଆଇ କର୍ତ୍ତୃପକ୍ଷ ପରୀକ୍ଷାର୍ଥୀଙ୍କୁ ଭିତରକୁ ଯିବାକୁ ବାରଣ କରିଥିଲେ । ପରୀକ୍ଷାର୍ଥୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ କର୍ତ୍ତୃପକ୍ଷଙ୍କୁ କାକୁତି ମିନତି ହୋଇଥିଲେ ମଧ୍ୟ ସେମାନେ କୌଣସି ସହଯୋଗ କରି ନ ଥିଲେ । ଫଳରେ ପରୀକ୍ଷାର୍ଥୀମାନେ କ୍ଷୋଭ ପ୍ରକାଶ କରିବା ସହ ଏଥିପାଇଁ ପ୍ରଶାସନକୁ ଦାୟୀକରି ନିରାଶରେ ଫେରିଥିଲେ । ଉଚ୍ଚ ଅଧିକାରୀ ଏହାର ଉପଯୁକ୍ତ ତଦନ୍ତ କରି ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପରୀକ୍ଷାରୁ ବଞ୍ଚିତ ଛାତ୍ରଛାତ୍ରୀ ଦାବି କରିଛନ୍ତି ।

## ଭ୍ୟାନିଟି ଝାମ୍ପି ନେଇ ଝାଡ଼ଖଣ୍ଡୀ ମହିଳା ଗିରଫ

ଅନୁଗୋଳ,୨୮ ।୬(ସମିସ): ଶୁକ୍ରବାର ରଥଯାତ୍ରା ଭିଡ଼ରେ ଥାନା ଛକ ନିକଟରେ ଜଣେ ମହିଳା ଡାକ୍ତରଙ୍କଠାରୁ ତାଙ୍କ ଭ୍ୟାନିଟି ବ୍ୟାଗ୍ ଝାମ୍ପିନେବା ଅଭିଯୋଗରେ ପୁଲିସ ଜଣେ ଝାଡ଼ଖଣ୍ଡୀ ମହିଳାଙ୍କୁ ଗିରଫ କରିଛି । ଗିରଫ ମହିଳା ହେଲେ ଝାଡ଼ଖଣ୍ଡ ରାମଗଡ଼ ଜିଲ୍ଲା ରାଜାରାପା ଥାନା ଅଞ୍ଚଳର ପଙ୍କଜ ମାଝୀଙ୍କ ସ୍ତ୍ରୀ ବିନିକା ଦେବୀ (୨୬) । ବୁର୍ଲା ମେଡିକାଲ କଲେଜର ସମ୍ପୃକ୍ତ ମହିଳା ଡାକ୍ତରଙ୍କଠାରୁ ବିନିକା ଭ୍ୟାନିଟି ବ୍ୟାଗ ଝାମ୍ପି ନେଇଥିଲେ । ଡାକ୍ତର ଜଣକ ତୁରନ୍ତ ଏ ନେଇ ନିକଟରେ ଡ୍ୟୁଟିରେ ଥିବା ଜଣେ ମହିଳା ପୁଲିସ କର୍ମଚାରୀଙ୍କୁ ଜଣାଇଥିଲେ । ପୁଲିସ ଅଭିଯୁକ୍ତ ମହିଳାଙ୍କୁ ଥାନାକୁ ନେଇ ତଦନ୍ତ କରିବାରେ ଡାକ୍ତରଙ୍କ ଭ୍ୟାନିଟି ବ୍ୟାଗ୍ ମିଳିଥିଲା । ଡାକ୍ତରଙ୍କ ଅଭିଯୋଗ ଆଧାରରେ ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ବିନିକାଙ୍କୁ ଗିରଫ କରିଛି । ବିନିକାଙ୍କ ସାଥୀରେ ତାଙ୍କ ୬ ମାସର ଶିଶୁପୁତ୍ର ଅଛି । ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ନିସ୍ତୁକ ପିଟିଲେ, ଟଙ୍କା ଲୁଟିନେଲେ

**ଜଣେ ଗିରଫ, ୩ ଫେରାର**

କଣିହାଁ,୨୮ ।୬(ସମିସ): ଲୁଟପାଟ ଅଭିଯୋଗରେ କଣିହାଁ ଥାନା ପୁଲିସ୍ ଶନିବାର ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ କଣିହାଁ ଥାନା କିଆଝାର ଗ୍ରାମର କୈଳାସ ନାଏକ (୨୫) । କଣିହାଁ ଥାନା ଦୁର୍ଗାପୁର ଗ୍ରାମର ଚିକୁନ କୁମାର ପରିଡ଼ା (୨୭) ଶୁକ୍ରବାର ଅପରାହ୍ଣରେ ତାଙ୍କ ସାଙ୍ଗ ସହ ରଥଯାତ୍ରା ଦେଖିବାକୁ ଏନଟିପିସି, ପିଟିଏସ୍ ଅଭିମୁଖେ ଆସୁଥିଲେ । ଦୁର୍ଗାପୁର-ଚିନ୍ତାମଣିପୁର ରାସ୍ତାରେ ଆସୁଥିବା ବେଳେ ୪ଜଣ ଅପରିଚିତ ଯୁବକ ତାଙ୍କୁ ଅଟକାଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ବାଡ଼ିରେ ଆକ୍ରମଣ କରିଥିଲେ । ଏଥିସହ ଭୟଭୀତ କରାଇ ଅଭିଯୁକ୍ତମାନେ ଚିକୁନଙ୍କ ପର୍ସ ଛଡ଼ାଇ ନେଇଥିଲେ । ପର୍ସରେ ୩୧ଶହ ଟଙ୍କା ଥିଲା ବୋଲି ଚିକୁନ କହିଛନ୍ତି । ଆକ୍ରମଣରେ ଚିକୁନଙ୍କ ଡାହାଣ ହାତରେ ଗଭୀର ଆଘାତ ଲାଗିଛି । ଚିକିତ୍ସା ପରେ ସେ ଶୁକ୍ରବାର ରାତିରେ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ମାମଲା ରୁଜୁକରି କୈଳାସଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ତିନିଜଣ ଫେରାର ଥିବା ସୂଚନା ଦେଇଛି ।

# କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଲା କାୟାକଳ୍ପ ଆୱାର୍ଡ

କିଶୋରନଗର,୨୮ ।୬(ସମିସ)




୨୦୨୪-୨୫ ବର୍ଷ ପାଇଁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଥମ ଥର କୟାକଳ୍ପ ଆୱାର୍ଡ ପ୍ରଦାନ କରାଯାଇଛି । ଅନୁଗୋଳ ସଭାଘରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଜିଲ୍ଲାପାଳ ଅବଦଲ ମହମ୍ମଦ ଅଖତାର, ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ଜିଲ୍ଲାପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ସେହିପରି ବଇଣ୍ଡା, ହଣ୍ଡପା, ଦୋହଲି, ପର୍ଶୁମାଳ, ଖଣ୍ଡବର, ନାକଚି, ଇଚ୍ଛାପୁର, ବଡ଼ଗୋବିନ୍ଦପୁର, ରାଣୀଆକଟା ଆଦି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ପୁରସ୍କୃତ କରାଯାଇଛି । ଦୋହଲି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଶ୍ରେଷ୍ଠ ଜନଆରୋଗ୍ୟ ସମିତି ପୁରସ୍କାର ମିଳିଛି । ମହିଳା ସ୍ୱାସ୍ଥ୍ୟକର୍ମୀ ରୋଜାଲିନ ସାହୁ ପୁରସ୍କାର ଗ୍ରହଣ କରିଥିଲେ । କିଶୋରନଗର ବ୍ଲକ ପାପସରା ଗାଁ କଲ୍ୟାଣ ସମିତିକୁ ଶ୍ରେଷ୍ଠ ଗାଁ କଲ୍ୟାଣ ସମିତି ଆୱାର୍ଡ ମିଳିଛି । ୱାର୍ଡ ମେମ୍ବର, ଅଙ୍ଗନବାଡ଼ି କର୍ମୀ ଓ ଆଶାକର୍ମୀ ଏହି ପୁରସ୍କାର ଗ୍ରହଣ କରିଥିଲେ । ଏହି ଉତ୍ସବରେ ବିପିଏଚଓ ଡା. ଯତୀନ୍ଦ୍ର ପ୍ରସାଦ ହୋତା, ବିପିଏମ୍ ଅଜିତ କୁମାର ସାହୁ, ବିଏଏମ୍ ପ୍ରମୋଦ କୁମାର ସିଂ, ବିଡିଏମ୍ ଅଜିତ କୁମାର ପ୍ରଧାନ କାୟାକଳ୍ପ ପୁରସ୍କାର ଗ୍ରହଣ କରିଥିଲେ ।


यूनियन बैंक Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୮୯୨୮୯୧୭୪୧୧/୯୬୮୭୬୯୭୫୪୮

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୦୭.୦୭.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା** ସମୟରେ ସେମାନଙ୍କରୁ ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ରାଶି | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|---|
| | **ଯୋଡା ଶାଖା, ମେନ୍ ରୋଡ୍, ଯୋଡା, ପିନ୍-୭୫୮୦୩୮, ମୋ.: ୯୬୩୫୧୪୨୭୨୩** | | | |
| ୧. | **ଚାନ୍ଦମଣୀ ପେଣ୍ଟେଇ,** ସ୍ୱାମୀ: ନରୋତ୍ତମ ପେଣ୍ଟେଇ, ଜରୋଳି, ଜଜାଙ୍ଗ, ଯୋଡା, ପିନ୍-୭୫୮୦୩୪ / (୧) **୧୩୬୭୧୬୫୩୦୦୦୦୩୮୧,** | ଟ.୩୧,୨୩୫.୧୬ | ୭.୪୦୪ | ୮.୯୨ |
| | (୨) **୧୩୬୭୧୬୫୩୦୦୦୦୩୮୩** | ଟ.୧୯,୬୧୩.୦୦ | ୪.୩୧୨ | ୫.୭୫ |
| ୨. | **ହରେକୃଷ୍ଣ ପାତ୍ର,** ପିତା: ଲକ୍ଷ୍ମୀଧର ପାତ୍ର, ୧, ସା: ପାଣ୍ଡିଆ, ଜଜାଙ୍ଗ, ପୋ: ଜଜାଙ୍ଗ, ଯୋଡା, ପିନ୍-୭୫୮୦୩୪ / **୧୩୬୭୧୬୫୩୦୦୦୦୩୯୧** | ଟ.୨୭,୪୦୫.୦୦ | ୬.୦୯୫ | ୭.୪୧ |
| ୩. | **ସୁନିତା ପୂର୍ତ୍ତୀ,** ସ୍ୱାମୀ: ସୁକଦେବ ପୂର୍ତ୍ତୀ, କୋହ୍ଲରଇଡା, ଭୂୟାଁରଇଡା, ଯୋଡା, ପିନ୍-୭୫୮୦୩୫ / **୧୩୬୭୧୬୫୩୦୦୦୦୩୮୦** | ଟ.୨୩,୬୩୮.୮୫ | ୫.୫୬୬ | ୬.୭୫ |
| ୪. | **ହେନା ପ୍ରବୀନ,** ପିତା: ଅଖତର ହୁସେନ୍, ସା: ଦିପୁହାଟିଙ୍ଗ, ଯୋଡା, କେନ୍ଦୁଝର, ଓଡ଼ିଶା, ପିନ୍-୭୫୮୦୩୪ / **୧୩୬୭୧୬୫୪୦୦୦୦୨୨୧** | ଟ.୨୯,୦୭୩.୦୦ | ୬.୧୨୨ | ୭.୫୨ |
| | **ବଡବିଲ ମୁଖ୍ୟ ଶାଖା, ମାୟା କମ୍ପ୍ଲେକ୍ସ, ବଡବିଲ ମେନ୍ ରୋଡ୍, ପିନ୍-୭୫୮୦୩୫, ମୋ.: ୮୦୦୭୯୨୨୩୩୬** | | | |
| ୧. | **ଅଭିକ ଘୋଷ,** ମାର୍ଫତ: ଅଜିତ ମିଶ୍ର, ୱାର୍ଡ ନଂ. ୭, ସା: ପଞ୍ଜାବୀପଡା, କେନ୍ଦୁଝର, ପିନ୍-୭୫୮୦୩୫ / (୧) **୩୧୦୨୨୬୫୩୦୦୦୦୬୩୬,** | ଟ.୯୫,୩୧୯.୦୦ | ୨୧.୦୭୫ | ୨୫.୪୪୫ |
| | (୨) **୩୧୦୨୨୬୫୩୦୦୦୦୬୫୫,** | ଟ.୬୬,୮୦୦.୦୦ | ୧୪.୫୩୫ | ୧୭.୧ |
| | (୩) **୩୧୦୨୨୬୫୩୦୦୦୦୬୩୨** | ଟ.୧୧,୨୦୧.୭୩ | ୨.୫ | ୩.୫୮ |
| ୨. | **ଅରବିନ୍ଦ ସିଂହ,** ପିତା: ମଗନ ସିଂହ, ମାର୍ଫତ: ତେହେରାଇ ଆଇରନ୍ ଆଣ୍ଡ୍ ଏମ୍ଏନ୍ ମାଇନ୍ସ, ସା/ପୋ: କୋଇଡା, ବଡବିଲ, ପିନ୍-୭୫୮୦୩୫ / **୩୧୦୨୨୬୫୩୦୦୦୦୫୪୯** | ଟ.୧୧,୩୪୫.୭୭ | ୨.୫୮୫ | ୩.୩୧୫ |
| | **କେନ୍ଦୁଝର ମୁଖ୍ୟ ଶାଖା, ସା: ପ୍ଲଟ୍ ନଂ.: ୪୮୯, ୱାର୍ଡ ନଂ.: ୧୪, କେନ୍ଦୁଝର, ଟାଉନ୍ ପୋଲିସ୍ ଷ୍ଟେସନ୍ ସ୍କୋୟାର ନିକଟ, ମୋ.: ୭୫୬୭୪୩୮୪୪୮** | | | |
| ୧. | **ସତ୍ୟଜିତ ମହାରଣା,** ପିତା: ଦାଶରଥି ମହାରଣା, ଗୋବର୍ଦ୍ଧନ, ରାଇସୁଆଁ, କେନ୍ଦୁଝର, ପିନ୍-୭୫୮୦୧୩ / **୧୨୯୯୧୬୫୪୦୦୦୦୯୭୬** | ଟ.୭୫,୩୦୪.୦୦ | ୧୩.୬୩ | ୧୫.୭ |
| | **ଧାମରା ଶାଖା, ଧାମରା, ପାଇକସାହି, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୭୧, ମୋ.: ୮୬୬୦୭୩୧୦୦୭** | | | |
| ୧. | **ଗୁଣଧର କାମିଲା,** ପିତା: ପଞ୍ଚାନନ କାମିଲା, କଇଥଖୋଲା, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୭୧ / **୬୨୧୮୦୬୫୪୦୦୦୧୩୪୮** | ଟ.୬୫,୦୦୦.୦୦ | ୩୬.୨ | ୪୩.୦୭ |
| ୨. | **ଶ୍ରୀଧର ସେଠୀ,** ସା: ବଳିଆରପୁର, ପୋ: ବାଁଶଡା, ଭାୟା: ଧାମରା, ଭଦ୍ରକ, ପିନ୍-୭୫୬୧୭୧ / **୬୨୧୮୦୬୫୪୦୦୦୧୯୩୬** | ଟ.୧୬,୫୦୦.୦୦ | ୯.୭ | ୧୨.୫ |
| | **ଉଦଳା ଶାଖା, ୱାର୍ଡ ନଂ.: ୫, ସିନେମା ହଲ ରୋଡ୍, ଉଦଳା, ପିନ୍-୭୫୭୦୪୧, ମୋ.: ୮୪୫୬୮୮୧୦୯୫, ୮୬୩୭୨୬୧୮୪୪** | | | |
| ୧. | **ପୁରୁଷୋତ୍ତମ ମାଝୀ,** ମାର୍ଫତ: ରମେଶ ଚନ୍ଦ୍ର ମାଝୀ, ସା: ବଡ଼ବିଶୋଳ, ପୋ: ସାନବିଶୋଳ, ଥାନା: କପ୍ତିପଦା, ମୟୂରଭଞ୍ଜ, ପିନ୍-୭୫୭୦୪୦ / **୨୫୫୪୧୬୫୪୦୦୦୦୨୫୬** | ଟ.୫୯,୯୬୩.୦୦ | ୧୨.୮ | ୧୩.୯୮ |
| | **ମାଷ୍ଟର ବାବୁ କମ୍ପ୍ଲେକ୍ସ ଶାଖା, ଭଦ୍ରକ, ପ୍ଲଟ୍ ନଂ.: ୧୯୧/୩୭୮୬ ଏବଂ ୧୯୨, ମୌଜା: କୁଆଁଶ, ବାଏପାସ୍ ରୋଡ୍, ପିନ୍-୭୫୬୧୦୦, ମୋ.: ୯୯୧୦୧୧୦୬୯୬** | | | |
| ୧. | **ରବିନ୍ଦ୍ର ମଲ୍ଲିକ,** ପିତା: ବିଦ୍ୟାଧର ମଲ୍ଲିକ, ସା: ତେନ୍ତୁଳିଆ, ପୋ: ବାସୁଦେବପୁର, ଭଦ୍ରକ, ପିନ୍-୭୫୬୧୨୫ / **୩୩୫୬୨୬୫୪୦୦୦୧୦୭୭** | ଟ.୨,୫୩,୨୩୫.୦୦ | ୪୮.୩ | ୫୯.୫ |
| | **ଯାଜପୁର ରୋଡ୍ ଶାଖା, ପ୍ଲଟ୍ ନଂ.: ୩୪୮/୧୧୮୯, ଯାଜପୁର ଚୋରଡା ରୋଡ, ପିନ୍-୭୫୫୦୧୯, ମୋ.: ୮୩୨୮୮୬୯୦୨୫** | | | |
| ୧. | **ରିଙ୍କୁ ଦେବୀ,** ସ୍ୱାମୀ: ସୁନିଲ ରାମଦେବ ଗିରି, ସା: କାଚହୁଡି, ପୋ: ସୋବରା, ଯାଜପୁର ରୋଡ୍, ଯାଜପୁର, ପିନ୍-୭୫୫୦୧୯ / **୭୦୪୮୦୬୫୪୦୦୦୦୪୨୯** | ଟ.୨୮,୧୮୬.୦୦ | ୫.୪୯ | ୬.୧ |
| | **୭୦୪୮୦୬୫୪୦୦୦୦୩୮୩** | ଟ.୨୭,୪୬୨.୦୦ | ୫.୩୭ | ୫.୯୭ |
| | **୭୦୪୮୦୬୫୪୦୦୦୦୩୬୦** | ଟ.୨୪,୦୮୭.୦୦ | ୫.୧୭ | ୬ |
| | **୭୦୪୮୦୬୫୪୦୦୦୦୩୨୭** | ଟ.୨୦,୩୪୯.୯୨ | ୩.୬୮ | ୪.୬ |
| | **୭୦୪୮୦୬୫୪୦୦୦୦୪୨୫** | ଟ.୧୬,୩୬୮.୦୦ | ୩.୨୩ | ୩.୫୯ |
| | **୭୦୪୮୦୬୫୪୦୦୦୦୩୩୬** | ଟ.୧୧,୮୦୮.୦୦ | ୨.୬ | ୩.୨୫ |
| | **ରେମୁଣା-ଜାନୁଗଞ୍ଜ ଶାଖା, ଗଣେଶ୍ୱରପୁର, ଜାନୁଗଞ୍ଜ, ରେମୁଣା ଗୋଲେଇ, ବାଲେଶ୍ୱର, ପିନ୍-୭୫୬୦୧୯, ମୋ.: ୯୯୭୩୨୬୧୦୩୩** | | | |
| ୧. | **ମିନତୀ ଜେନା,** ସ୍ୱାମୀ: ଚନ୍ଦ୍ର ମୋହନ ଜେନା, ସା: କହରାକୁଳ, ପୋ: ନଅଗ୍ରାମ, ବାଲେଶ୍ୱର, ପିନ୍-୭୫୬୦୨୭ / **୨୨୩୭୦୬୫୪୦୦୦୦୭୯୬** | ଟ.୩୧,୬୯୫.୪୧ | ୫.୧୫ | ୬.୪୭ |
| | **ବାଲିଚନ୍ଦ୍ରପୁର ଶାଖା, ପାତ୍ରରାଜପୁର, ପୋ: ବାଲିଚନ୍ଦ୍ରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୪୨୦୫, ମୋ.: ୭୯୮୦୧୯୮୩୧୩** | | | |
| ୧. | **ରଞ୍ଜିତ କୁମାର ଜେନା,** ପିତା: ନନ୍ଦ କିଶୋର ଜେନା, ସା: କାଳିଆନ୍ତି, ପୋ: ଚାୟାଁପାଳ, କଟକ, ପିନ୍-୭୫୪୨୦୪ / **୭୩୪୫୦୬୫୪୦୦୦୦୨୨୮** | ଟ.୨୩,୦୨୭.୧୭ | ୭.୮୬ | ୧୧.୨୮ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ ।**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତ ହେବ ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ ।

ସ୍ଥାନ : ବାଲେଶ୍ୱର
ତାରିଖ : ୨୬.୦୬.୨୦୨୫

ଶାଖା ପ୍ରବନ୍ଧକ,
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ମିଳନ



ମୂଳ ଉର୍ଦ୍ଦୁ: ବୁଲନ୍ଦ ଇକବାଲ
ଅନୁବାଦ : ସୁକୋମଳ ଦାଶ



ଅଲୀର ଆଖି ପତାରେ ଜମି ରହିଥିବା ଲୁହ ବୁନ୍ଦା, କ୍ଷଣିକ ନିମନ୍ତେ ଚକ୍ ଚକ୍ କଲା, ପୁଣି ଢଳ ଢଳ ହେଲା । କିନ୍ତୁ, ଫାତିମାର ଲୁଣିଆ ସ୍ମିତ ହସ ସେ ସବୁକୁ ବୁହାଇ ନେଇ ଅଲୀର ହୃଦୟରେ ଅଜାଡ଼ି ଦେଲାରୁ, ସେ ଲୁହର ଅସ୍ତିତ୍ୱ ନିଜର ପଲକରେ ଆଉ ଅଧିକ ସମୟ ଧରି ରଖି ପାରିଲାନି ଏବଂ ଅସହାୟ ହୋଇ ତା' ସମ୍ମୁଖରେ ମରାମତି ପାଇଁ ରହିଥିବା ଘଣ୍ଟା ଉପରେ ତାକୁ ସିଞ୍ଚି ଦେଲା । କ୍ଷଣିକ ପରେ ସେଥିରେ ଲାଗିଥିବା ଘଣ୍ଟା, ମିନିଟ୍ ଓ ସେକେଣ୍ଡ କଣ୍ଟାକୁ ସେ ଏଭଳି ଭିଜେଇ ଦେଇଥିଲା ଯେ ସେମାନେ ତାଙ୍କ କେନ୍ଦ୍ରବିନ୍ଦୁରେ ଓଲଟା ଦିଗକୁ ଘୂରି ବସିଲେ । ଧୀରେ ଧୀରେ ଘଣ୍ଟାର ଟିକ୍ ଟିକ୍, ଅଲୀର ହୃଦୟର ଧକ୍ ଧକ୍ ସହ ସମଗତି ପ୍ରାପ୍ତ ହେଲା ଓ ସମୟ କିଛି ବର୍ଷ ପୂର୍ବକୁ ଫେରି ପଡ଼ିଲା ।


ଚାନ୍ଦନୀ ଚୌକର ସେଇ ରାତିରେ ଅଲୀର ଆଖିରେ ପୂର୍ଣ୍ଣମୀର ଚାନ୍ଦ ଓହ୍ଲାଇ ଆସିଥିଲା, ଯେଉଁ ରାତିରେ ଫାତିମା ତା'ର ଦୋକାନକୁ ତା'ର ପୁରୁଣା ଘଣ୍ଟା ମରାମତି କରିବାକୁ ଆସିଥିଲା । ସୂତାର ସୂକ୍ଷ୍ମ କାରୁକାର୍ଯ୍ୟ ଭରା କଳା ଓଢ଼ଣି ଧଡ଼ିର ତାରାମାନ ଫାତିମାର ଚନ୍ଦ୍ର ବଦନକୁ ବେଢ଼ି ରହି, ଆକାଶର ନକ୍ଷତ୍ର ଭରା ଚାନ୍ଦ ଅପେକ୍ଷା ଅଧିକ ମନୋରମ କରି ତୋଳିଥିଲେ । ଫାତିମାର ଗୋଲାପୀ ମୁଖକାନ୍ତି ତାର ଅମାନିଆଁ ଚୂର୍ଣ୍ଣ କୁନ୍ତଳର ଅବିଶ୍ରାନ୍ତ ଆଘାତରେ ଅସ୍ତଗାମୀ ସୂର୍ଯ୍ୟ-ଆଭା-ମଣ୍ଡିତ ଦିଗବଳୟଠୁ ଅଧିକ ରକ୍ତିମ ହୋଇ ଉଠିଥିଲା । ଫାତିମାର ଭଅଁର କଳା ଆଖିରେ ଉତୁରି ଆସିଥିବା ଅଲୀର ପ୍ରତିବିମ୍ବ, ସ୍ୱତଃସ୍ଫୂର୍ତ୍ତ ତା'ର ହୃତ୍‌ପିଣ୍ଡର ସ୍ପନ୍ଦନ ବଢ଼ାଇ ଅଲୀକୁ କଣ୍ଠଗତପ୍ରାଣ କରି ଦେଉଥିଲା । ଫାତିମାର ଗଣ୍ଡ ଦେଶର ଭଉଁରୀ, ଅଲୀର ଅସହାୟ ମୁହଁକୁ ଲକ୍ଷ୍ୟ କରି ଅଦମ୍ୟ ହସି ଉଠୁଥିଲା ବେଳେ ସହସା ଫାତିମା ପ୍ରୀତି ଭରା ଦୃକ୍-ପାତ କରି ଅଲୀର ହଜିଲା ହଜିଲା ଆଖି ସମ୍ମୁଖରେ ତାର ଚୁଡ଼ି ପିନ୍ଧା ମଣିବନ୍ଧ ଝଣଝଣେଇ କହିଲା, "ଶୁଣିବେ ଟିକେ, ଆମର ହାତ ଘଣ୍ଟାଟା ଟିକେ ସଜାଡ଼ି ଦିଅନ୍ତୁ ନା, ଚାଲୁ ଚାଲୁ ଏହା ଅଟକି ଯାଉଛି ।" ଏବଂ ଅଲୀର ଏକପଦୀ ଉତ୍ତର 'ଜୀ'କୁ, ତା'ର ଅବରୁଦ୍ଧ କଣ୍ଠରୁ ତା'ର ଓଠର ଏରୁଣ୍ଡି ଯାକେ ପହଞ୍ଚିବାରେ ହୁଏତ ଯୁଗଟିଏ ଲାଗିଗଲା । କ୍ଷଣିକ ପାଇଁ ତାକୁ ଅନୁଭୂତ ହେଲା ଯେପରି ତା'ର ହୃତ୍‌ସ୍ପନ୍ଦନ ଯାହାକି, ଫାତିମାର ଘଣ୍ଟାର କଣ୍ଟାମାନଙ୍କ ପରି ନିସ୍ପନ୍ଦ ପଡ଼ି ରହିଥିଲା, ତା'ର ଚୁଡ଼ିର ଝମ୍ ଝମ୍ ଶବ୍ଦରେ ସୁଗଭୀର ନିଦ୍ରାରୁ ଧଡ଼୍‌ପଡ଼୍ ଉଠିପଡ଼ି ତୀବ୍ର ବେଗରେ ଧାଇଁବାରେ ଲାଗିଲା । ଫାତିମା ଦୋକାନରୁ ଫେରିଗଲା ପରେ ବି ଦୀର୍ଘ ମିଆଦ ଧରି ଅଲୀ ଆକାଶର ଚାନ୍ଦକୁ ଚାହିଁ ରହିଥିଲା ଓ ଅଳ୍ପ ସମୟ ପାଇଁ ତ ଅନ୍ତର ଭିତରେ ଆପଣାର ଅସହାୟତା ପ୍ରତି ଅଶ୍ରୁପାତ ବି କରିଥିଲା । କିନ୍ତୁ, ପୁଣି ଯେତେବେଳେ ମଦିନା ମସ୍‌ଜିଦର ଅର୍ଦ୍ଧଚନ୍ଦ୍ରାକାର ଗମ୍ବୁଜର "ଇଶା କୀ ଅଜାନ"ର ଧ୍ୱନୀ ଅଲୀର ଦୋକାନରେ ପ୍ରତିଧ୍ୱନିତ ହେଲା, ଅଲୀ ଦୁଇ ହାତ ପାତି ନିଷ୍ଠାବାନ୍ ହୃଦୟରେ ତାର ଖୁଦାଙ୍କୁ ଏଭଳି କିଛି ପ୍ରାର୍ଥନା କଲା ଯେ, ତା'ର ମାଗୁଣି ଗ୍ରହଣ ଯୋଗ୍ୟତାର ଶ୍ରେଷ୍ଠତମ ଶିଖର ସ୍ପର୍ଶ କରି ଫାତିମାର ହୃଦୟରେ ଅଲୀ ନିମନ୍ତେ ପ୍ରେମ ରୂପେ ଧକ୍ ଧକ୍ ହେଲା । ଫାତିମାକୁ ବି ଘରକୁ ଫେରୁ ଫେରୁ ଅନୁଭବ ହେଲା, ଅଚଳ ଘଣ୍ଟା ସହ ସେ ତା'ର ଜୀବନର ଅବଶିଷ୍ଟ ସମସ୍ତ ସମୟ ଅଲୀର ଜିମାରେ ଛାଡ଼ି ଆସିଥିଲା ।

ହଳକ ଯାକ ତା'ର ଭିଜା ଭିଜା ଆଖି ପତାକୁ ଭ୍ରୂଲତା ଯାକେ ଟେକି ନେଇ ଅଲୀ ପୁଣି ଆଖି ମିଟ୍ ମିଟ୍ କଲା ଓ ଟେବୁଲ ଉପରେ ରହିଥିବା ଫାତିମାର ହାତ ଘଣ୍ଟାକୁ ଚାହିଁ ରହିଲା, ଯାହାର ଘଣ୍ଟା, ମିନିଟ୍ ଓ ସେକେଣ୍ଡ କଣ୍ଟାଗୁଡ଼ିକ କେନ୍ଦ୍ରବିନ୍ଦୁ ଚାରିପଟେ ଘେରାଏ ବୁଲି ଆସି ତାଙ୍କ ପୂର୍ବ ସ୍ଥିତିକୁ ଫେରି ଆସିଥିଲେ । ଚଉମୁଖୀ ପେଚକଶରେ ମଧ୍ୟସ୍ଥ ସ୍କ୍ରୁଉକୁ ହାଲ୍‌କା ଦାବି ଧରି ଧୀରେ ଧୀରେ ଓଲଟା ଦିଗରେ ଘୂରାଇ ନେବାର ଅଳ୍ପ ସମୟ ପରେ ଘଣ୍ଟାର କଣ୍ଟାମାନ ଗତିଶୀଳ ହୋଇ ଉଠିଲେ । ଯଦିଓ ନିଜ ନିଜର ଭିନ୍ନ ଗତି ବଦଳରେ ସମବେଗରେ ତିନିହେଁ ଲଗା ଲଗି ହୋଇ, କେବଳ ସେଇ ଗୋଟିଏ ସ୍ଥାନରେ ଥର୍ ଥରେଇ ଉଠିଲେ । ଅଲୀର ମନେ ହେଲା ସତେ କି ସମସ୍ତ ଶକ୍ତି ତା'ର ଅପଚୟ ହେଲେ ବି ସମୟ ଆଗକୁ ବଢ଼ିବାକୁ ଅସମର୍ଥ.... ଅଲୀ ପୁଣି ଥରେ ଆଖିପତାକୁ ଭ୍ରୂଲତା ଯାକେ ଟେକି ଧରି ଆଖି ମିଟ୍ ମିଟ୍ କଲା ଓ ଘଣ୍ଟାର ଥର୍ ଥର୍ ହେଉଥିବା କଣ୍ଟାମାନଙ୍କ ଆଢୁଆଳରେ ନିଜର ତଥା ଫାତିମାର ଧୂଆଁଳିଆ ବିମ୍ବକୁ ଚାହିଁ ରହିଲା; ଅତି ବିନମ୍ରତା ସହକାରେ ଯିଏ କି ସାରା ସଂସାରଠୁ ମିଳନର ଅନୁମତି ଯାଚନା କରୁଥିଲେ ।

ଚାନ୍ଦନୀ ଚୌକର ସେ ରାତିରେ ଅଲୀର ଦୋକାନରେ ତା'ର, ତଥା ଫାତିମାର ସମସ୍ତ ଆତ୍ମୀୟ ସ୍ୱଜନ ଜମା ହୋଇଥିଲେ । ଅପରାଧୀଟିଏ ଭଳି ମୁଣ୍ଡ ପୋତି ଭୂଇଁକୁ ଅଲୀ ଅନାଇ ରହିଥିଲା ଓ ଧକ୍ ଧକ୍ ଜଳୁଥିବା ନାଲି ଟହ ଟହ ଅଙ୍ଗାର ଭଳି ଆଖିରେ ଫାତିମା ଆକାଶକୁ । ମଦିନା ମସ୍‌ଜିଦର ଅର୍ଦ୍ଧଚନ୍ଦ୍ରାକାର ଗମ୍ବୁଜରୁ ଭାସି ଆସୁଥିବା ସୁନ୍ନୀ ଆଜାନର ଧ୍ୱନୀ ଓ ଇମାମ ବରଗାହରୁ ଭାସି ଆସୁଥିବା ଶୀହା ଆଜାନର ଧ୍ୱନୀ ମଝିରେ ଝୁଲି ରହି ସାୟାହ୍ନ ସମୟ ଥର୍ ଥର୍ କମ୍ପୁଥିଲା । ଅଲୀ ଓ ଫାତିମା ଉଭୟଙ୍କ ବାପମାନେ ଏକ ସମୟରେ ଦୁହେଁ ଦୁହିଙ୍କ ଆଖିରେ ଆଖି ରଖି, ଆଖି କୋଣରୁ ଅଲୀ ଓ ଫାତିମାଙ୍କୁ ଚୋରେଇ ଦେଖୁ ଦେଖୁ ବିଡ୍ ବିଡ୍ ହେଉଥିଲେ, "ସୁନ୍ନୀ ଓ ଶୀହାଙ୍କ ଏଇ ଗହନ ପ୍ରଭେଦ, ପାର୍ଥକ୍ୟ କେବଳ ଉଭୟଙ୍କ ଆଜାନ୍ ଧ୍ୱନୀ ମଧ୍ୟର ମିନିଟ୍ ଓ ସେକେଣ୍ଡର ତଫାତ୍ ନୁହେଁ ବରଂ ଶତାଧିକ ବର୍ଷର ବ୍ୟବଧାନ ଅଟେ ।" ଭୂଇଁରୁ ଉଠେଇ ଅଲୀ ତା'ର ଫୁଲା ଫୁଲା ଆଖିରେ ଘଣ୍ଟାକୁ ଚାହିଁଲା । କିନ୍ତୁ ପିତୁଳା ଓ ପଲକ ମଝିରେ ଭରି ରହିଥିବା ଲୋତକ ଯୋଗୁଁ ହୁଏତ ତାକୁ ମନେ ହେଲା ସତେକି ଘଣ୍ଟାର ତିନୋଟି ଯାକ କଣ୍ଟା ତାର ଅଶ୍ରୁରେ ପହଁରି ଯାଇ ଶତାଧିକ ବର୍ଷରୁ ଜମାଟ ବନ୍ଧା ସମୟ ଉପରେ ଜଡ଼େଇ ବସି ଯାଇଛନ୍ତି । ପୁଣି ଅଲୀ ତା'ର ଘଣ୍ଟାରୁ ଦୃଷ୍ଟି ହଟାଇ ଆଖ ପାଖକୁ ଚାହିଁଲାରୁ ଭାବିଲା ଯେ, ହୁଏତ ଚାନ୍ଦିନୀ ଚୌକର ସମୁଜ୍ଜ୍ୱଳ ବଜାର, ସହସା କିଛିଟା ପୋଡ଼ା ଇଟା ତିଆରି ଚଉତରା ଓ ପ୍ରାଚୀରରେ ବଦଳି ଯାଇଛି, ଯେଉଁଠି ଚତୁର୍ଦ୍ଦିଗରେ ଆରବୀୟ ମରୁମାଳର ଧୂଳି ବାଲି ଉଡୁଛି ଓ ତା'ର ସମସ୍ତ ଆତ୍ମୀୟ ସ୍ୱଜନମାନେ, ଲମ୍ବା ଲମ୍ବା ଆରବୀୟ ପୋଷାକ ପରିଧାନ ପୂର୍ବକ ଖଡ୍‌ଗ ହସ୍ତେ ସମସ୍ତେ ସମସ୍ତଙ୍କ ରକ୍ତ ପିପାସୁ ହୋଇ ଉଠିଛନ୍ତି । ଅଲୀର ମନେ ହେଲା ଯେପରି ସାରା ଚାନ୍ଦିନୀ ଚୌକ ହଠାତ୍ ଚଉଦ ଶହ ବର୍ଷ ପୁରୁଣା ମଦିନାର ବଜାରରେ ରୂପାନ୍ତରିତ ହୋଇ ଯାଇଛି ଓ ତା'ର ଦୋକାନ 'ସକୀଫା ବନୀ ସାୟଦା'ର ସେଇ ସଭା ସ୍ଥଳ ଯେଉଁଠି ତା'ର ବିବାହ ପରିବର୍ତ୍ତେ ସମ୍ଭବତଃ ତା'ର ବିରୁଦ୍ଧରେ ପ୍ରଥମ ବିଦ୍ରୋହ ସ୍ଥିରୀକୃତ ହୋଇ ସାରିଛି । ଭୀତତ୍ରସ୍ତ ହୃଦୟରେ ଅଲୀ ଏଥର ଲୁହତକ ପୋଛି ନେଇ ପୁଣି ଥରେ ଘଣ୍ଟା ଉପରେ ତାର ଦୃଷ୍ଟି ନିବଦ୍ଧ କଲା । କିନ୍ତୁ ଘଣ୍ଟାର କଣ୍ଟାମାନ ଯେଉଁଠି କି ସେଇଠି ପଡ଼ି ରହିଥିଲେ ନିସ୍ପନ୍ଦ, ନିଷ୍କମ୍ପ । ଅସହାୟ ଭାବେ ଅଲୀ ଏଥର ତା'ର ସମ୍ପର୍କୀୟମାନଙ୍କୁ ଅନାଇଲା ଓ ଫାତିମା ପଟେ ବି ଥରେ ନିରାଶା ଭରା ଦୃଷ୍ଟିରେ ଚାହିଁ ନେଲା । ହଠାତ୍ କରି ଫାତିମାର ଅନ୍ତରରେ କ'ଣ ହେଲା କେଜାଣି, ସ୍ୱସ୍ଥାନ ଛାଡ଼ି ସେ ଧୀରେ ଧୀରେ ଟେବୁଲ ଉପରେ ରହିଥିବା ତା'ର ଅଚଳ ଘଣ୍ଟା ଉଠେଇ ନେଇ ଅଲୀର ଅଣ୍ଟିରେ ପକେଇ ଦେଲା । ଆଖି ମିଟ୍ ମିଟ୍ କରି ଅଲୀ ଘଣ୍ଟାର ଡାଏଲ୍ ଉପରେ ଦୃଷ୍ଟି ନିବଦ୍ଧ କଲା ଏବଂ ବିସ୍ମିତ ହୋଇ ଘଣ୍ଟା, ମିନିଟ ଓ ସେକେଣ୍ଡ କଣ୍ଟାକୁ ଅପଲକ ଚାହିଁ ରହିଲା । ଯାହାର କି ଅଟକି ରହିଥିବା ସମୟ ତା'ର ନିଜର ଘଣ୍ଟାର ସମୟର ଠିକ୍ ପୂର୍ବବର୍ତ୍ତୀ ସମୟ ସୂଚାଉଥିଲା । ସହସା ଅଲୀ ତା'ର ନିଜ ସ୍ଥାନରୁ ଉଠିଲା । ଫାତିମାର ହାତକୁ ମୁଠାଇ ଧରି ନିଜର ତଥା ଫାତିମାର ଜମିଥିବା ଆତ୍ମୀୟ ସ୍ୱଜନଙ୍କୁ କହିଲା..."'ପୈଗମ୍ବର ମହମ୍ମଦ, ଅଲୀ ଓ ଫାତିମାଙ୍କ ବିବାହକୁ କାହିଁକି ସମର୍ଥନ କରିଥିଲେ ଆପଣମାନେ ସମସ୍ତେ ଜାଣନ୍ତି ତ! ଏଇ କାରଣରୁ ଯେ, ତାଙ୍କର ଅନୁଗାମୀଙ୍କ ମଧ୍ୟରେ କଦାପି ଫାଟ ସୃଷ୍ଟି ନହେଉ...ଆପଣମାନେ କ'ଣ ତାଙ୍କର ଏଇ ସୁନେଲୀ ସୁକୋମଳ ସ୍ୱପ୍ନଟିକୁ ସାକାର ରୂପ ଦେବାରେ ସାହାଯ୍ୟ କରିବେନି?" ■

ମାର୍ଫତ: ଦାଶ ଆଗ୍ରୋ ଏଜେନ୍ସୀ
କଳାପାଣି, ତୋରା , ବରଗଡ଼
ପିନ୍: ୭୬୮୦୪୦
ମୋ: ୯୪୩୭୧୫୮୧୪୨

# ଡବ୍ଲୁ. ବି. ୟେଟ୍‌ସଙ୍କ କବିତାରେ ପ୍ରତୀକବାଦ



ଅଧ୍ୟାପକ ବିରଞ୍ଚି ନାରାୟଣ ଦାସ

ଡବ୍ଲୁ.ବି. ୟେଟ୍‌ସ ଇଂରାଜୀ କବିତାର ଇତିହାସରେ ଜଣେ ଅନନ୍ୟ ବ୍ୟକ୍ତିତ୍ୱ । ସେ ଇଂରାଜୀ ସାହିତ୍ୟର ଇତିହାସରେ ପ୍ରତୀକବାଦୀ କବି ଭାବରେ ଏକ ଅଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଇଂଲଣ୍ଡରେ ପ୍ରତୀକବାଦୀ ଆନ୍ଦୋଳନର ମୁଖ୍ୟ ପ୍ରବକ୍ତା ଭାବରେ ସେ ବେଶ୍ ଲୋକପ୍ରିୟ । ତାଙ୍କର ପ୍ରତୀକଗୁଡ଼ିକ ଅତ୍ୟନ୍ତ ଉଦ୍ଭାବକ ଏବଂ ସୂଚକ । ସ୍ୱଦେଶୀ ଉତ୍ପତ୍ତି- ଫରାସୀ ପ୍ରତୀକବାଦୀ ମାଲାର୍ମେଙ୍କୁ ପ୍ରତୀକର ଉଦ୍ଭାବକ ବୋଲି ମନେ କରାଯାଏ । ମାଲାର୍ମେଙ୍କ ଧର୍ମ ଥିଲା ପରମ ସୌନ୍ଦର୍ଯ୍ୟର ଏକ କଠୋର ଉପାସନା ଯାହା ପ୍ରତୀକଗୁଡ଼ିକର ଉତ୍କଣ୍ଠାପୂର୍ଣ୍ଣ ଚିନ୍ତନ ଦ୍ୱାରା ପହଞ୍ଚିବାକୁ ଚେଷ୍ଟା କରାଯାଇଛି । ତାଙ୍କ କବିତାରେ ସମସ୍ତ ପ୍ରାରମ୍ଭିକ, ବ୍ୟାଖ୍ୟା ଏବଂ ତୁଳନା ବାଦ ଦିଆଯାଇଛି । ୟେଟ୍‌ସ ଫରାସୀ ପ୍ରତୀକବାଦୀ ଆନ୍ଦୋଳନର ନୁହେଁ; ବରଂ ଏକ ସାଧାରଣ ୟୁରୋପୀୟ ଆନ୍ଦୋଳନର ସୃଷ୍ଟି । ଫରାସୀ ପ୍ରତୀକବାଦୀ ଆନ୍ଦୋଳନ ବିଷୟରେ ତାଙ୍କର ଜ୍ଞାନ ଅଥୁର ସାଇମନ୍ସଙ୍କ ମାଧ୍ୟମରେ ପରିଚାଳିତ ହେଉଥିଲା । ଫରାସୀଙ୍କ ବିଷୟରେ ଶୁଣିବା ପୂର୍ବରୁ ସେ କିନ୍ତୁ ବହୁ ପୂର୍ବରୁ ଜଣେ ପ୍ରତୀକବାଦୀ ଥିଲେ । ତାଙ୍କର ପ୍ରତୀକବାଦ ଆଧାରିତ ଥିଲା ବ୍ଲେକ୍, ସେଲି ଏବଂ ରୋସେଟିଙ୍କ କବିତା ଏବଂ ଗୁପ୍ତ ବିଦ୍ୟା ଉପରେ ତାଙ୍କର ପୁସ୍ତକ ପଢ଼ିବା ଉପରେ । ସେ ପତ୍ରବିଜ୍ଞାନର ତତ୍ତ୍ୱ, ସ୍ୱାକ୍ଷରର ତତ୍ତ୍ୱ ଏବଂ ଯାଦୁକରୀ ମନ୍ତ୍ର ଏବଂ ପ୍ରତୀକଗୁଡ଼ିକର ତତ୍ତ୍ୱ ସହିତ ମଧ୍ୟ ପରିଚିତ ହୋଇଥିଲେ ଯାହାର ଯାଦୁରେ ଆଧ୍ୟାତ୍ମିକ ଏବଂ ଭୌତିକ ପରିବର୍ତ୍ତନ ହୋଇଥିଲା ।

ୟେଟ୍‌ସଙ୍କ ପ୍ରତୀକଗୁଡ଼ିକ କୃତ୍ରିମ ନୁହେଁ । ସେଗୁଡ଼ିକ କାର୍ଯ୍ୟାତ୍ମକ । ସେଗୁଡ଼ିକ କବିତାର ଏକ ଅବିଚ୍ଛେଦ୍ୟ ଅଂଶ । ସେଗୁଡ଼ିକ ବିନା କବିତାଟି ଭାଙ୍ଗି ପଡ଼ିବ । ୟେଟ୍‌ସଙ୍କ ଭାଷାରେ, ' ପ୍ରତୀକ ହେଉଛି କିଛି ଅଦୃଶ୍ୟ ତଥ୍ୟର ଏକମାତ୍ର ସମ୍ଭାବ୍ୟ ପ୍ରକାଶନ, ଏକ ଆଧ୍ୟାତ୍ମିକ ଶିଖା ବିଷୟରେ ଏକ ସ୍ୱଚ୍ଛ ଦୀପ ।' "ଦି ସେକେଣ୍ଡ କମିଂ" ଏବଂ "ସେଲିଂ ଟୁ ବାଇଜାଣ୍ଟିୟମ୍"ରେ ପ୍ରତୀକଗୁଡ଼ିକ ସେତେ ପୁରୁଣା ଯେପରି ୟେଟ୍‌ସ ସାଧାରଣତଃ ଅନୁମତି ଦିଅନ୍ତି । ଯଦି ଆମେ ତାଙ୍କ ସାରସ୍ୱତବାଦର ତଥ୍ୟ କିମ୍ବା ତାଙ୍କ ପ୍ରତୀକଗୁଡ଼ିକକୁ ଏକତ୍ର କରିବା, ପ୍ରତୀକଗୁଡ଼ିକ ବାସ୍ତବରେ ବ୍ୟବହାରଯୋଗ୍ୟ ଏବଂ ପ୍ରକୃତରେ ସେମାନଙ୍କର ଉଦ୍ଦିଷ୍ଟ ପ୍ରତିଛବିକୁ ଗତିଶୀଳ କରି ଦେଖିପାରିବା, ତାଙ୍କର କିପରି ବ୍ୟବହାର କରାଯିବ ଏବଂ କିପରି ନ କରାଯିବ ସେ ବିଷୟରେ ଉତ୍କୃଷ୍ଟ ବୁଝାମଣା ଥିଲା । ଉଦାହରଣ ସ୍ୱରୂପ, "ବାଇଜାଣ୍ଟିୟମ୍‌କୁ ନୌବାହନ" ଏକ କବିତା ଯାହା ଜୀବନର ଏକ ସମୟକୁ ସୂଚିତ କରିଥାଏ, ଯେତେବେଳେ ବୃଦ୍ଧାବସ୍ଥାର ଆଗମନ ମରଣ ସମସ୍ୟା ସହିତ ଚିନ୍ତିତ ହୁଏ, ଯେଉଁ ପ୍ରତୀକ ଚାରୋଟି ପଦକୁ ଏକ ଅବିଚ୍ଛେଦ୍ୟ ମୋଡ଼ରେ ଆସେ ତାହା ସଂଗୀତର ପ୍ରତୀକ । ଯୁବପିଢ଼ି ସଙ୍ଗୀତକୁ ଭଲ ପାଆନ୍ତି ଏବଂ ବୟସ ଏକ ଆଧ୍ୟାତ୍ମିକ ସଂଗୀତ ଆଣିଥାଏ, ଦ୍ୱିତୀୟ ଆଗମନରେ ବେଥଲେହେମ୍‌ରେ ପଶୁର ଅନିବାର୍ଯ୍ୟ ଆଗମନ ଯାହା ସମଗ୍ର କବିତାକୁ ବାନ୍ଧି ରଖେ । ୟେଟ୍‌ସଙ୍କ ପ୍ରତୀକଗୁଡ଼ିକ କେବଳ ସୂଚକ ନୁହେଁ, ଅର୍ଥପୂର୍ଣ୍ଣ ଏବଂ ଉଦ୍ଦୀପକ ମଧ୍ୟ । ସେମାନଙ୍କର ଆକ୍ଷରିକ ଅର୍ଥ ବ୍ୟତୀତ, ସେମାନଙ୍କ ମନର ଆଖି ଆଗରେ ଅନେକ ଅଭିଯୋଗ ମଧ୍ୟ ପ୍ରଦାନ କରା ଯାଇଥାଏ ।

କବି ୟେଟ୍‌ସଙ୍କ ଭାଷାରେ, 'କେବଳ ପ୍ରାଚୀନ ପ୍ରତୀକଗୁଡ଼ିକ ପାଇଁ ଯେଉଁ ପ୍ରତୀକଗୁଡ଼ିକର ଅଗଣିତ ଅର୍ଥ ଅଛି, ତାହା ବ୍ୟତୀତ ଲେଖକ ଯେଉଁ ଗୋଟିଏ କିମ୍ବା ଦୁଇଟି ଉପରେ ଗୁରୁତ୍ୱ ଦିଅନ୍ତି, କିମ୍ବା ସେ ଜାଣନ୍ତି ସେହି ଅର୍ଦ୍ଧସ୍କୋର, ଯେକୌଣସି ଅତ୍ୟନ୍ତ ଆତ୍ମନିଷ୍ଠ କଳା ଏକ ଅତ୍ୟଧିକ ସଚେତନ ବ୍ୟବସ୍ଥାର ନିଷ୍କ୍ରିୟତା ଏବଂ ଅଗଭୀରତାରୁ ପ୍ରକୃତିର ଗଭୀରତା ଏବଂ ପ୍ରାଚୁର୍ଯ୍ୟକୁ ପଳାଇ ଯାଇପାରିବ । ତେଣୁ ପ୍ରତୀକଗୁଡ଼ିକ ଭାଷାକୁ ସମୃଦ୍ଧ ଏବଂ ଜଟିଳ କରିଥାଏ । ଉଦାହରଣ ସ୍ୱରୂପ, "ଆତ୍ମ ଏବଂ ଆତ୍ମାର ସଂଳାପ" କବିତାରେ, ସାଟୋଙ୍କ "ତରବାରୀ" ପ୍ରଥମେ 'ଜୀବନ, ଯୁଦ୍ଧ, ପ୍ରେମ ଏବଂ ଯୌନତା'ର ପ୍ରତୀକ, ଯେତେବେଳେ ଏହା 'ଜାପାନୀ ମହିଳାଙ୍କ କୋର୍ଟ ପୋଷାକ'ର ଆବରଣ, ମହିଳା ଲିଙ୍ଗକୁ ପ୍ରତୀକ କରେ । ପରେ ସମାନ କବିତାରେ, ଖଣ୍ଡା "ଆତ୍ମା" କିମ୍ବା "ଜୀବନ୍ତ ନୀତି"କୁ ସଜାଗ କରିଉଠେ, ଯାହା ସମୟ ଦ୍ୱାରା ପ୍ରଭାବିତ ନୁହେଁ । "ଗୋଲାପ: ଶାନ୍ତିର ଗୋଲାପ"ରେ "ପ୍ରୋଟିଆନ"ର ପ୍ରତୀକ, ଏହା "ପାର୍ଥିବ ପ୍ରେମ ଏବଂ ସୌନ୍ଦର୍ଯ୍ୟ" ପାଇଁ ଠିଆ ହୁଏ ଏବଂ ଅନ୍ୟ ସ୍ତରରେ, ଏହା "ଶାଶ୍ୱତ ପ୍ରେମ ଏବଂ ସୌନ୍ଦର୍ଯ୍ୟ" ପାଇଁ ଠିଆ ହୁଏ । "ଯୁଦ୍ଧର ଗୋଲାପ" ହେଉଛି ପଦାର୍ଥ ବିରୁଦ୍ଧରେ ଆତ୍ମାର ଯୁଦ୍ଧରେ ଈଶ୍ୱରଙ୍କ ପକ୍ଷର ପ୍ରତୀକ । ଏହା "ପାର୍ଥିବ ପ୍ରେମରୁ ଆଶ୍ରୟ ପ୍ରଦାନ କରେ ।" ଏହା "ଟୁ ଦି ରୋଜ୍ ଅପନ୍ ଦି ରୋଜ୍ ଅଫ୍ ଟାଇମ୍" କବିତାରେ ପ୍ରକାଶ ପାଇଛି । "ଦି ସାଡୋଇ ୱାଟର୍ସ" ନାଟକରେ, ଏହା ଶରୀର ଏବଂ ଆତ୍ମାର ମିଳନ, ନିଦ୍ରା ଏବଂ ଜାଗ୍ରତ ଅବସ୍ଥାରେ ଜୀବନ ଏବଂ ମୃତ୍ୟୁ ପାଇଁ ଠିଆ ହୋଇଛି ।

"ଟାୱାର" ଆଉ ଏକ ସମୃଦ୍ଧ କିନ୍ତୁ ଅସ୍ପଷ୍ଟ ପ୍ରତୀକ । ୟେଟ୍‌ସଙ୍କ କବିତାରେ ପ୍ରତୀକ । ଦି ୱାଇଲ୍ଡ ହଂସ ଆଟ୍ କୁଲରେ, ଏହା ହେଉଛି 'ପ୍ରକୃତ ଟୁର୍କୁ' । ଏହା ମିଲଟନଙ୍କ ଦ୍ୱିତୀୟ ପେନସେରୋସୋ ଏବଂ ସେଲିଙ୍କ ରାଜକୁମାର ଆଥାନାସେରେ ପ୍ଲାଟୋନିଷ୍ଟଙ୍କ ଏକାକୀ ଟୁର୍କୁ ମନେ ପକାଇଥାଏ । କିନ୍ତୁ 'ଦି ଟାୱାର' କବିତାରେ, ସେ ପ୍ଲାଟୋଙ୍କୁ ଆକ୍ରମଣ କରନ୍ତି । ତଳଟି କେତେବେଳେ ଏକାକୀ ବୃଦ୍ଧର ସ୍ୱର୍ଗୀୟ ଆକାଂକ୍ଷାକୁ ବୁଝାଏ କିନ୍ତୁ ଏଗୁଡ଼ିକ ଆତ୍ମାର ବିଭିନ୍ନ ସ୍ୱର୍ଗୀୟ ଆକାଂକ୍ଷାରେ ମିଶିଯିବା ପରି ମନେହୁଏ ଆତ୍ମ ଏବଂ ଆତ୍ମାର ଏକ ସଂଳାପରେ, ତଳଟି ହେଉଛି 'ରାତ୍ରିର ପ୍ରତୀକ' । ରକ୍ତ ଏବଂ ଚନ୍ଦ୍ରରେ ଏହା ଆତ୍ମର ଦୃଢ଼ତା, ଶାରୀରିକ ଅହଂକାର ଏବଂ ଆତ୍ମ ସନ୍ତୋଷ ପାଇଁ ପୃଥିବୀ ଏବଂ ରକ୍ତକୁ ଆଗ୍ରହ ପାଇଁ ଠିଆ ହୋଇଛି ।

ପକ୍ଷୀ ପ୍ରତୀକଗୁଡ଼ିକ ମଧ୍ୟରେ ହଂସ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହା ୟେଟ୍‌ସଙ୍କ ଅନେକ କବିତାରେ ଦେଖାଯାଏ । ପ୍ରତୀକଗୁଡ଼ିକର ଗତିଶୀଳ ପ୍ରକୃତିର ଏକ ଆକର୍ଷଣୀୟ ଚିତ୍ରଣ ପ୍ରଦାନ କରେ । ଏହି ପ୍ରତୀକଗୁଡ଼ିକ ବଢ଼ନ୍ତି, ପରିବର୍ତ୍ତନ କରନ୍ତି ଏବଂ ଅର୍ଜନ କରନ୍ତି ସେମାନଙ୍କର ପ୍ରଗତିରେ ଅଧିକ ଗଭୀରତା ଏବଂ ଘନତ୍ୱ । ସେମାନେ ଯୁବାବସ୍ଥାର ଅଟଳ ଏବଂ ଅମର ଆତ୍ମା କିମ୍ବା ଏକ ପ୍ରତିଛବିର ଅମରତ୍ୱର ପ୍ରତୀକ । କାଲଭରୀରେ, ସେମାନେ ବସ୍ତୁନିଷ୍ଠ ପ୍ରକୃତିର ଖ୍ରୀଷ୍ଟପ୍ରକାର ସହିତ ଜଡ଼ିତ ହୁଅନ୍ତି, କାରଣ ତାଙ୍କର ବିପରୀତ କିମ୍ବା ବିରୋଧୀ ପକ୍ଷ ଅଧା ବିସ୍ତାରିତ ହୋଇଯାଏ ଏବଂ ଗର୍ବରେ ଛାତି ବାହାରକୁ ବାହାର କରିଦିଆଯାଏ । ହଂସର ପ୍ରତୀକ ଧୀରେ ଧୀରେ ତାଙ୍କ ମନକୁ ଅଧିକାର କରିନେଲା । ଏକ ହଂସ ସହିତ ମିଶିଗଲା, ଦିବ୍ୟ ଶକ୍ତିର ପ୍ରତିଛବି । ଏହା 'ବାୟୁର ନିଷ୍ଠୁର ରକ୍ତ' ହୋଇଯାଏ ଯାହା ଯୌନ ମିଳନ ପାଇଁ ଲେଡ଼ା ଉପରେ ଅବତରଣ କରିଥିଲା

ଦ୍ୱିତୀୟ ଆଗମନରେ ମଧ୍ୟ ଅନେକ ଅର୍ଥ ଅଛି । ୟେଟ୍‌ସଙ୍କ ନାଟକରେ ୟୁନିକର୍ଣ୍ଣ ଏକ ପ୍ରମୁଖ ପ୍ରତୀକ ଭାବରେ ଉଭା ହୋଇଛି । ଦି ପ୍ଲେୟାର ରାଣିରେ, ଏହା "ବିନାଶ ଏବଂ ନବୀକରଣ" ସହିତ ଜଡ଼ିତ ହୋଇଯାଏ । ଏଠାରେ ରାଣୀଙ୍କ ସହ ୟୁନିକର୍ଣ୍ଣର ମିଳନକୁ ଉଲ୍ଲେଖ କରାଯାଇଛି, ଯାହା ପବିତ୍ରତାର ପ୍ରତୀକ । ଏହି ଅଦ୍ଭୁତ "ମିଳନ", ସତୀତ୍ୱର ମିଳନ ହେଉଛି ବିପରୀତର ମିଶ୍ରଣ, ଏକ ଚମତ୍କାର ପ୍ରକାଶ, ଯାହା ନିଶ୍ଚିତ ଭାବରେ ଲେଡ଼ା ସହିତ ହଂସ ପରି କିଛି ଭୟଙ୍କର ଏପିଫାନି ଆଡ଼କୁ ନେଇଯିବ । ଏହିପରି ୟୁନିକର୍ଣ୍ଣ ପ୍ରତିଛବି 'ଦିବ୍ୟ ହଂସ' ସହିତ ମିଶ୍ରିତ ହୁଏ, ଯାହା ଏକ ସଭ୍ୟତାକୁ ଜନ୍ମ ଦେଇଥାଏ । ଏହା ଦ୍ୱିତୀୟ ଆଗମନର ନିର୍ଲଜ୍ଜ ସ୍ପନ୍ଦନ ସହିତ ମଧ୍ୟ ମିଶ୍ରିତ ହୁଏ, ଯାହା ବର୍ତ୍ତମାନର ଖ୍ରୀଷ୍ଟିଆନ ସଭ୍ୟତାର ଧ୍ୱଂସାବଶେଷରୁ ଏକ ନାଟ୍ୟ ବିରୋଧୀ ସଭ୍ୟତାର ଏକ ନୂତନ ହିଂସାତ୍ମକ ଜନ୍ମର ପ୍ରତୀକ, ଯେଉଁଠାରେ କିଛି ନାହିଁ । "ଏକ ଅତ୍ୟନ୍ତ ଭୟଙ୍କର ବନ୍ୟ ପଶୁ ଅଛି, ଯାହାର ଲୁହା ଦାନ୍ତ ଏବଂ ପିତ୍ତଳ ନଖ ଅଛି ଯାହା ସ୍ୱାଇର ଏବଂ ଟର୍ଭରକୁ ମୂଳପୋଛ କରିପାରେ, ଆଖି କଠିନ ଏବଂ ଥଣ୍ଡା ଏବଂ ନୀଳ, ନୀଳମଣି ପରି" ।

ନୃତ୍ୟ ହେଉଛି ଏକ ପୁନରାବୃତ୍ତି ପ୍ରତୀକ । "ଅପନ୍ ଏ ଡାଇଙ୍ଗ୍ ଲେଡି" କବିତାରେ, ମହିଳାଙ୍କ ଆତ୍ମା "ପୂର୍ବନିର୍ଦ୍ଧାରିତ ନୃତ୍ୟ ସ୍ଥାନକୁ ଦିଆଯାଇଛି । ଏହି ପୂର୍ବନିର୍ଦ୍ଧାରିତ ନୃତ୍ୟ ସ୍ଥାନଟି ସମ୍ପୂର୍ଣ୍ଣ ଆନନ୍ଦ ସହିତ ଜଡ଼ିତ, ସମ୍ପୂର୍ଣ୍ଣ ଶାନ୍ତି ଏବଂ ସମ୍ପୂର୍ଣ୍ଣ ଏକତା । 'ସ୍କୁଲ ପିଲାମାନଙ୍କ ମଧ୍ୟରେ' କବିତାର ଶେଷ ପଦରେ ନୃତ୍ୟର ପ୍ରତୀକ ପୁନର୍ବାର ଏକତାର ଧାରଣାକୁ ଆହ୍ୱାନ କରେ । ପଦର ପ୍ରଥମାର୍ଦ୍ଧ ସନ୍ତୁଳନ ଏବଂ ଏକତାର ଏକ ସ୍ୱର୍ଗୀୟ କିମ୍ବା ଆଦର୍ଶ ଅବସ୍ଥାକୁ ଚିତ୍ରଣ କରେ । ଏହି ପଦର ପରବର୍ତ୍ତୀ ଅର୍ଦ୍ଧଭାଗ ଜୀବନକୁ ଧ୍ୟାନରେ ରଖେ । ଚତୁର୍ଥ ପଦ ନୃତ୍ୟକୁ ଟ୍ରାନ୍‌ସ ସହିତ ସମକକ୍ଷ କରେ, ଯାହା ମଣିଷକୁ ଭୌତିକ ଜଗତର ଜଟିଳତା ଏବଂ ପାର୍ଥିବ ଜଗତରୁ ମୁକ୍ତ କରେ ।

ବାଇଜାଣ୍ଟିୟମ୍‌କୁ ୟେଟ୍‌ସ ଏକତା ଏବଂ ପୂର୍ଣ୍ଣତାର ପ୍ରତୀକ ଭାବରେ ବ୍ୟବହାର କରନ୍ତି । ସେ ବାଇଜାଣ୍ଟେୟମ୍ ଏବଂ ଏହାର ସୁବର୍ଣ୍ଣ ସମୟ ପ୍ରତି ଆକର୍ଷିତ ହୋଇଥିଲେ କାରଣ ଏହା ଏକ ଅତୁଳନୀୟ ଏକତା ଏବଂ ପୂର୍ଣ୍ଣତା ପାଇଁ ଠିଆ ହୋଇଥିଲା । ପ୍ରାରମ୍ଭିକ ବାଇଜାଣ୍ଟେୟମ୍ ୟେଟ୍‌ସଙ୍କ ଅନୁସାରେ, ଧାର୍ମିକ, ସୌନ୍ଦର୍ଯ୍ୟ ଏବଂ ବ୍ୟବହାରିକ ଜୀବନ ଏକ ଥିଲା । ଏଠାରେ କଳା ଏବଂ ଜୀବନ ପରସ୍ପର ସହିତ ଜଡ଼ିତ ଥିଲେ । "ବାଇଜାଣ୍ଟେୟମ୍‌କୁ ଯାତ୍ରା" କବିତାରେ, ବାଇଜାଣ୍ଟେୟମ୍ ଏକ ସିଦ୍ଧ ବିଶ୍ୱର ପ୍ରତୀକ ହୋଇଯାଏ । ସେ ପକ୍ଷୀମାନଙ୍କର ଇନ୍ଦ୍ରିୟଗତ ସଙ୍ଗୀତକୁ ପ୍ରତ୍ୟାଖ୍ୟାନ କରନ୍ତି ଏବଂ ସୁବର୍ଣ୍ଣ ଡାଳରେ ଥିବା ଏକ ସୁନା ପକ୍ଷୀର ଆଧ୍ୟାତ୍ମିକ ସଙ୍ଗୀତକୁ ଗ୍ରହଣ କରନ୍ତି । ସମାନ ନାମ ଥିବା ଅନ୍ୟ ଏକ କବିତାରେ ବାଇଜାଣ୍ଟେୟମ୍ ଏକ ଶୁଦ୍ଧିକରଣସ୍ଥଳୀ ହୋଇଯାଏ । ■

ଇଂରାଜୀ ବିଭାଗ
କାହ୍ନୁଚରଣ ଉଚ୍ଚ-ମାଧ୍ୟମିକ ବିଦ୍ୟାଳୟ
କୋରେଇ, ଯାଜପୁର
ମୋ: ୯୪୩୮୨୧୪୯୮୯

# ଦୀପ



ମୂଳ ହିନ୍ଦୀ: ବ୍ରଜ ଶ୍ରୀବାସ୍ତବ
ଅନୁବାଦ: ଈପ୍‌ସିତା ଷଡ଼ଙ୍ଗୀ

ଗୋଟିଏ ସମୟ ଥିଲା
ଯେତେବେଳେ ମାଟି ସବୁଠି ପ୍ରାଧାନ୍ୟ ବିସ୍ତାର କରିଥିଲା ।
ଖେଳିବା ସମୟରେ ପିଲାମାନେ ଏହାକୁ ଖାଇ ଦେଉଥିଲେ,
ମହିଳାମାନେ ଏହାକୁ କେଶ ଧୋଇବା ପାଇଁ ବ୍ୟବହାର କରୁଥିଲେ,
ମାଟି ଚିକିତ୍ସା ପାଇଁ ମଧ୍ୟ ଉପଯୋଗୀ ଥିଲା ।

ସମଗ୍ର ଗାଁକୁ ମାଟିପାତ୍ର ଯୋଗାଉଥିଲା କୁମ୍ଭାର
ସେଥିପାଇଁ ତାଙ୍କୁ ପ୍ରଜାପତି ବୋଲି କୁହାଯାଉଥିଲା


କବୀର ତାଙ୍କ 'ସାଖୀ'ରେ ମାଟି ବିଷୟରେ କହିଛନ୍ତି ।
ବିବାହର ସମୟରେ ବି ପ୍ରଥମେ ହେଉଥିଲା ମାଟିପୂଜା ।

ଗୋଟିଏ ସମୟ ଥିଲା ଯେତେବେଳେ
କିଏ ମାଟିରେ ମିଶିଯିବାର ଖବର ଶୁଣି
ଦୁଃଖରେ ଭାଙ୍ଗି ପଡୁଥିଲେ ଲୋକେ ।
ନାଟକରେ ମାଟିଗାଡ଼ିର ମଧ୍ୟ ଏକ ବଡ଼ ଭୂମିକା ଥିଲା ।
ଦେଶକୁ ରାଷ୍ଟ୍ର ନୁହେଁ, ବରଂ ମାଟି କୁହାଯାଉଥିଲା ।
ଯେତେବେଳେ ଆମେ ବାହାରୁ ଘରେ ପ୍ରବେଶ କରୁଥିଲୁ,
ମାଟି ଛଡ଼ାଉଥିଲୁ, ଚିନ୍ତା ନୁହେଁ ।
କ୍ଷେତର ମାଟିକୁ ମା' ପରି ପୂଜା କରାଯାଉଥିଲା ।

ମାଟିର ହାତୀ ଏବଂ ଘୋଡ଼ା ସବୁଠାରୁ ଭଲ ଖେଳଣା ଥିଲା ।
ମାଟି ଘରେ ହିଁ ରହୁଥିଲେ ମହାପୁରୁଷମାନେ ।
ମାଟିର ଗନ୍ଧ କିନ୍ତୁ ମିଶି କରିନଥିଲା ମାଟିରେ ।

ଗୋଟିଏ ସମୟ ଥିଲା
ଯେତେବେଳେ ସୂର୍ଯ୍ୟ ଏବଂ ଚନ୍ଦ୍ର ବ୍ୟତୀତ
ଆଲୋକ ବିସ୍ତାର କରିବାର ଦାୟିତ୍ୱ
ସେହି ଦୀପର ଥିଲା
ଯାହାର ମାଟି
କାର୍ତ୍ତିକ ଅମାବାସ୍ୟା ଦିନ ବହୁତ ଉଲ୍ଲସିତ ରହୁଥିଲା । ■

# ସ୍ୱାଧୀନତା



ମେଘରୁ ଅଲଗା ହେବା ପରେ
ପାଣିଟୋପା ମୁକ୍ତି ପାଏ,
ଏକ ବୀଜ ମୁକ୍ତ ହୁଏ,
ପ୍ରସ୍ଫୁଟିତ ହେବାପରେ ,
ଅକ୍ଷର ଲେଖିବା ପରେ ଯାଇ
ମୁକ୍ତ ହୋଇପାରେ କଲମ ।

କାନ୍ଦିଦେଇ ବେଶ୍ ମୁକ୍ତ ଅନୁଭବ କରେ
ନବଜାତ ଶିଶୁ
ଗୋଟିଏ ସ୍ୱର ମୁକ୍ତ ହୋଇପାରେ
ବାହାରି ଆସିବା ପରେ
ହାରମୋନିୟମର କଣ୍ଠରୁ ।

ଗୋଟିଏ ସ୍ୱର ମୁକ୍ତ ହୁଏ
ସତକୁ ଉଚ୍ଚ ସ୍ୱରରେ କହିବା ପରେ
ସତକୁ ଉଚ୍ଚ ସ୍ୱରରେ କହିବା ପରେ । ■

ଅଧ୍ୟାପିକା, ଇଂରାଜୀ ବିଭାଗ
ନିଆଳି କଲେଜ, ନିଆଳି, କଟକ
ମୋ: ୯୯୩୮୩୭୦୨୮୯
୯୮୬୧୩୩୩୯୪୪

## ପୁସ୍ତକ ପରିଚୟ

### ପାପୁଲିଏ ବିଶ୍ୱାସ

ପ୍ରକାଶ ଚନ୍ଦ୍ର ରାଉତ




ବନଫୁଲ
ଭି.ଏସ୍. ଏସ୍. ନଗର
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୬୫ ଟଙ୍କା

"ପ୍ରେମ ଧାରେ ସର୍ଜିଦେଲା ପରେ/ ଚେଇଁଉଠେ ଜହ୍ନଭିଜା ରାତି/ ପ୍ରଲମ୍ବି ଯାଏ/ ନିଘଞ୍ଚ ପ୍ରେମର କିଆରି ଆଖି ପାଇବା ପର୍ଯ୍ୟନ୍ତ/ ଚିଠି ସବୁ ଟୁକୁଡ଼ା ହେଇ/ ବାଣ୍ଟୁଥାନ୍ତି ସ୍ମୃତି/ କହୁଥାନ୍ତି ପ୍ରେମ ଅଟେ ଚିରନ୍ତନ ସତ୍ୟ ଓ ଶାଶ୍ୱତ ।" (ପ୍ରେମ ପାଇଁ ଚିଠିଟିଏ) ପ୍ରେମ ସର୍ବଦା ଶାଶ୍ୱତ, ଚିରନ୍ତନ । ପ୍ରେମର ଗଭୀରତା ମାପି ହୁଏ ନାହିଁ, କେବଳ ଅନୁଭବ କରିହୁଏ । ପ୍ରେମ, ଫଗୁଣ, ସ୍ମୃତି, ଅନୁଭୂତିର ଛଳ ଛଳ ଭାବ ଉକୁଟି ଉଠିଛି ପ୍ରକାଶ ଚନ୍ଦ୍ର ରାଉତଙ୍କ 'ପାପୁଲିଏ ବିଶ୍ୱାସ' ପୁସ୍ତକର କବିତାଗୁଡ଼ିକରେ । ଏହି ପୁସ୍ତକରେ ଏକାବନଟି କବିତା ସଂକଳିତ ହୋଇଛି । 'ପାପୁଲିଏ ବିଶ୍ୱାସ', 'ପ୍ରେମ ପାଇଁ ଚିଠିଟିଏ', 'ସ୍ୱପ୍ନଭିଜା ଝିଅ ଆଉ କବିତା', 'ଉର୍ଦ୍ଧ୍ୱ ଉଡ଼ାଣ', 'ରୂପାନ୍ତର', 'ଛଳନା', 'ରାତିଟିଏ ପାହିବା ଆଗରୁ', 'ଅବସୋସ', 'କାକୁସ୍ଥ ଜୀବନ', 'ମୋହାବିଷ୍ଟ', 'ନିର୍ବାଣ', 'ଆସଥରେ ଈଶ୍ୱରଙ୍କୁ ଭେଟିବା', 'କୃଷ୍ଣହସ', 'ଯାତ୍ରାପଥେ ମୁଁ', 'ଈଶ୍ୱର', 'ଜୀବନ', 'ଛଦ୍ମବେଶ', 'ସ୍ୱପ୍ନ ଏକ ଫଗୁଣ ବେଳର' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି । ଏହି ପୁସ୍ତକର ଅନେକ କବିତାରେ ପ୍ରେମ, ଈଶ୍ୱର ଭକ୍ତି, ଜୀବନବୋଧ, ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି । ଜୀବନର ମହାର୍ଘ୍ୟ ମୁହୂର୍ତ୍ତ ସବୁ କବିତାର ରୂପ ନେଇଛି । ନିର୍ବାଣ ପାଇଁ କବି କେତେବେଳେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛନ୍ତି ପୁଣି କେତେବେଳେ ସ୍ୱପ୍ନଭିଜା ଝିଅ ପାଇଁ କବିତା ଲେଖୁଛନ୍ତି । 'ପାପୁଲିଏ ବିଶ୍ୱାସ' ପୁସ୍ତକର କବିତାଗୁଡ଼ିକ ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ ।

### ଅନୁଭବ ଅନାହତ

ସୁଧାଂଶୁ ଶେଖର ପଟ୍ଟନାୟକ



ତୀର ତରଙ୍ଗ ପବ୍ଲିକେଶନ୍
ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର
ପ୍ରଥମ ପ୍ରକାଶନ : ୨୦୨୪
ମୂଲ୍ୟ: ୧୨୦ ଟଙ୍କା

ଜୀବନରେ ଅନେକ ମଣିଷଙ୍କ ସାନ୍ନିଧ୍ୟ ମିଳିଥାଏ । ତେବେ କେତେକଙ୍କ ଭଲ ପାଇବା, ଆତ୍ମୀୟତା ସାରା ଜୀବନ ଭୁଲି ହୁଏନାହିଁ । ପୁଣି କେଉଁ ମୁହୂର୍ତ୍ତରେ ନିରବତା ନେଇ ଆସେ ଝଡ଼ର ରୂପ । ଏମିତି ଜୀବନର ବାସ୍ତବତାର ଚିତ୍ର ପ୍ରସ୍ଫୁଟିତ ହୋଇଉଠିଛି ସୁଧାଂଶୁ ଶେଖର ପଟ୍ଟନାୟକଙ୍କ 'ଅନୁଭବ ଅନାହତ' ପୁସ୍ତକର କବିତାଗୁଡ଼ିକରେ । "ଜୀବନରେ କେଉଁ ମୁହୂର୍ତ୍ତରେ,/ କେଜାଣି ଧସେଇ ଆସେ ଆକସ୍ମାତ/ କୋଳାହଳର ଦୁନିଆରେ/ ନିରବତାର ଝଡ଼ ନେଇ ।" (ନିରାଶା) ଏହି ପୁସ୍ତକରେ ସଂକଳିତ 'ବୃଦ୍ଧ ଆହ୍ୱାନ', 'ଶୀତସ୍ପର୍ଶ', 'ନିରବଦ୍ରଷ୍ଟା', 'ଭିଟାମାଟି', 'ଜୀବନ', 'ଭୟ', 'ଆଶା', 'ନିରାଶା', 'ବିଫଳତା', 'ଭୋକ', 'ବଞ୍ଚିବାକୁ ଦିଅ', 'ନିରବତା', 'ମୋହଭଙ୍ଗ', 'ଚଲାପଥ', 'ରାସ୍ତା' ଆଦି କବିତାରେ ବାସ୍ତବ ଜୀବନ ନିଛକ ଚିତ୍ର ପ୍ରତିଫଳିତ ହୋଇଛି । ଜୀବନରେ ଦୁଃଖ, ଯନ୍ତ୍ରଣା, ନିରାଶା, ବିଫଳତା ରହିଛି । ତଥାପି ଜୀବନ ସବୁ ମତେ ସୁନ୍ଦର ଓ ଅନୁପମ - ଏଭଳି ମହାନ ଅନୁଭବ ଅନେକ କବିତାରେ ଉତ୍‌କୀର୍ଣ୍ଣ ହୋଇଛି । ଜୀବନର ଅନେକ ଅକୁହା ବେଦନା କବିତାରେ ରୂପ ଲାଭ କରିଛି । ସେଭଳି 'ବୋଉ', 'ବାପା', 'ବୁଢ଼ାଲୋକ', 'ସଂପର୍କର ସେତୁ', 'ସଂପର୍କ' ଆଦି କବିତାରେ ମାନବୀୟ ସଂପର୍କ, ମାନବିକତାର ସ୍ୱର ଅତି ମାର୍ମିକ ଭାବେ ଚିତ୍ରିତ ହୋଇଛି । ଗଭୀର ଜୀବନାନୁଭବ, ନିବିଡ଼ ଅନୁଭୂତି, ଅଭୁଲା ସ୍ମୃତି, ମଣିଷପଣିଆ, ସାମାଜିକ ବାସ୍ତବତାର ବର୍ଣ୍ଣନା କବିତାଗୁଡ଼ିକକୁ ଅଧିକ ମର୍ମସ୍ପର୍ଶୀ କରିଛି । ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।

## ନଳିହାଡ଼ ହତ୍ୟା ମାମଲାର ଚୂଡାନ୍ତ ରାୟ ପ୍ରକାଶ

# ଅଭିଯୁକ୍ତ ସୀମାଙ୍କୁ ଆଜୀବନ ଜେଲ

ବ୍ରହ୍ମପୁର,୨୮ ।୬(ସମିସ): ନଳିହାଡ଼ ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ଶନିବାର ପ୍ରକାଶ ପାଇଛି । ଜିଲ୍ଲା ଦୌରାଜଜ ଡ. ଭାଗ୍ୟଲକ୍ଷ୍ମୀ ରଥ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ ହିଞ୍ଜିଳି ଥାନା ଅନ୍ତର୍ଗତ ସୋମପୁର ଗ୍ରାମର ସୀମା ମହାରଣା(୩୫)କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହିତ ୩୦ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଗତ ୨୦୨୨ ଅକ୍ଟୋବର ୯ରେ ସଚିନ ମହାରଣାଙ୍କୁ ସୀମା ମହାରଣା ଘରୁ ଡାକି ନେଇଥିଲେ । ଏହାପରେ ଆଉ ସେ ଘରକୁ ଫେରିନଥିଲେ । ଘଟଣାର ୨ଦିନ ପରେ ସଦର ଥାନା ଅନ୍ତର୍ଗତ ନଳିହାଡ ଗ୍ରାମ ପୋଖରୀରୁ ତାଙ୍କ ଶବ ମିଳିଥିଲା । ପରେ ପୁଲିସ ସୀମାଙ୍କୁ ଥାନାକୁ ଆଣି ଜେରା କରିବାରୁ ସେ ସଚିନଙ୍କୁ ଉକ୍ତ ପୋଖରୀକୁ ଠେଲି ହତ୍ୟା କରିଥିବା ସ୍ୱୀକାର କରିଥିଲେ । ସୀମାଙ୍କୁ ଗିରଫ କରି କୋର୍ଟଚାଲାଣ ସହ ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ସଦର ଏସ୍‌ଡିପିଓ ଶିବଶଙ୍କର ମହାପାତ୍ର କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ । ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ ବରାଳ ମାମଲା ପରିଚାଳନା କରୁଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହାପ୍ରଭୁ ଦାୟୀଙ୍କୁ...

କରନ୍ତୁ ବୋଲି ସାଧାରଣରେ ଦାବି ହୋଇଛି ।

"ଏକ୍ସ'ରେ ନବୀନ କହିଛନ୍ତି ଯେ ନନ୍ଦିଘୋଷ ରଥଟଣାରେ ଅଯଥା ବିଳମ୍ବ ପାଇଁ ପ୍ରଶାସନକୁ ଦୋଷାରୋପ କିମ୍ବା ଅଙ୍ଗୁଳି ନିର୍ଦ୍ଦେଶ କରିବାକୁ ଆମେ ଚାହୁଁନାହୁଁ । କିନ୍ତୁ ଆମ ରାଜ୍ୟର ତଥା କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଏହି ପବିତ୍ର ଉତ୍ସବରେ ଯେଉଁ ଅଘଟଣ ଘଟିଛି, ସେଥିପାଇଁ ଆମର ଗଭୀର ଚିନ୍ତା ଓ ଦୁଃଖ ପ୍ରକାଶ ନ'କରି ରହି ହେଉନାହିଁ । ଗତ ବର୍ଷ ଆଡ଼ପ ପହଣ୍ଡି ବିଜେ ସମୟରେ ଭଗବାନ ବଳଭଦ୍ର ପଡ଼ିଯିବା ଘଟଣାକୁ ଏଯାଏଁ ଆମେ କେହି ଭୁଲି ପାରୁନାହୁଁ; ଏହା ଏପରି ଏକ ମୁହୂର୍ତ୍ତ ଥିଲା ଯାହା ଅଗଣିତ ଶ୍ରଦ୍ଧାଳୁଙ୍କୁ ମର୍ମାହତ କରିଥିଲା । ଏବର୍ଷ ସମସ୍ତେ ଦେଖିଲେ ନନ୍ଦିଘୋଷ ରଥ ସିଂହଦ୍ୱାର ସାମ୍ନାରେ ସନ୍ଧ୍ୟା ୭:୪୫ ପର୍ଯ୍ୟନ୍ତ ଅଟକି ରହିଥିଲା ଏବଂ ଦିନ ଶେଷ ହେବା ପୂର୍ବରୁ ମାତ୍ର କିଛି ମିଟର ଗଡ଼େଇ ଦିଆଗଲା । ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଏହି ଅନନ୍ୟ ଉତ୍ସବ ଦେଖିବାକୁ ଆସିଥିବା ଲକ୍ଷ ଲକ୍ଷ ଭକ୍ତଙ୍କୁ ଏହା ସମ୍ପୂର୍ଣ୍ଣ ଭାବେ ନିରାଶ ଓ ହତାଶ କରିଛି । ଭିଡ଼ ନିୟନ୍ତ୍ରଣରେ ଅପାରଗତା ହେତୁ ଶହ ଶହ ଭକ୍ତ ଆହତ ହୋଇଛନ୍ତି ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଆମେ କେବଳ ଏତିକି ପ୍ରାର୍ଥନା କରିପାରିବା ଯେ 'ରଥଯାତ୍ରାର ଏହି ଦିବ୍ୟ ଉତ୍ସବରେ ହୋଇଥିବା ଭୟଙ୍କର ବିଭ୍ରାଟ ତଥା ବିଶୃଙ୍ଖଳା ପାଇଁ ଦାୟୀ ସମସ୍ତଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥ କ୍ଷମା କରନ୍ତୁ ।' ମୁଁ ଆଶା କରିବି ଏହି ଘଟଣା ସରକାରରେ ଥିବା ସମସ୍ତଙ୍କ ମନରେ ଗଭୀର ଆତ୍ମଚିନ୍ତନ ଆଣିବ । ଶେଷରେ ଚକା ଆଖି ସବୁ ଦେଖୁଛି ବୋଲି ନବୀନ ଉଲ୍ଲେଖ କରିଛନ୍ତି ।

ଅପରପକ୍ଷେ ନବୀନଙ୍କ ପରାମର୍ଶକୁ ରାଜ୍ୟ ସରକାର ବିନା ଦ୍ୱିଧାରେ ଗ୍ରହଣ କରିବା ଉଚିତ୍ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ଗତବର୍ଷ ରଥଯାତ୍ରାରେ ଏକାଧିକ ବିଭ୍ରାଟ ଘଟିଥିଲେ ହେଁ ସରକାର ଏହାକୁ ଗୁରୁତ୍ୱର ସହ ଗ୍ରହଣ କଲେନାହିଁ । ବଡ଼ଠାକୁର ବଳଭଦ୍ର ରଥରୁ ପଡ଼ିଯିବା ପରି ମହାବିଭ୍ରାଟ ଘଟିଥିଲେ ହେଁ ଏହାର ତଦନ୍ତ ରିପୋର୍ଟ ଏଯାବତ୍ ସାର୍ବଜନୀନ କରାଗଲା ନାହିଁ କିମ୍ବା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ । ସରକାରଙ୍କ ଏପରି ଖାମଖିଆଲି ମନୋଭାବ ଚଳିତବର୍ଷର ଅବ୍ୟବସ୍ଥା, ବିଭ୍ରାଟକୁ ବାଟ କଢ଼ାଇ ନେଲା । ଏହାପରେ ବି ସରକାର ନିଜ ତ୍ରୁଟିକୁ ଗ୍ରହଣ କରିବାକୁ ନାରାଜ । କେଉଁ ପରିସ୍ଥିତିରେ ଏକାଧିକ ବିଭ୍ରାଟ ଘଟିଲା, ତାହାର ପୁଙ୍ଖନାପୁଙ୍ଖ ତଦନ୍ତ କରାଯାଉ । ଗୁଣ୍ଡିଚା ଯାତ୍ରାର ବାକି ଉତ୍ସବ, ନୀତିକାନ୍ତି ଯେପରି ଶୃଙ୍ଖଳାର ସହ ସମାପନ ହେବ, ତାହାକୁ ସରକାର ସର୍ବାଧିକ ପ୍ରାଥମିକତା ଦେବାକୁ ଭକ୍ତ ମହଲରେ ଦାବି ହୋଇଛି ।

### ମହାକାଶରୁ ଭବ୍ୟ...

କଥା ହେବା ସମୟରେ ମୁଁ ଗୋଡ ବାନ୍ଧିକି ରଖିଛି । କାରଣ ମାଧ୍ୟାକର୍ଷଣ ଶକ୍ତି ନ ଥିବାରୁ ଗୋଡ଼ ନ ବାନ୍ଧିଲେ ଉଡ଼ିଯିବି । ଏଠାରେ ଶୋଇବା ବହୁତ ବଡ଼ ଆହ୍ୱାନ । ଯୋଗର ପ୍ରଭାବ ବିଷୟରେ ପଚାରିବାରୁ ଏହାର ବହୁତ ଭଲ ପ୍ରଭାବ ପଡୁଛି ବୋଲି ଶୁଭାଂଶୁ କହିଛନ୍ତି । ଏହି ଯାତ୍ରା ଅଦ୍ଭୁତ ଥିଲା । ସେ ଶିଶୁଙ୍କ ନିଜ ଭବିଷ୍ୟତ ଉଜ୍ଜ୍ୱଳ କରିବା ପାଇଁ ବାର୍ତ୍ତା ଦେଇଛନ୍ତି । 'ସ୍କାଇ ଇଜ ନେଭର ଦ ଲିମିଟ' (ଆକାଶର କୌଣସି ସୀମା ନାହିଁ) ବୋଲି କହିଛନ୍ତି । ଶୁଭାଂଶୁଙ୍କ ମହାକାଶ ଯାତ୍ରା ପାଇଁ ଭାରତ ଅକ୍ସିଅମ-୪ ଅଭିଯାନରେ ୫୦୦ରୁ ୫୫୦ କୋଟି ଟଙ୍କା ନିବେଶ କରିଛି । ଏଥିରେ ତାଙ୍କ ସିଟ୍ ଏବଂ ପ୍ରଶିକ୍ଷଣ ଖର୍ଚ୍ଚ ମଧ୍ୟ ସାମିଲ ରହିଛି ।

### ଚାପିଦେଲା ବସ୍...

ଓଭରବ୍ରିଜ୍ ବାଇପାସ୍ ନିକଟରେ ଏହି ଅଘଟଣ ଘଟିଥିଲା । ପିପିଲି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ୩ ଛାତ୍ରୀଙ୍କ ଶବ ଜବତ କରି ପିପିଲି ଡାକ୍ତରଖାନାକୁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି ।

ସୂଚନାନୁଯାୟୀ, ରିମ୍‌ଜିମ୍, ଏଲିନା ଓ କାଜଲ ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀ । ସେମାନେ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ରହନ୍ତି । ରଥଯାତ୍ରା ଦେଖିବାକୁ ଆଜି ଏକ ସ୍କୁଟିରେ ସେମାନେ ପୁରୀ ବାହାରିଥିଲେ । ପିପିଲି ଓଭରବ୍ରିଜ୍ ବାଇପାସ୍ ନିକଟରେ ରଙ୍ଗରୁଟ୍‌ରେ ଆସୁଥିବା ଏକ ବାଇକ୍ ସେମାନଙ୍କୁ ଧକ୍କା ଦେବାରୁ ୩ଜଣ ଯାକ ତଳେ ପଡ଼ି ଯାଇଥିଲେ । ଏହି ସମୟରେ ପଛରୁ ଆସୁଥିବା ଓଏସ୍‌ଆର୍‌ଟିସିର ଏକ ଟୁରିଜିମ୍ ବସ୍ ସେମାନଙ୍କ ଉପରେ ଚଢ଼ିଯାଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ସେମାନଙ୍କର ମୃତ୍ୟୁ ହୋଇଯାଇଥିଲା । ଦୁର୍ଘଟଣା ଘଟାଇବା ପରେ ସଂପୃକ୍ତ ବସ୍‌ଟି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା । ପିପିଲି ଆଇଆଇସି ସୌମେନ୍ଦ୍ର ଶେଖର ତ୍ରିପାଠୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି ।

ଅପରପକ୍ଷେ ଏହି ଘଟଣାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ପୁରୁଣା ଭୁବନେଶ୍ୱର ବହୁ ବାସିନ୍ଦା ପିପିଲି ମେଡିକାଲରେ ପହଞ୍ଚି ପାଟିତୁଣ୍ଡ କରିବାରୁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ରଙ୍ଗରୁଟ୍‌ରେ ଆସୁଥିବା ଉକ୍ତ ବାଇକ୍ ଚାଳକ ଓ ବେପରୁଆ ବସ୍‌ର ଚାଳକକୁ ଗିରଫ କରିବାକୁ ସେମାନେ ଦାବି କରିଥିଲେ । ପରିବାରଲୋକଙ୍କ ସହ ସଂପର୍କୀୟମାନେ କ୍ଷତିପୂରଣ ଦାବିରେ ମେଡିକାଲ ସମ୍ମୁଖ ରାସ୍ତାରେ ପ୍ରତିବାଦ କରିଥିଲେ । ଖବର ପାଇ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ତହସିଲ୍‌ଦାର ହୃଷୀକେଶ ତ୍ରିପାଠୀ, ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ପୁରୁଣା ଭୁବନେଶ୍ୱର କର୍ପୋରେଟର୍ ଶିବପ୍ରସାଦ ବେହେରା ପ୍ରମୁଖ ପିପିଲି ମେଡିକାଲରେ ପହଞ୍ଚି ମୃତ ପରିବାରଲୋକଙ୍କ ସହ ଆଲୋଚନା କରିବା ସହ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ।

### ଦୁଇଟି ଦୁର୍ଘଟଣାରେ...

ଥାନା ଗଡ଼ଗଡ଼ବାହାଲି ଗାଁର ରାଇସିଂ ରଣାଙ୍କ ପୁଅ ପୂରବ ରଣା(୨) । ସେହିପରି ଅନ୍ୟ ୨ଜଣ ଗୁରୁତର ଆହତ ହୋଇ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ସେମାନେ ହେଲେ, ଲଳିତଙ୍କ ସ୍ତ୍ରୀ ଲେମ୍ବୁବତୀ (୩୦) ଏବଂ ରୋହନ ଶବର (୧୨) ।

ଶନିବାର କୋମନା ଥାନା ପଲସିପାଣି ଗାଁର ଲଳିତ ନିଜ ପରିବାର ସହ ବାଇକ୍‌ରେ ନିକଟସ୍ଥ ବଞ୍ଜାରି ଗାଁକୁ ରଥଯାତ୍ରା ଦେଖିବାକୁ ଯାଉଥିଲେ । ଗୋଟିଏ ବାଇକ୍‌ରେ ସ୍ତ୍ରୀ ଲେମ୍ବୁବତୀ, ଝିଅ ଡୋଲେଶ୍ୱରି ଓ ସୁନାଫୁଲ ଏବଂ ପୁଅ ନରେଶ (୫)ଙ୍କୁ ମିଶାଇ ୫ଜଣ ବସିଥିଲେ । ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ବେଳେ ସେମାନେ ପଲସିପାଣି ଛକ ପାର୍ ହେଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା । ସେଥିରେ ୩ଜଣ ବସିଥିଲେ । ଖବର ପାଇ ଅଗ୍ନିଶମ କର୍ମଚାରୀ ତୁରନ୍ତ ସମସ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । କିନ୍ତୁ ସେଠାରେ ଲଳିତ, ତାଙ୍କ ଝିଅ ଡୋଲେଶ୍ୱରୀ ଓ ଅନ୍ୟ ଏକ ବାଇକ୍‌ରେ ଥିବା କ୍ଷୀରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ସେହିପରି ଚିକିତ୍ସାଧୀନ ଅବସ୍ଥାରେ ସୁନାଫୁଲଙ୍କ ସେଠାରେ ମୃତ୍ୟୁ ଘଟିଥିଲା ।

ସେହିପରି ଅନ୍ୟ ଏକ ଦୁର୍ଘଟଣାରେ ସ୍ଥାନୀୟ ଗଡ଼ଗଡ଼ ବାହାଲିଗାଁର ରାଇସିଂ ନିଜର ଦୁଇ ସନ୍ତାନଙ୍କୁ ନେଇ ବଞ୍ଜାରୀକୁ ରଥଯାତ୍ରା ଦେଖିବାକୁ ଯାଉଥିଲେ । ବାଟରେ ବାଞ୍ଜିବାହାଲ ଛକ ନିକଟରେ ତାଙ୍କ ବାଇକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ୩ ଜଣଙ୍କୁ ଅଗ୍ନିଶମ ବିଭାଗ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା । ଡାକ୍ତର ରାଇସିଂଙ୍କ ପୁଅ ପୂରବଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣା ପରେ ସାରା ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି । ଘଟଣା ସ୍ଥଳରେ ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଶୀ ପହଞ୍ଚି ପରିସ୍ଥିତି ସମ୍ପର୍କରେ ବୁଝି ସମବେଦନା ଜଣାଇଛନ୍ତି । ପୁଲିସ୍ ସବିଶେଷ ତଦନ୍ତ ଚଲାଇଛି ।

### ଗଛରେ ବାଇକ୍ ପିଟିହୋଇ...

ଅବସ୍ଥାରେ ଆଉଜଣଙ୍କର ମୃତ୍ୟୁ ହୋଇଥିଲା । ଆହତ ହାଡ଼ି ପିଡିକାକା ଏବେ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ଅପରପକ୍ଷେ, ମୁନିଗୁଡ଼ା ପୁଲିସ୍ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଥିଲା । ଏହାସହ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ମୁନିଗୁଡ଼ା ଥାନାଧିକାରୀ ସୌଦାମିନୀ ବେହେରା ସୂଚନା ଦେଇଛନ୍ତି ।

### କାରଣ କ'ଣ...

୧୦ ଲକ୍ଷ ଭକ୍ତଙ୍କୁ ସମ୍ଭାଳିବାରେ ସରକାର କିଭଳି ନୟାନ୍ତ ହୋଇପଡ଼ିଲେ, ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ରଥଯାତ୍ରାର ସୁପରିଚାଳନା ପାଇଁ 'କାର୍ ଫେଷ୍ଟିଭାଲ୍ କୋଡ୍-୧୯୮୩' ବ୍ୟବସ୍ଥା ରହିଛି । ସେହି କୋଡ୍ ଅନୁସାରେ, ରଥଟଣା ସମୟରେ 'କର୍ଡନ ପାସ୍' ବୈଧ ହୋଇ ନଥାଏ । ତେବେ ଏଥର ରଥଟଣା ପାଇଁ ନିର୍ଦ୍ଧାରିତ ସମୟ ହୋଇଯାଇଥିଲେ ବି କାହା ସ୍ୱାର୍ଥରେ କର୍ଡନ୍ ପାସ୍‌ଧାରୀଙ୍କୁ ରଥ ନିକଟକୁ ଆସିବାକୁ ଅନୁମତି ଦିଆଯାଇଥିଲା, ତାକୁ ନେଇ ପ୍ରଶ୍ନ ଉଠିଛି । ରଥଯାତ୍ରା ଦାୟିତ୍ୱରେ ଥିବା ଆଇପିଏସ୍ ଅଧିକାରୀ ଏବଂ ଖୋଦ୍ ଆଇନମନ୍ତ୍ରୀ ଏହି ବିଧି ବ୍ୟବସ୍ଥା ସମ୍ପର୍କରେ କିଭଳି ଜାଣିପାରିଲେନି ବୋଲି ଅଭିଯୋଗ ହେଉଛି ।

କେବଳ ଏତିକି ନୁହେଁ; ରଥଟଣା ବିଳମ୍ବ ନେଇ ବଡ଼ଠାକୁରଙ୍କ ରଥ ମୋଡ଼ ନେବା ବିଭ୍ରାଟର ଅନ୍ୟ ଏକ ବଳିଷ୍ଠ କାରଣ ବୋଲି କୁହାଯାଉଛି । ହେଲେ କାର୍ ଫେଷ୍ଟିଭାଲ୍ କୋଡ୍ ନିୟମାନୁସାରେ, ବଳଭଦ୍ରଙ୍କ ରଥର ଦାୟିତ୍ୱ ସ୍ଥାନୀୟ ଏସ୍‌ପିଙ୍କ ଉପରେ ନ୍ୟସ୍ତ । ପୂର୍ବଦିନରୁ ରଥ ମୋଡ଼ ନେବା ଘଟଣା ଜଣାପଡ଼ିଥିଲେ ବି ସ୍ଥାନୀୟ ଏସ୍‌ପି ଏହାକୁ କେମିତି ଅଣଦେଖା କଲେ । ସେହିଭଳି ଜଗନ୍ନାଥଙ୍କ ରଥ ଦାୟିତ୍ୱ ଜିଲ୍ଲାପାଳଙ୍କର ଥିବାବେଳେ ସୁଭଦ୍ରାଙ୍କ ରଥର ଦାୟିତ୍ୱ ଅତିରିକ୍ତଙ୍କ ଜିଲ୍ଲାପାଳଙ୍କ ଉପରେ ରହିଛି । ଏହି ଅଧିକାରୀମାନେ ମହାରଣା ଓ ଭୋଇ ସେବାୟତଙ୍କ ସାହାଯ୍ୟରେ ରଥଟଣା କାର୍ଯ୍ୟକୁ ସୂଚାର ରୂପେ କରିବା କଥା । ମାତ୍ର ଏଥିପ୍ରତି ଦୃଷ୍ଟି ଦିଆଗଲାନି । ଫଳସ୍ୱରୂପ ଏଭଳି ମହାବିଭ୍ରାଟ ଦେଖିବାକୁ ପଡ଼ିଲା । ତେଣୁ ସରକାର ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ରଥଟଣା ବିଳମ୍ବର କାରଣ ଖୋଜିବା ସହ ପୁନର୍ବାର ଯେମିତି ଏଭଳି ଅଘଟଣ ନ ଘଟେ, ତା'ଉପରେ ଦୃଷ୍ଟିଦେବାକୁ ଭକ୍ତମହଲରୁ ଦାବି ହେଉଛି ।

### ତିନି ଦିନରେ...

ରାଜ୍ୟ ସଭାପତି ନିର୍ବାଚନ ପ୍ରକ୍ରିୟା ବିଳମ୍ବିତ ହୋଇ ଚାଲିଥିଲା । ଏହାକୁ ନେଇ ଦଳୀୟ ସଂଗଠନ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବା ବେଳେ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ସୂଚନା ଦଳ ଭିତରେ ନୂଆ ଉନ୍ମାଦନା ଆଣିଛି ।

ସୂଚନା ଅନୁଯାୟୀ, ସଭାପତି ପଦ ଦୌଡ଼ରେ ଦୁଇଟି ଗୋଷ୍ଠୀ ମଧ୍ୟରେ ଟଣାଓଟରା ସ୍ଥିତି ଲାଗି ରହିଛି । ଜିଲ୍ଲା ସଭାପତି ନିର୍ବାଚନରେ ଏହି ଟଣାଓଟରା ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଥିଲା । ଏପରିକି ଗୋଟିଏ ଗୋଷ୍ଠୀ ସଂଖ୍ୟାଧିକ ସଭାପତି ପଦବୀ ହାତେଇଥିବା ଦାବି କରୁଥିବା ବେଳେ ଅନ୍ୟ ଏକ ଗୋଷ୍ଠୀଙ୍କ ଉପରେ କେନ୍ଦ୍ରୀୟ ନେତୃତ୍ୱଙ୍କ ଆଶୀର୍ବାଦ ରହିଛି ବୋଲି ସେମାନଙ୍କ ସମର୍ଥକ କହି ବୁଲୁଛନ୍ତି । ଏପରି ସ୍ଥିତିରେ ଗତ କିଛି ମାସ ଧରି ସଭାପତି ପଦବୀ ହାତେଇବାକୁ ଉଭୟ ଗୋଷ୍ଠୀ ନିଜ ନିଜ ସ୍ତରରେ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି ।

କେନ୍ଦ୍ର ନିର୍ବାଚନ ଅଧିକାରୀ ଡ. ବି. ଲକ୍ଷ୍ମଣଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟମାନଙ୍କ ନିର୍ବାଚନ ପ୍ରକ୍ରିୟା ଜୁନ୍ ୨୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ୩ ଦିନ ଧରି ହେବାକୁ ଥିବା ଏହି ନିର୍ବାଚନ ପ୍ରକ୍ରିୟା ଜୁଲାଇ ୧ ସୁଦ୍ଧା ଶେଷହେବ । ଏହି ନିର୍ବାଚନ ପ୍ରକ୍ରିୟାର ସୁପରିଚାଳନା ଓ ତଦାରଖ କରିବା ପାଇଁ କେନ୍ଦ୍ର ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ବିହାର ସାଂସଦ ସଞ୍ଜୟ ଜୟସ୍ୱାଲଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି ।

ଅପରପକ୍ଷେ ଓଡ଼ିଶାରେ ସଭାପତି ନିର୍ବାଚନ ସହ ଖୁବଶୀଘ୍ର ଜାତୀୟ ସ୍ତରରେ ମଧ୍ୟ ସଭାପତି ନିର୍ବାଚନ ପ୍ରକ୍ରିୟା ଶେଷ କରିବାକୁ ଦଳ ପାଗ ଭିଡ଼ିଛି । ବିଜେପିର ସମ୍ବିଧାନ ଅନୁଯାୟୀ, ଦଳର ୩୭ଟି ସାଂଗଠନିକ ସଭାପତି ପଦରୁ ୫୦ ପ୍ରତିଶତ ଅର୍ଥାତ୍ ୧୯ଟି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳରେ ସଭାପତି ନିଯୁକ୍ତ ହେବା ଆବଶ୍ୟକ । ମାତ୍ର ଶନିବାର ସୁଦ୍ଧା ଦଳ ମାତ୍ର ୧୪ଟି ରାଜ୍ୟରେ ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ସାରିବା ସହ ସଭାପତିଙ୍କ ନାମ ଘୋଷଣା କରିପାରିଛି । ଗତ ୨୭ ତାରିଖରେ ଦଳ ପକ୍ଷରୁ ମହାରାଷ୍ଟ୍ର, ଉତ୍ତରାଖଣ୍ଡ ଓ ପଶ୍ଚିମବଙ୍ଗରେ ରାଜ୍ୟ ବିଜେପି ସଭାପତି ଚୟନ ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି । ଖୁବଶୀଘ୍ର ଏହିସବୁ ରାଜ୍ୟରେ ସଭାପତି ନିଯୁକ୍ତ ହେବେ । ଏହାସହ ୨୯ ତାରିଖ ସୁଦ୍ଧା ତ୍ରିପୁରା ଏବଂ ଆସନ୍ତା ୧ ତାରିଖ ସୁଦ୍ଧା ଆନ୍ଧ୍ର ପ୍ରଦେଶରେ ଦଳ ନୂଆ ସଭାପତିଙ୍କ ନାମ ଘୋଷଣା କରିବ । ଏହାପରେ ରାଷ୍ଟ୍ରୀୟ ସଭାପତିଙ୍କ ନାମ ଘୋଷଣା ପାଇଁ ବାଟ ଫିଟିବ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି ।

### ଘରେ ପଶି...

ବସାଇବାକୁ ସେ ନାବାଳିକାକୁ ଅନୁରୋଧ କରିଥିଲା । କିନ୍ତୁ ନାବାଳିକା ଜଣଙ୍କ ମନା କରିବାରୁ ସେ ତାଙ୍କ ଘରେ ଜୋରଜବରଦସ୍ତ ପଶିଯିବା ସହ ତାଙ୍କୁ ଦୁଷ୍କର୍ମ କରିଥିଲା । ଘରକୁ ଫେରିବା ପରେ ଝିଅଠାରୁ ସବୁ କଥା ଶୁଣିବା ପରେ ଏ ସଂପର୍କରେ ତାଙ୍କ ମା' ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ୍ ଘଟଣାସ୍ଥଳରେ ତଦନ୍ତ କରିବା ସହ ପରେ ଅଭିଯୁକ୍ତ ଟାରଜନ୍‌କୁ ଗିରଫ କରି କୋର୍ଟଚାଲାଣ କରିଥିଲା ।

# ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଫ୍ରିଡମ୍‌ର ଆକର୍ଷଣୀୟ ଅଫର




ପୁରୀ,୨୮ ।୬(ସମିସ): ରଥଯାତ୍ରା ଅବସରରେ ଖାଇବା ତେଲ ଫ୍ରିଡମ୍‌ର ଷ୍ଟଲ ପକ୍ଷରୁ ସରଧାବାଲିସ୍ଥିତ ମାଉସୀ ମା ମନ୍ଦିର ଠାରେ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ ଅବସରରେ ଭୁବନେଶ୍ୱର ଡିଏସ୍‌ପି ବିଷ୍ଣୁ ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଫ୍ରିଡମ ତେଲ ପକ୍ଷରୁ ରଥଯାତ୍ରା ଠାରୁ ଆରମ୍ଭ କରି ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ଚାଲିଥିବା ଏହି ଯାତ୍ରାରେ ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ରିଆତି ମୂଲ୍ୟରେ ତେଲ ସହିତ ନିଶ୍ଚିତ ଆକର୍ଷଣୀୟ ଉପହାର ରହିଛି । ଏଥିସହିତ କମ୍ବୋ ଅଫର ଭାବେ ପ୍ରତ୍ୟେକ ଦୁଇ ଲିଟର ସନ ଫ୍ଲାୱାର ସହ ଏକ ଲିଟର ସୋରିଷ ତେଲ ଉପରେ ଆକର୍ଷଣୀୟ ରିଆତି ଦରରେ ମିଳୁଥିବାବେଳେ ପାଞ୍ଚ ଲିଟର ବିଶିଷ୍ଟ ସୋରିଷ ତେଲ ସହ ୫ ଲିଟର ରିଫାଇନ ତେଲ କିଣିଲେ ଆକର୍ଷଣୀୟ ରିଆତି ଦରରେ ମିଳୁଥିବା ବେଳେ ଦୁଇଟି ବାଲ୍ଟି ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଛି ବୋଲି ଫ୍ରିଡମ ତେଲର ଓଡ଼ିଶା ହେଡ ଅମୀୟ କୁମାର ଧଳ ସୂଚନା ଦେବା ସହ ଜଗତର ନାଥ ଜଗନ୍ନାଥ ରାଜ୍ୟବାସୀଙ୍କୁ ସର୍ବଦା ସୁସ୍ଥ ଓ ନିରୋଗ ରଖନ୍ତୁ ବୋଲି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିବନେଶ୍ୱର ବେହେରା, ସମୀର ମହାପାତ୍ର, ବିଭୂତି ଲେଙ୍କା, ସମୀର ପଟ୍ଟନାୟକ, ଜୟଦେବ ବେହେରା, ପ୍ରମୋଦ ଖିଲାର ଏବଂ ସୌମ୍ୟ ରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ ।

## ■ ରଥଟଣାରେ ମହାବିଭ୍ରାଟ

# ମହାପ୍ରଭୁଙ୍କ ଇଚ୍ଛା, ଭକ୍ତଙ୍କ ସଂଖ୍ୟା କହି ଖସିଯିବାକୁ ଚେଷ୍ଟା

**■ ରଥ ସ୍ୱାଭାବିକ ଗଡ଼ିଥିଲେ ବାହାବା ନେଇଥାନ୍ତେ**
**■ ବିଫଳତାରୁ ନ ଗଡ଼ିବାରୁ ହାତ ଝାଡ଼ି ଦେଲେ**

ପୁରୀ,୨୮ ।୬(ସମିସ): ଚଳିତବର୍ଷ ରଥଯାତ୍ରା ଆରମ୍ଭରୁ ଉପୁଜିଛି ବିଭ୍ରାଟ । ରଥ ନିର୍ମାଣଠାରୁ ଗଡ଼ିବା ପର୍ଯ୍ୟନ୍ତ ନାନା ପ୍ରକାର ବିଭ୍ରାଟ ଦେଖିବାକୁ ମିଳିଛି । ମନୁଷ୍ୟକୃତ ତ୍ରୁଟି ପାଇଁ ଏଭଳି ପରିସ୍ଥିତି ଉପୁଜିଥିଲେ ହେଁ ଭକ୍ତ, ଭଗବାନଙ୍କୁ ଆଳ କରାଯାଉଛି । ରଥ କାହିଁକି ଗଡ଼ିଲାନି ବୋଲି ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ଭକ୍ତ ଟାର୍ଗେଟ କରୁଥିବାବେଳେ ଖୁବ୍ ସନ୍ତର୍ପଣରେ ଖସିଯିବାକୁ ଚେଷ୍ଟା କରିଛନ୍ତି ଆଇନ ମନ୍ତ୍ରୀ ଏବଂ ମୁଖ୍ୟ ପ୍ରଶାସକ । ସବୁ ମହାପ୍ରଭୁଙ୍କ ଇଚ୍ଛା । ଏମିତି ବି ଏଥର ଦେଢ଼ଗୁଣା ଭକ୍ତ ହୋଇଯିବା କହି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ହାତ ଝାଡ଼ି ଦେଇଥିବାବେଳେ ମୁଖ୍ୟ ପ୍ରଶାସକ ପୂର୍ବରୁ ଏମିତି ହୋଇଛି, ଏହା ମହାପ୍ରଭୁଙ୍କ ଇଚ୍ଛା ବୋଲି ଭାବିବା କହି ପ୍ରଶାସନିକ ବିଫଳତାକୁ ଲୁଚାଇବା ପାଇଁ ଚେଷ୍ଟା କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

ଚଳିତବର୍ଷ ରଥଯାତ୍ରାକୁ ସୁରକ୍ଷିତ ଏବଂ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ଲାଗି ବହୁ ବୈଠକ ବସିଛି । ମନ୍ତ୍ରୀସ୍ତରୀୟ କମିଟି ଏକାଧିକଥର ସମୀକ୍ଷା କରିଥିବାବେଳେ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ନେଇ ହୋଇଛି ମାନସ ମନ୍ଥନ । ମୁଖ୍ୟମନ୍ତ୍ରୀ ବି ଏଥର ତ୍ରୁଟିଶୂନ୍ୟ ରଥଯାତ୍ରା କରିବା ଉପରେ ଜୋର୍ ଦେଇଥିଲେ । ହେଲେ ଠିକଣା ବେଳକୁ ସବୁ ପ୍ରସ୍ତୁତି, ସବୁ ଯୋଜନା ଫେଲ୍ ମାରିଛି । ରଥଟଣାରେ ବିଭ୍ରାଟ ଯୋଗୁଁ ଶୁକ୍ରବାର ଗଡ଼ିପାରି ନ ଥିଲା ନନ୍ଦିଘୋଷ ରଥ । ତାଳଧ୍ୱଜ ଏବଂ ଦର୍ପଦଳନ ରଥ ଅଳ୍ପ କିଛି କିଛି ବାଟ ଯାଇ ଅଟକି ରହିଥିଲେ ।

କାହିଁକି ଏମିତି ହେଲା? ଏହି କାରଣ ଖୋଜୁଛନ୍ତି ଭକ୍ତ, ସେବାୟତ ଓ ଅଧିକାରୀ । ଠିକଣା ସମୟରେ ଠାକୁର ରଥାରୂଢ଼ ହେଲେ, ଗଜପତି ମହାରାଜା ଧାର୍ଯ୍ୟ ସମୟରେ ଛେରାପହଁରା ସାରିଲେ । ଏପରିକି ନିର୍ଘଣ୍ଟ ସମୟରେ ବି ଗଡ଼ିଥିଲା ବଡ଼ଠାକୁରଙ୍କ ତାଳଧ୍ୱଜ ରଥ । ହେଲେ ସ୍ୱାଭାବିକ ଭାବେ ବଡ଼ଦାଣ୍ଡରେ ଗଡୁ ନ ଥିଲା ରଥ । ବାରମ୍ବାର ତାଳଧ୍ୱଜ ରଥ ମୋଡ଼ ନେଉଥିବାରୁ ନାକେଦମ୍ ହୋଇପଡ଼ିଥିଲେ ଭୋଇ ଓ ମହାରଣା ସେବକ । ଶେଷରେ ରାତି ହେବାରୁ ରଥଟଣା ବନ୍ଦ କରାଯାଇଥିଲା । ବଳଗଣ୍ଡିରେ ତାଳଧ୍ୱଜ, ମରୀଚିକୋଟରେ ଦର୍ପଦଳନ ରଥ ଅଟକି ରହିଥିବାବେଳେ ନନ୍ଦିଘୋଷ ରଥ ପାହୁଣ୍ଡେ ଗଡ଼ି ସିଂହଦ୍ୱାର ଆଗରେ ଠିଆ ହୋଇଥିଲା । ଏହି ବିଭ୍ରାଟକୁ ନେଇ ଏବେ ଦୋଷ ଠେଲାଠେଲି ଚାଲିଛି । ଶାସକ ଦଳ ରଥଯାତ୍ରାର ପୁରୁଣା ଇତିହାସକୁ ଘାଣ୍ଟୁଥିବାବେଳେ ବିରୋଧୀମାନେ ବିଫଳତାକୁ ଧରି ଶାଣିତ ଆକ୍ରମଣ କରୁଛନ୍ତି । ଏଭଳି ସ୍ଥିତିରେ ଆଇନ ମନ୍ତ୍ରୀ କହିଛନ୍ତି, ଧାର୍ଯ୍ୟ ସମୟ ମଧ୍ୟରେ ସୁରୁଖୁରୁରେ ସବୁ ନୀତିକାନ୍ତି ସମ୍ପନ୍ନ ହୋଇଥିଲା । ହେଲେ ଅନୁକୂଳ ପାଗ ଯୋଗୁଁ ଦେଢ଼ଗୁଣା ଭକ୍ତ ହୋଇଗଲେ । ତେଣୁ ରଥଟଣାରେ କିଛିଟା ବିଳମ୍ବ ହେଲା । ବଡ଼ଠାକୁରଙ୍କ ରଥ ବାରମ୍ବାର ମୋଡ଼ ନେଲା । ବିଗତ ବର୍ଷରେ ଏମିତି ହୋଇଛି । ଏହା ମହାପ୍ରଭୁଙ୍କ ଇଚ୍ଛା ବୋଲି କହିଛନ୍ତି । ସେହିପରି ମୁଖ୍ୟ ପ୍ରଶାସକ ମଧ୍ୟ ମହାପ୍ରଭୁଙ୍କ ଇଚ୍ଛା କହି ହାତ ଟେକି ଦେଇଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି ଯଦି ରଥଟଣା ସ୍ୱାଭାବିକ ହୋଇଥା'ନ୍ତା, ଗୁଣ୍ଡିଚା ମନ୍ଦିରରେ ଗୋଟିଏ କିମ୍ବା ଦୁଇଟି ଅବା ତିନିଟିଯାକ ରଥ ଲାଗିଯାଇଥା'ନ୍ତା ତେବେ ଏହାର ବାହାବା ନେଇଥାନ୍ତେ କିଏ? ନିଶ୍ଚିତ ରାଜ୍ୟ ସରକାର ସଫଳତାର ଶ୍ରେୟ ନେଇଥାନ୍ତେ । ସମାନ ଭାବେ ଯଦି ରଥଟଣାରେ ବିଭ୍ରାଟ ହେଲା ଏବଂ ରଥଗୁଡ଼ିକ ବିଶେଷ ଭାବେ ଆଗକୁ ବଢ଼ିପାରିଲେ ନାହିଁ ସେଥିପାଇଁ ସରକାର ଏବଂ ପ୍ରଶାସନ ନିଜ ଦୋଷ ସ୍ୱୀକାର କରି ମହାପ୍ରଭୁଙ୍କ ଚରଣରେ ସମର୍ପିତ ହେବା କଥା । କିନ୍ତୁ ତାହା ନ କରି ଦୋଷ ଛଡ଼ାଇବାରେ ବ୍ୟସ୍ତ ବୋଲି କହିଛନ୍ତି ଶ୍ରଦ୍ଧାଳୁ ସନ୍ତୋଷ କୁମାର ମହାନ୍ତି । ସେ କହିଛନ୍ତି, କାଲି ଯେଉଁ ରଥ ଗଡୁ ନ ଥିଲା ଆଜି ଘର୍ଘର ହୋଇ ବଡ଼ଦାଣ୍ଡରେ ଗଡ଼ିଲା କେମିତି? ଆଜି ତ କାହିଁ କାଲିଭଳି ସେମିତି ମୋଡ଼ ନେଲା ନାହିଁ । ଏ କଥାକୁ ବି ସମସ୍ତେ ଭାବିବା ଦରକାର । କର୍ଡନ ପାସ୍ ଏତେ ପରିମାଣରେ ବାଣ୍ଟି କାହିଁକି ବିଭ୍ରାଟ କରାଯାଉଛି । ମହାପ୍ରଭୁଙ୍କ ନିକଟରେ ସମସ୍ତେ ସମାନ । ଏଭଳି ମାନସିକତା ନେଇ କାମ ନ କଲେ ଠାକୁର କାହାର ଅହଂଭାବେ ରଖିନାହାନ୍ତି କି ଆଗକୁ ରଖିବେ ବୋଲି କହିଛନ୍ତି ସନ୍ତୋଷ ।


**AFFIDAVIT**

I, Gouri Rani Parida, aged about 51 years, W/o- Surendra Kumar Parida, resident of Plot No. 1289, Sastri Nagar, Nayapalli, Bhubaneswar, PIN-751001, Odisha declared by this affidavit No. 532, dtd- 26/06/2025 that now onwards I shall be known as **GOURI RANI BEHERA** for all future purposes.

**TRUST FUND DEGREE COLLEGE, BARGARH**

Phone No. 06646 - 231498

**WALK IN INTERVIEW FOR GUEST FACULTY**

Desirous candidates having more than 55% of marks in concerned subject at P.G. Level may attend the walk in interview for Guest faculty in Physics to be held on **dt. 11.07.2025 at 10.00 A.M.** in college premises.

N.B.: No T.A. / D.A. will be provided to the candidate.

Sd/-
Principal in-Charge-cum-Secretary
TRUST FUND DEGREE COLLEGE,
BARGARH.

**WANTED**

ବୟସ୍କ ଲୋକ କେୟାର, ବେବିକେୟାର ଓ ରୋଷେଇ, ଘର କାମ ପାଇଁ ତିନିଜଣ ମହିଳା ଆବଶ୍ୟକ, ଭଲ ଦରମା ମିଳିବ

**6370964966**

**AFFIDAVIT**

By virtue of an affidavit before The Notary Public, Titilagarh, on dated- 27/06/2025. I, **Himanchal Bishi** (Applicant name), Son of Kartika Bishi, Permanent resident of AT- Banjipadar, P.O. Rigdol, P.S. Titilagarh, Dist. Balangir, (Odisha), PIN- 767033 affirm that I have changed my minor son's name from **Jopesh Bishi** (old name) To **Jupesh Bishi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Jupesh Bishi** (new name).

**Himanchal Bishi**

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

**AFFIDAVIT**

I Kalu Charan Parida, aged about 43 years, S/o- Raj Kishor Parida, resident of At/Po: Goda, Ps- Begunia, Dist- Khordha, Odisha Aadhar No- 3453 9768 8641, Khordha Executive Magistrate declared that **Kalu Charan Parida** and **Prasanta Kumar Parida** both the name same and one person for all purposes.

**Kalu Charan Parida**

**AFFIDAVIT**

By virtue of an affidavit Sl. No. 378, dtd. 24.06.2025 before the Notary Public, Bhubaneswar, I, Bijoy Kumar Beura, have changed my name from Bijaya Kumar Beura to Bijoy Kumar Behera. Henceforth I shall be knownas Bijoy Kumar Beura for all purposes.

**Sd/- Bijoy Kumar Beura**

**AFFIDAVIT**

By the virtue of an affidavit sworn before Notary Public Daringibadi, Dated 24.06.2025. I KANCHANI BALIARSINGH , D/o Mard Nayak, Address Simonbadi, Po: Simonbadi, Ps: Daringibadi, Dist : Kandhamal, State: Odisha-762104 declare that I have chaged my Name from KANJANI BALIYARSINGH to KANCHANI BALIARSINGH . Henceforth, I shall be known as **KANCHANI BALIARSINGH** for all purposes.

**TO-LET**

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

**CONTACT : 6371093914**

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

Great Place To Work. Certified

Ref.No:- Edn/2025 /63 — Date:-28/06/2025

**ADVERTISEMENT**

**Ispat Vidyamandir,Sector-19, Rourkela (affiliated to CHSE, Odisha)**, run by SAIL, Rourkela Steel Plant requires **Short Term Teachers** for the **session 2025-26** (July, 2025 to April,2026). The subjects, vacancies and requisite qualification for eligibility are as follows :

| Category | Subjects & Vacancy | Minimum requisite qualification |
|---|---|---|
| Category-I (Class-XI to XII) | Lab Asst. (Chemistry)-01 | Minimum 50% marks in aggregate at Graduation level with Chemistry. OR Masters Degree in Chemistry |
| Category-I (Class-XI to XII) | PET - 01 | Bachelor Degree in Physical Education |

**Preference:** Candidates with a) B.Ed/ Higher Qualification, b) Better academic credentials / records, c) Teaching experience in Higher Secondary Schools or College affiliated to CHSE, Odisha.

**Upper Age Limit:** (i) Maximum 60 years (As on date of advertisement)

**Honorarium (Maximum) per month** (subject to 100 periods per month):
**Category-I : Rs.18,000/-**
**Essential documents:**

Interested Candidates, with the above mentioned requisite qualifications may apply in an Application format mentioning i) name ii) subject & category applied for iii) qualification iv) address v) contact nos vi) email-id vii) photograph to be affixed and self attested copies of certificates / mark sheets and submit the same at the Office of Asst. Mgr.(TS) Education, Ispat Vidyamandir, Sector-19, Rourkela Steel Plant, Rourkela by hand on or **before 05/ 07 /2025 ( Saturday) within 10.30 am to 1.00 pm.**

All communication shall be intimated to the candidate **by e-mail / sms only. Accordingly, candidates are requested to keep their e-mail active and check it regularly.** Candidates have to produce the original testimonials and ID proof for verification on the day of interview. Selection will be made through Classroom Demonstration followed by Personal Interview at the institution premises on the date and time to be specified in the intimation. **(No TA/DA will be paid for attending the interview)**

**Address for Communication**
Asst. Manager (TS) Education & Education Officer,
Rourkela Steel Plant,
Education Office,
Ispat Vidyamandir, Sec-19, RKL-5
sujit.naik@sail.in
Mob. 8895503237

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
*There's a little bit of SAIL in everybody's life*

ସକାଳ
THE SAKALA



# ମା'ତାରିଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



ରାଜନଗର,୨୮।୬(ସମିସ): ରାଜନଗର ଗ୍ରାମରେ ଥିବା ମା'ତାରିଣୀଙ୍କ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ୩ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ୨୬ ତାରିଖରେ ଅଙ୍କୁରାରୋପଣ, ୨୭ରେ ମା'ଙ୍କ ଷୋଡଶ ଉପଚାର ପୂଜା ଓ ଆଜି ଜଳଯାତ୍ରା, ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ରାଘବେଶ୍ୱର ଘର ଯାତ୍ରା କମିଟି ଓ ରାଜନଗର ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧୩ ବର୍ଷ ପୂର୍ବେ ପବିତ୍ର ଶ୍ରୀଗୁଣ୍ଡିଚା ଅବସରରେ ରାଘବେଶ୍ୱର ଯାତ୍ରା କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ ମା'ତାରିଣୀଙ୍କ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ପଣ୍ଡିତ ହର କୁମାର ମିଶ୍ର, ପ୍ରମୋଦ ପାଣି, ହରପ୍ରସାଦ ଷଡ଼ଙ୍ଗୀ, ନିତ୍ୟାନନ୍ଦ ମିଶ୍ର, ଅଭୟ ମିଶ୍ର, ରାମଚନ୍ଦ୍ର ମିଶ୍ର, ରଜନୀ ଦେବତା ପ୍ରମୁଖ ଯଜ୍ଞ କାମ ସମ୍ପନ୍ନ କରିଥିଲେ। ଯଜ୍ଞରେ କର୍ତ୍ତା ଭାବେ ବିନୋଦ ପ୍ରଧାନ, ରଶ୍ମିତା ପ୍ରଧାନ ସଂକଳ୍ପ କରିଥିଲେ। ମହେଶ୍ୱର ସେଠୀ, ଅନିରୁଦ୍ଧ ପରିଡା, ବିଭୂତି ଭୂଷଣ ନାୟକ, ସତ୍ୟବାନ ସେଠୀ, ଅଜୟ ନନ୍ଦି, ଅକ୍ଷୟ ମଲିକ, ଶ୍ୟାମସୁନ୍ଦର ସାହୁ, ବାସୁଦେବ ମଲିକ, ସୁଶୀଳ ସେଠୀ, ରଶ୍ମିରଞ୍ଜନ ପ୍ରଧାନ, ଶେତାମ୍ବର ମଲିକ, ବାବୁନା ଲେଙ୍କା ପ୍ରମୁଖଙ୍କ ସମେତ ଯାତ୍ରା କମିଟି ସଦସ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ଠିକାଦାରଙ୍କ ମର୍ଜିରେ ଚାଲିଛି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିର୍ମାଣ କାମ

# ବିଦ୍ୟୁତ୍‌କରଣ କାମ ସରି ନ ଥିବାରୁ ହୋଇପାରୁନି ସ୍ମାର୍ଟ କ୍ଲାସ୍

ଡେରାବିଶ, ୨୮।୬(ସମିସ):

ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ କୁରୁଜଙ୍ଗାସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନିର୍ମାଣ କାମ ଠିକାଦାରଙ୍କ ମର୍ଜିରେ ଚାଲିଛି। ଏହି ବିଦ୍ୟାଳୟର କୋଠା ଓ ଅନ୍ୟ ପାରିପାଶ୍ୱିକ ଉନ୍ନତି ପାଇଁ କେନ୍ଦ୍ରାପଡ଼ା (ରାସ୍ତା କୋଠାବାଡ଼ି) ବିଭାଜନ-୨ ଦ୍ୱାରା ଜଣେ ଠିକାଦାରଙ୍କୁ ଏହାର ନିର୍ମାଣ ଦାୟିତ୍ୱ ଦିଆଯାଇଥିଲେ ମଧ୍ୟ ୫ ବର୍ଷ ହେବ ଏହାର ନିର୍ମାଣ କାମ ସରୁନାହିଁ। ଫଳରେ ବିଦ୍ୟାଳୟର ୩୧୯ ଛାତ୍ରଛାତ୍ରୀଙ୍କ ପାଇଁ ଆବଶ୍ୟକ ଶ୍ରେଣୀଗୃହ ନାହିଁ। ଏଥିସହିତ ବିଦ୍ୟାଳୟର ବିଦ୍ୟୁତ୍‌କରଣ କାର୍ଯ୍ୟ ସଠିକ୍ ଢଙ୍ଗରେ ହୋଇ ନ ଥିବାରୁ ଛାତ୍ରଛାତ୍ରୀଙ୍କ ପାଇଁ ସ୍ମାର୍ଟ କ୍ଲାସ୍ ହୋଇପାରୁନାହିଁ। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

ସୂଚନା ମୁତାବକ, ୨୦୨୧ରେ ଆଦର୍ଶ ବିଦ୍ୟାଳୟ ଡେରାବିଶ ବ୍ଲକ୍‌ରେ ଆରମ୍ଭ ହୋଇଥିଲେ ହେଁ ଗୃହ ନିର୍ମାଣ କାର୍ଯ୍ୟ ସରି ନ ଥିବାରୁ ନିକଟସ୍ଥ ଏକ ବିଦ୍ୟାଳୟରେ ଏହା କାର୍ଯ୍ୟ କରୁଥିଲା। ୨୦୨୪ ଜାନୁଆରୀ ମାସରେ କୁରୁଜଙ୍ଗାଠାରେ ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ଏହି ବିଦ୍ୟାଳୟ ଗୃହକୁ ଆଦର୍ଶ ବିଦ୍ୟାଳୟ ଉଠିଆସିଥିଲା। ସେତେବେଳେ ତଳମହଲରେ ମାତ୍ର ଦୁଇଟି ଶ୍ରେଣୀ କକ୍ଷରେ ଛାତ୍ରଛାତ୍ରୀ ବହୁ କଷ୍ଟରେ ପଢୁଥିଲେ। ମାତ୍ର ଠିକାଦାର ଏହି ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଖୁବ୍ ମନ୍ଥର ଗତିରେ ଚଳାଇଥିଲା। ଏ ସମ୍ପର୍କରେ ଛାତ୍ରାଭିଭାବକ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସ୍ଥାନୀୟ ବୁଦ୍ଧିଜୀବୀ ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସାରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ତାହା ଫଳବତୀ ହୋଇ ନ ଥିଲା। ଠିକାଦାର ଜଣକ କାହା କଥା ନ ଶୁଣି ନିଜ ମର୍ଜିରେ ବିଦ୍ୟାଳୟଗୃହ ନିର୍ମାଣ କାର୍ଯ୍ୟ କରିଥିଲେ। ଏପରିକି ଏଠାରେ ବିଦ୍ୟାଳୟ ଚାଲିବାର ଦେଢ଼ ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଏହାର ନିର୍ମାଣ କାମ ସରିନାହିଁ। ଏହି ବିଦ୍ୟାଳୟରେ ଏବେ ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବାବେଳେ ୩୧୯ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହି ଚାରୋଟି ଶ୍ରେଣୀ ପାଇଁ ଆଠଟି ଶ୍ରେଣୀଗୃହର ଆବଶ୍ୟକ ଥିବାବେଳେ ମାତ୍ର ୬ଟି ଶ୍ରେଣୀ ଗୃହ ରହିଛି। ଫଳରେ ଷଷ୍ଠ ଶ୍ରେଣୀର ପାଖାପାଖି ୭୦ ଜଣ ଛାତ୍ରଛାତ୍ରୀ ଗୋଟିଏ ରୁମ୍‌ରେ ବସି ପଢୁଛନ୍ତି। ଏଥିସହିତ ବିଦ୍ୟାଳୟର ଶ୍ରେଣୀ କକ୍ଷରେ ବିଦ୍ୟୁତ୍‌କରଣ କାର୍ଯ୍ୟ ସଠିକ୍ ଢ଼ଙ୍ଗରେ ହୋଇ ନ ଥିବାରୁ ଓଏଭି ପକ୍ଷରୁ ସ୍ମାର୍ଟ କ୍ଲାସରୁମ୍ ନିମନ୍ତେ ଯୋଗାଇ ଦିଆଯାଇଥିବା ୧୪ଟି ସ୍ମାର୍ଟ ବୋଡର୍ ଏବେ ଲାଗି ନ ପାରି ଷ୍ଟୋର ରୁମ୍‌ରେ ପଡ଼ିରହିଛି। ଛାତ୍ରଛାତ୍ରୀ ସ୍ମାର୍ଟ କ୍ଲାସରୁମ୍‌ରୁ ବଞ୍ଚିତ ହୋଇଛନ୍ତି। ଏଥିସହିତ ନୂଆ କରି ନିର୍ମିତ ହୋଇଥିବା ଏହି କୋଠାର ବହୁ ସ୍ଥାନରେ ନିମ୍ନମାନର କାର୍ଯ୍ୟ ଯୋଗୁ କାନ୍ଥରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଅଜୟ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ବିଦ୍ୟୁତ୍‌କରଣ କାମ ଖବୁଶୀଘ୍ର ଶେଷ ହେବ। ଏହି ବିଦ୍ୟାଳୟର ସମସ୍ତ ଶ୍ରେଣୀ ଗୃହ ନିର୍ମାଣ ଓ ବିଦ୍ୟୁତ୍‌କରଣ କାମ ଶେଷ କରି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବାକୁ ଅଭିଭାବକ ଓ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।




# ଡେରାବିଶ ସାଂସ୍କୃତିକ ସଂଗଠନର ପ୍ରତିଷ୍ଠା ଦିବସ



ଡେରାବିଶ,୨୮।୬(ସମିସ): ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ସାଇ ଟ୍ୟୁଟୋରିଆଲ ପରିସରରେ ଡେରାବିଶ ସାଂସ୍କୃତିକ ସଂଗଠନର ପଞ୍ଚଦଶତମ ପ୍ରତିଷ୍ଠା ଦିବସ ଓ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ସଂଗଠନର ଉପସଭାପତି ମହେନ୍ଦ୍ର ସିଂ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସାମ୍ବାଦିକ ଗଣେଶ ଚନ୍ଦ୍ର ସାମଲ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଭାକର ସାମଲ, ଗୋଲଖ ମହାଭୋଇ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଯୋଗଦେଇ ୧୫ ବର୍ଷ ବୟସ୍କ ଏହି ସାଂସ୍କୃତିକ ସଂଗଠନ ଡେରାବିଶ ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ଡେରାବିଶର ଲୁକ୍କାୟିତ ପ୍ରତିଭାଙ୍କୁ ସାରା ରାଜ୍ୟରେ ପହଞ୍ଚାଇ ପାରିଛି ବୋଲି କହିଥିଲେ। ଏ ଅବସରରେ ଡେରାବିଶର ଦୁଇଜଣ ପ୍ରତିଭାବାନ୍ ଛାତ୍ରୀ ମନୀଷା କର ଓ ଜିହାନ ତନଜିମଙ୍କୁ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଗଠନର ସମ୍ପାଦକ ଅଧ୍ୟାପକ ଗୁରୁଚରଣ ସେଠୀ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ସଂଗଠନର ଦୀର୍ଘ ୧୫ ବର୍ଷର ବିଭିନ୍ନ ସ୍ମୃତି ବଖାଣିଥିଲେ। ପ୍ରାରମ୍ଭରେ ସଂଗଠନର ସହସମ୍ପାଦକ ଆଇନଜୀବୀ ଶାନ୍ତିସ୍ୱରୂପ ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଡେରାବିଶ ବ୍ଲକ୍‌ର ବହୁ ବୁଦ୍ଧଜୀବୀ ଓ ସଂଗଠନ ସଦସ୍ୟ ଉପସ୍ଥିତ ଥିଲେ। ସଂଗଠନର କୋଷାଧ୍ୟକ୍ଷ ରାମଚନ୍ଦ୍ର ରାଉତ, ସଦସ୍ୟ ସାହାଜାନ ଖାଁ, ସରୋଜ ଦାସ, ପ୍ରଭାକର ଲେଙ୍କା, ଅନୁପ ରାଉତ, ମରୁତ ସ୍ୱାଇଁ, ସଚିଦାନନ୍ଦ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନାଗାନାରାୟଣ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ରାଜନଗର,୨୮।୬(ସମିସ): ରାଜନଗର ବ୍ଲକ୍ ଖମାରସାହିସ୍ଥ ନାଗାନାରାୟଣ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ମାନସ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ୩୨ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଖୁକୁମୀନା କୁଅଁର, ମୁଖ୍ୟବକ୍ତା ଭାବେ ବ୍ଲକ ନୋଡାଲ ପ୍ରଧାନଶିକ୍ଷକ ଶୁଭ୍ରଜ ବରାଳ, ସମ୍ମାନିତ ଅତିଥି ଭାବେ ଖମାରସାହି ସରପଞ୍ଚ ଅନୁସୂୟା ବିଶ୍ୱାଳ, ଡାଙ୍ଗମାଳ ସରପଞ୍ଚ ଦ୍ରୌପଦୀ ସେଠୀ, ସମିତି ସଭ୍ୟ ଶ୍ରୀଚରଣ ଦାସ, ଯୁବ ନେତା ଲକ୍ଷ୍ମଣ ସିଂ, ବ୍ଲକ ଓସ୍ତା ସମ୍ପାଦକ ସମୀରଣ ମଣ୍ଡଳ, ପରିଚାଳନା କମିଟି ସଭାପତି କାର୍ତ୍ତିକ ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ଶିକ୍ଷା ସହ କ୍ରୀଡ଼ା ଓ ଶାରୀରିକ ଶିକ୍ଷା ପୂର୍ଣ୍ଣାଙ୍ଗ ବିକାଶର ସହାୟକ ହୋଇପାରିବ ବୋଲି କହିଥିଲେ। କ୍ରୀଡ଼ା ଶିକ୍ଷକ ବିକାଶ ରଞ୍ଜନ ମହନ୍ତ ସ୍ୱାଗତ ଭାଷଣ ଓ ଶିକ୍ଷକ ଓମ ପ୍ରକାଶ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। +ଦୁଇ ସ୍ତରରୁ ପ୍ରାଥମିକ ସ୍ତର ଯାଏଁ କାଳୀପଦ ମଣ୍ଡଳ, ଅନୀଶା ବେହେରା, ବିଭୁପ୍ରକାଶ ପ୍ରଧାନ, ଉଷଶ୍ରୀ ରାଉତ, ଅଭିଷେକ ଦାସ, ଗାୟତ୍ରୀ ମହାନ୍ତି, ସୌମ୍ୟରଞ୍ଜନ ପାଢ଼ୀ, ଅଂଶୁମାନ ଜେନା, ପିଙ୍କି ନାୟକ, ସୂର୍ଯ୍ୟପ୍ରକାଶ ବେହେରା, ବସୁନ୍ଧରା ବେହୁରା ଚାମ୍ପିଅନ ହୋଇଥିଲେ। +୨ ଟପ୍ପର ସବିତା ଜାନା, ମାଟ୍ରିକ ଟପ୍ପର ଆଲୋକ ମହାନ୍ତି, ବୃତ୍ତି ପାଇଥିବା ଛାତ୍ର ଦୀପ୍ତିରଞ୍ଜନ ସେଠୀ, ଆଲକିନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡ଼ା ପ୍ରତିଯୋଗିତାର ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ବିପ୍ଳବ ନାୟକ, ଅନୁରାଧା ସେଠୀ, କସ୍ତୁରୀ ସେଠୀ, ନିର୍ମଳ ମାହୁନ୍ତ, ଦିଲ୍ଲୀପ ଦାସ, ଦାଶରଥି ମୁର୍ମୁ, ସୁପ୍ରୀତି ମାଇତି, ଅର୍ପିତା ମାଇତି, କାଳୀନାଥ ଜାନା, କର୍ମଚାରୀ ଅଶୋକ ଦାସ, ଶୁଭକାନ୍ତ ରାଉତରାୟ ପ୍ରମୁଖ ପରିଚାଳନା କରିଥିଲେ।

# ୬.୪ ଫୁଟର ବଉଳା କୁମ୍ଭୀର ଉଦ୍ଧାର

ରାଜନଗର,୨୮।୬(ସମିସ): ରାଜନଗର ବ୍ଲକ୍ ରାଜନଗର ରେଞ୍ଜ ଅନ୍ତର୍ଗତ ଅଣ୍ଡୁଳାପୁର ଗ୍ରାମର ଡମ୍ବରୁଧର ରାଉତଙ୍କ ପୋଖରୀରୁ ୬.୪ ଫୁଟର ଏକ ମାଈ କୁମ୍ଭୀର ଉଦ୍ଧାର କରାଯାଇ ଗୁପ୍ତି ନିକଟସ୍ଥ ହବାଳି କ୍ରିକରେ ଛଡ଼ାଯାଇଛି। କୁମ୍ଭୀରଟି ନିକଟସ୍ଥ ନାଳରୁ ପୋଖରୀକୁ ଚାଲିଆସିଥିବା ଅନୁମାନ କରାଯାଉଛି। ଡିଏଫଓ ଗୋପୀନାଥ ସୁଦର୍ଶନ ଯାଦବଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ବିଜୟ ପାତ୍ରଙ୍କ ନେତୃତ୍ୱରେ ବନ କର୍ମଚାରୀ ସବିତା ବେହେରା, ବିଶ୍ୱରଞ୍ଜନ ତରାଇ, ମନୋରଞ୍ଜନ ସାହୁ, ଚନ୍ଦନ ମଲିକ, ସଞ୍ଜୟ ସେଠୀ, ଅକ୍ଷୟ ରାଉତ, ମନୋଜ ପାଢ଼ୀ, ବୁଦ୍ଧଦେବ ରାଉତ, ଚନ୍ଦ୍ରକାନ୍ତ ଦାସ ପହଞ୍ଚି କୁମ୍ଭୀରକୁ ଉଦ୍ଧାର କରିଥିଲେ। ବର୍ଷାଦିନ ଯୋଗୁଁ ନଦୀ, ନାଳ ଓ ପୋଖରୀରେ ପାଣି ଅଧିକ ହେବାରୁ କୁମ୍ଭୀର ପୋଖରୀ ମଧ୍ୟକୁ ପଶିଆସୁଛନ୍ତି। ଏଥିପ୍ରତି ଲୋକେ ସତର୍କତା ଅବଲମ୍ବନ କରିବାକୁ ବନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଇଛି।



# ସାରସ୍ୱତ ସାଧକ ଗଗନ ବିହାରୀ ବିଶ୍ୱାଳଙ୍କ ଜୟନ୍ତୀ



ଜଗତସିଂହପୁର,୨୮।୬(ସମିସ): ଜଗତସିଂହପୁର ଜିଲ୍ଲାର ସାରସ୍ୱତ ସାଧକ, ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଗଗନ ବିହାରୀ ବିଶ୍ୱାଳଙ୍କ ୮୩ତମ ଜୟନ୍ତୀ ତାଙ୍କ ଜନ୍ମସ୍ଥାନ ପଳାଶୋଳରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ବିଶ୍ୱାଳଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରିଷଦର ସଭାପତି ସାହିତ୍ୟିକ ରମାରଞ୍ଜନ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମେନକା ଦାସ ଯୋଗଦେଇ ଗଗନ ବିହାରୀ ବିଶ୍ୱାଳ ଏକାଧାରରେ ଜଣେ କୃତୀ ଶିକ୍ଷକ ଓ ସୁସାହିତ୍ୟିକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ ସ୍ୱର୍ଗତ ଗଗନ ବିହାରୀ ବିଶ୍ୱାଳଙ୍କ ସୃଜନଶୀଳତାର ଚଉହଦୀ, ନାଟକ ଗଳ୍ପଠାରୁ ଆରମ୍ଭ କରି ଏକାଙ୍କିକା ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସୁରେଶ ରାଉତ, ସମାଜସେବୀ ବିଜନ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଷଦର ସମ୍ପାଦକ ଅକ୍ଷୟ ମହାନ୍ତି, ଉପସଭାପତି ତପନ ରାଉତରାୟ, ସଂଗ୍ରାମ କେଶରୀ ମହାନ୍ତି, ଯୁଗ୍ମସମ୍ପାଦକ ସରୋଜ ଦ୍ୱିବେଦୀ, ସ୍ୱାଇଁ ଅମୀୟ ମହାନ୍ତି, ଅଜୟ ମହାନ୍ତି, ମନୋଜ ବିଶ୍ୱାଳ, ଜ୍ଞାନପ୍ରକାଶ ସାମନ୍ତରାୟ, ବିଭାସ ରାୟ, ସଞ୍ଜୟ ମହାନ୍ତି, ପୁତ୍ର ପ୍ରଦୀପ୍ତ ବିଶ୍ୱାଳ ଯୋଗ ଦେଇଥିଲେ। ପୁତ୍ର ପ୍ରଦ୍ୟୁମ୍ନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଆବେଗମୟ ଶ୍ରୀଜଗନ୍ନାଥ' ପୁସ୍ତକ ଉନ୍ମୋଚିତ

ଜଗତସିଂହପୁର, ୨୮।୬(ସମିସ): ଜଗତସିହପୁରର ପ୍ରମୁଖ ଆଧ୍ୟାତ୍ମିକ ପୀଠ ବଟଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ଘୋଷଯାତ୍ରା ଭକ୍ତିମୟ ପରିବେଶରେ ଶେଷ ହୋଇଛି। ବିଧି ମୁତାବକ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପୂଜାର୍ଚ୍ଚନା ପରେ ଧାଡି ପହଣ୍ଡିରେ ନିଆଯାଇଥିଲା। ରଥରେ ମହାପ୍ରଭୁଙ୍କ ନୀତି ପରେ ଠାକୁର ରାଜା ନୀଳକଣ୍ଠ ଶତପଥୀ ଛେରା ପହଁରା କରିଥିଲେ। ଏ ଅବସରରେ ବଟଶ୍ରୀକ୍ଷେତ୍ର ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ଡ. ଅଭୟ ନାୟକଙ୍କ ରଚିତ 'ଆବେଗମୟ ଶ୍ରୀଜଗନ୍ନାଥ' ପୁସ୍ତକ ଦିଅଁଙ୍କୁ ଲାଗି କରାଇ ଉନ୍ମୋଚନ କରାଯାଇଥିଲା। ଏହି ଗ୍ରନ୍ଥ ମହାପ୍ରଭୁଙ୍କ ଅନନ୍ୟ ଭକ୍ତ ବଳରାମ ଦାସଙ୍କ ଜୀବନ ଚରିତକୁ ନେଇ ରଚିତ ବୋଲି ଡ. ନାୟକ ସୂଚନା ଦେଇଛନ୍ତି। ପରେ ରଥ ଟଣା ଆରମ୍ଭ ହୋଇଥିଲା। ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଟଶ୍ରୀକ୍ଷେତ୍ର। ଘଣ୍ଟ, ଘଣ୍ଟା, ଖୋଳ ତାଳ, କୀର୍ତ୍ତନ ଓ ଓଡ଼ିଶୀ ନୃତ୍ୟର ତାଳେ ତାଳେ ଭକ୍ତ ରଥକୁ ଟାଣିନେଇ ଗୁଣ୍ଡିଚା ମନ୍ଦିରରେ ପହଞ୍ଚାଇଥିଲେ।



# ବଂଶୀଧର ବେହେରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ରାଜକନିକା,୨୮।୬(ସମିସ): ରାଜକନିକା ବ୍ଲକ ଗୁଆଲି ଗ୍ରାମର ବଂଶୀଧର ବେହେରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଛି। ସ୍ୱର୍ଗତ ବେହେରା ସ୍ଥାନୀୟ ଅଞ୍ଚଳରେ ଜଣେ ଅମାୟିକ ବନ୍ଧୁ ବତ୍ସଳ ବ୍ୟକ୍ତି ଭାବେ ପରିଚିତ ଥିବାବେଳେ ତାଙ୍କ ସ୍ମୃତି ପାଇଁ ଆଜି ଅସହାୟ ବ୍ୟକ୍ତିଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଛି। ଆଜି ଶ୍ରାଦ୍ଧବାର୍ଷିକୀରେ ଉପସ୍ଥିତ ଥିବା ବଂଶୀଧର ପ୍ରେମୀଙ୍କୁ କନିକାର ବଡ଼ାଗରର ଆରାଧ୍ୟ ଦେବତା ପ୍ରଭୁ ଗୋପୀନାଥଜୀଉଙ୍କ ପୀଠର ଅଭଡ଼ା ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବଂଶୀଧର ବେହେରାଙ୍କ ପୁତ୍ର ବିକ୍ରମ ବେହେରା, ବିକାଶ ବେହେରା, ସମୀର ବେହେରା, ପ୍ରଶାନ୍ତ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# କୁଞ୍ଜବିହାରୀଙ୍କ ରଥଯାତ୍ରାରେ ଜେଏସ୍‌ଡବ୍ଲୁ ପକ୍ଷରୁ ଜଳସେବା

ପାରାଦୀପ,୨୮।୬(ସମିସ): ପାରାଦୀପ ଉପକଣ୍ଠ ଗଡ଼କୁଜଙ୍ଗସ୍ଥ କୁଞ୍ଜବିହାରୀ ପୀଠରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। କିମ୍ବଦନ୍ତୀ ଅନୁଯାୟୀ ଏହି ପୀଠରେ ପୁରୀ ଶ୍ରୀକ୍ଷେତ୍ର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପରଦିନ ଏଠାରେ ରଥଟଣା ହେଇଥାଏ। ସେଥିପାଇଁ ଏହାକୁ ବାସି ରଥଯାତ୍ରା କୁହାଯାଇଥାଏ। ଚଳିତ ବର୍ଷ ବର୍ଷା ପାଗ ହୋଇଥିଲେ ମଧ୍ୟ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଶନିବାର ସକାଳୁ ମହାପ୍ରଭୁ ଶ୍ରୀକୁଞ୍ଜବିହାରୀଙ୍କ ସମସ୍ତ ନୀତିକାନ୍ତି ଶେଷ ହେବା ପରେ ଅପରାହ୍ନରେ ରଥଟଣା କାମ ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ଜେଏସଡବ୍ଲୁ ଉକ୍ରଳ ଷ୍ଟିଲ୍ ପକ୍ଷରୁ ବଡ଼ଦାଣ୍ଡରେ ଜଳସେବା ଶିବିରର ଆୟୋଜନ କରାଯାଇଥିଲା। ସ୍ଥାନୀୟ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏହି ଶିବିରରେ ବିଶୁଦ୍ଧ ପାନୀୟ ଜଳ ବିତରଣ କରିଥିଲେ। ସ୍ଥାନୀୟ ଜେଏସ୍‌ଡବ୍ଲୁ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ପ୍ରଭୁ ଶ୍ରୀ କୁଞ୍ଜବିହାରୀଙ୍କ ଦର୍ଶନ କରିବା ସହିତ ରଥ ଟାଣିବା ସୌଭାଗ୍ୟ ଅର୍ଜନ କରିଥିଲେ।




ମିଳୁନି ସରକାରୀ ବିହନ

# ଚିନ୍ତାରେ ରାଜନଗର ଚାଷୀ

ରାଜନଗର, ୨୮।୬(ସମିସ):

ଅକ୍ଷୟ ତୃତୀୟା ଯିବାର ଦେଢ ମାସ ବିତିଗଲାଣି। ଆଜି ସୁଦ୍ଧା ସରକାର ଖରିଫ ଧାନଚାଷ ପାଇଁ ବିହନ ଯୋଗାଇ ପାରିଲେନାହିଁ। ଫଳରେ ରାଜନଗର ଚାଷୀ ଚିନ୍ତାରେ ପଡ଼ିଛନ୍ତି। ରାଜନଗର ବ୍ଲକ୍‌ର ୨୩ ହଜାର ହେକ୍ଟର ଚାଷଜମି ପାଇଁ ମାତ୍ର ୩୫ କ୍ୱିଣ୍ଟାଲ ବିହନ ଆସିଛି । ଯାହାକି ସମୁଦ୍ରକୁ ଶଙ୍ଖେ। ସରକାରୀ ବିହନ ନ ପାଇ ଚାଷୀ ପଡ଼ୋଶୀ ରାଜ୍ୟର ହାଇବ୍ରିଡ ବିହନକୁ ଭରଷା କରିଛନ୍ତି। ସରକାରୀ ବିହନ ନ ମିଳିବା ଯୋଗୁଁ ଚାଷକାର୍ଯ୍ୟ ଆଗେଇ ପାରୁନି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଚାଷୀ ମହଲରୁ ଦାବି ହେଉଛି।

ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲ୍ଲାର ୮୦ ଭାଗ ଲୋକେ ଚାଷ ଉପରେ ନିର୍ଭରଶୀଳ। ଏହି ଜିଲ୍ଲାର ରାଜନଗର ବ୍ଲକ୍‌ର ଚାଷୀ ଖରିଫ ଧାନଚାଷ କରି ପରିବାର ଗୁଜୁରାଣ ମେଣ୍ଟାଇଥା'ନ୍ତି । ବ୍ଲକ୍‌ର ୨୩ ହଜାର ହେକ୍ଟର ଜମିରେ ଖରିଫ ଧାନଚାଷ ହୋଇଥାଏ। ପ୍ରତିବର୍ଷ ଜୁଲାଇ ପ୍ରଥମ ସପ୍ତାହ ବେଳକୁ ବିଲରେ ବିହନ ବୁଣାକାର୍ଯ୍ୟ ସରିଥାଏ। ଚଳିତବର୍ଷ ବିହନ ଅଭାବ ଯୋଗୁଁ ବ୍ଲକ୍‌ରେ ୨୦ ପ୍ରତିଶତ ଜମିରେ ବିହନ ବୁଣା ସରିଛି। ଚାଷୀ କ୍ଷେତରେ ହଳ ସାରି ବିହନକୁ ଅପେକ୍ଷା କରିଛନ୍ତି। ରାଜ୍ୟ ସରକାର ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ସବସିଡିରେ ବିହନ ଯୋଗାଇ ଦେଇଥା'ନ୍ତି। ରାଜନଗର ବ୍ଲକ୍‌ର ୧୫ଟି ପ୍ରାଥମିକ କୃଷି ସେବା ସମବାୟ ସମିତି ପକ୍ଷରୁ ମାତ୍ର ୪ଟି ସମବାୟ ସମିତି ବିହନ ଉଠାଇଛନ୍ତି। ଓସ୍ତିଆ ୧୦ କ୍ୱିଣ୍ଟାଲ ବିହନ ଉଠାଇଥିବାବେଳେ କୋଇଲିପୁର ୫ କ୍ୱିଣ୍ଟାଲ, ଭାଟପଡ଼ା ୧୦ କ୍ୱିଣ୍ଟାଲ, ଚାନ୍ଦିବାଉଁଶମୂଳ ୧୦ କ୍ୱିଣ୍ଟାଲ ବିହନ ଉଠାଇଛନ୍ତି। ରାଜନଗର ବ୍ଲକ୍‌ର ୧୫ଟି ସେବା ସମବାୟ ସମିତି ମଧ୍ୟରୁ ମାତ୍ର ୪ଟି ସେବା ସମବାୟ ସମିତି ନାଁକୁ ମାତ୍ର ବିହନ ଉଠାଇଥିବାବେଳେ ଅନ୍ୟ ୧୧ଟି ସେବା ସମବାୟ ସମିତି ଆଦୌ ବିହନ ଉଠାଇନାହାନ୍ତି। ରାଜନଗର ବ୍ଲକ୍‌ର ୧୫ଟି ସେବା ସମବାୟ ସମିତିରେ ୨୬,୬୪୪ ଚାଷୀ ଋଣ ନେଇଛନ୍ତି। ସେମାନଙ୍କ ମଧ୍ୟରୁ ୧୯୫୭୭ ଚାଷୀ ଖରିଫ ଧାନ ଚାଷୀ ପାଇଁ ଋଣ ନେଇଛନ୍ତି। ୧୯୫୭୭ ଚାଷୀଙ୍କ ପାଇଁ ସେବା ସମବାୟ ସମିତି ୩୫ କ୍ୱିଣ୍ଟାଲ ବିହନ ଉଠାଇବା ଘଟଣାକୁ ନେଇ ପ୍ରଶ୍ନ ଉଠିଛି। ସରକାରୀ ବିହନ ଏକର ପିଛା ୨୦ କେଜି ଲାଗିଥାଏ। ରାଜନଗରରେ ୨୩ ହଜାର ହେକ୍ଟର ଚାଷଜମିରେ ଖରିଫ ଚାଷ ପାଇଁ ୯ ହଜାର କ୍ୱିଣ୍ଟାଲ ବିହନ ଆବଶ୍ୟକତା ଥିବାବେଳେ ସେବା ସମବାୟ ସମିତି ମାତ୍ର ୩୫ କ୍ୱିଣ୍ଟାଲ ବିହନ ଉଠାଇବା ଘଟଣା ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଏତିକି ବିହନରେ କିପରି ସାରା ବ୍ଲକରେ ଚାଷହେବ, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାର କୃଷି ଓ କୃଷକଙ୍କ ପାଇଁ ସ୍ୱତନ୍ତ୍ର ବଜେଟ କରିଛନ୍ତି। ଅଧିକ ଅମଳ ପାଇଁ ସାର ବିହନ ଯୋଗାଇ ଦେଉଥିବା ନେଇ ଡିଣ୍ଡିମ ପିଟୁଛନ୍ତି। ମାତ୍ର ରାଜନଗର ବ୍ଲକ୍‌ର ୧୧ଟି ସେବା ସମବାୟ ସମିତି ଆଦୌ ବିହନ ନ ଉଠାଇବା ଓ ୪ଟି ସେବା ସମବାୟ ସମିତି ମାଧ୍ୟମରେ ମାତ୍ର ୩୫ କ୍ୱିଣ୍ଟାଲ ବିହନ କାହିଁକି ଯୋଗାଇ ଦିଆଯାଇଛି ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ମଲିଆବୁଦା ଗାଁର ଚାଷୀ ବୁଦ୍ଧିରାମ ପ୍ରଧାନ ୪ ଏକର ଓ ଚକ୍ରଧର ବିଶ୍ୱାଳ ୪ ଏକର ଜମିରେ ଖରିଫ ଚାଷ କରିଥା'ନ୍ତି। ସେମାନଙ୍କର କନକପ୍ଲସ, ଧଳାସ୍ୱର୍ଣ୍ଣ, ସମ୍ପଦା, ପୂଜା ଓ ୧୦୦୧ ବିହନର ଆବଶ୍ୟକତା ରହିଛି। ମାତ୍ର ସେବା ସମବାୟ ସମିତିକୁ ବାରମ୍ବାର ଦୌଡ଼ିବା ପରେ ବିହନ ପାଇପାରିଲେ ନାହିଁ। ବାଧ୍ୟ ହୋଇ ବାହାର ରାଜ୍ୟର ହାଇବ୍ରିଡ ବିହନ କିଣି ଚାଷ କାମ ଆରମ୍ଭ କରିଛୁ ବୋଲି କହିଛନ୍ତି। ଏ ସମ୍ପର୍କରେ ନୁଧାବସନ୍ତ ପ୍ରାଥମିକ କୃଷି ସେବା ସମବାୟ ସମିତି ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଜେନାଙ୍କୁ ପଚାରିବାରୁ ବିହନ ଲାଇସେନ୍ସ ପାଇ ଆବେଦନ କରିଛୁ। ଡିଓ ଅଫିସିରେ ପେଣ୍ଡିଂ ପଡିଥିବାରୁ ଆମ ସମିତି ବିହନ ଉଠାଇପାରି ନ ଥିବା କହିଛନ୍ତି।

# ସୁଶ୍ରୀ ଶୁଭଶ୍ରୀ ପକ୍ଷରୁ ଚାରା ବଣ୍ଟନ




ତିର୍ତ୍ତୋଲ, ୨୮।୬(ସମିସ): ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ସୁଶ୍ରୀ ଶୁଭଶ୍ରୀ ପକ୍ଷରୁ ତିର୍ତ୍ତୋଲଠାରେ ସମ୍ପାଦିକା ଡ. ବସନ୍ତ ମଞ୍ଜରୀ ଦାସଙ୍କ ତତ୍ତ୍ୱାବଧାନରେ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁମାର ଉତ୍ସବ ସମିତି ସଭାପତି ବିମଳ ମହାପାତ୍ର ଓ ସ୍ଥାନୀୟ ବରିଷ୍ଠ ନାଗରିକଙ୍କ ଉପସ୍ଥିତିରେ ଏହି ଚାରା ବଣ୍ଟନ କରାଯାଇଥିଲା। ରଜ ମହୋତ୍ସବ ସମ୍ପାଦକ ସଂଗ୍ରାମ କେଶରୀ ସ୍ୱାଇଁ ଏହାକୁ ଶୁଭାରମ୍ଭ କରିଥିବାବେଳେ ରଜ ମହୋତ୍ସବ କମିଟି ସଭାପତି ପ୍ରକାଶ ଚନ୍ଦ୍ର ସାହୁ, ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦ ସଭାପତି ପ୍ରେମ ଚରଣ ରାଉତ, କାର୍ଯ୍ୟକାରୀ ସଭାପତି ପଣ୍ଡିତ ନାଗୁଚରଣ ଦେବତା, ତୃପ୍ତିରଞ୍ଜନ ମହାନ୍ତି, ଶିବପ୍ରସାଦ ସାହୁ, ହେମନ୍ତ ନାୟକ, ବିଭୂଷିତା ଦାସ ପ୍ରମୁଖ ସହାୟତା କରିଥିଲେ।

# ସଡ଼କ ଦୁର୍ଘଟଣାରେ ଶିକ୍ଷକ ଗୁରୁତର

● ସହାୟତା ପାଇଁ ନିବେଦନ କଲେ ସାଥୀ ଶିକ୍ଷକ ଓ ପରିବାର

କାମାକ୍ଷାନଗର, ୨୮ ।୬(ସମିସ): କାମାକ୍ଷାନଗର ବ୍ଲକ ଜନ୍ତାରିବୋଲସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସାମାଜିକ ବିଜ୍ଞାନ ଶିକ୍ଷକ ସୁଶାନ୍ତ କୁମାର ସାହୁ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି । ଶୁକ୍ରବାର ସେ କାମାକ୍ଷାନଗରରୁ ଫୁଲବାଣୀ ଯାଉଥିବା ବେଳେ ରାସ୍ତାରେ ଦୁର୍ଘଟଣାର ଶିକାର ହୋଇଥିଲେ । ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଛି । ଏବେ ସେ ଭେଣ୍ଟିଲେଟରରେ ଥିବାବେଳେ ଚିକିତ୍ସା ପାଇଁ ବିପୁଳ ଅର୍ଥ ଆବଶ୍ୟକ ପଡୁଛି । ସେଥିପାଇଁ କାମାକ୍ଷାନଗର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାନ୍ତି ଓ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀମାନେ ସୁଶାନ୍ତଙ୍କ ଚିକିତ୍ସା ପାଇଁ ସହାୟତା ଯୋଗାଇଦେବା ପାଇଁ ନିବେଦନ କରିଛନ୍ତି । କୌଣସି ବଦାନ୍ୟ ବ୍ୟକ୍ତି କିମ୍ବା ସଂଗଠନ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ନିବେଦନ କରିଛନ୍ତି । ସୁଶାନ୍ତଙ୍କ ସ୍ତ୍ରୀ ସୁରଭି ସାହୁଙ୍କ ଫୋନ ପେ' ନମ୍ବର ୬୩୭୦୯୧୦୫୧୭ ରେ ସହାୟତା କରିବା ପାଇଁ ଅନୁରୋଧ କରିଛନ୍ତି ।

# ଶ୍ରୀଗୁଣ୍ଡିଚା ଭଜନ ସମାରୋହ




ଢେଙ୍କାନାଳ, ୨୮ ।୬(ସମିସ): ଢେଙ୍କାନାଳ ସହର ବାଜିଚୌକଠାରେ ଶ୍ରୀଗୁଣ୍ଡିଚା ଭଜନ ସମାରୋହର ପ୍ରଥମ ସନ୍ଧ୍ୟା ଉଦ୍‌ଘାଟିତ ହୋଇଛି । ଶ୍ରୀଗୁଣ୍ଡିଚା ଭଜନ ସମାରୋହ କମିଟି ଦ୍ୱାରା ୨୬ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ଏହି ଭଜନ ସମାରୋହକୁ ଢେଙ୍କାନାଳ ଏସ୍‌ପି ଅଭିନବ ସୋନକର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ପ୍ରଥମ ସନ୍ଧ୍ୟାରେ ସନ୍ଥପୁରର ସତ୍ୟ ସଙ୍ଗୀତ ଭଜନ ସନ୍ଧ୍ୟା ସୁମଧୁର ଭଜନ ପରିବେଷଣ କରିଥିଲେ । କଣ୍ଠଶିଳ୍ପୀ ଗୋବିନ୍ଦ ଚନ୍ଦ୍ର, ସତ୍ୟାନନ୍ଦ, ଅବକାଶ, ବଳରାମ, ନିରୁପମା, ବର୍ଷାରାଣୀ ଓ ଦୀପ୍ତିମୟୀ ଭଜନ ଗାଇଥିଲେ । ବାଦ୍ୟଯନ୍ତ୍ରରେ କୃଷ୍ଣ, ଲୁଲୁ, ଅଶ୍ୱିନୀ ଓ ଟୁନିଆ ସହଯୋଗ କରିଥିଲେ । କମିଟି ସଭାପତି ରୁଦ୍ରାନ୍ତ ଦଳେଇ, ସାଧାରଣ ସମ୍ପାଦକ ସାଗିର ମହମ୍ମଦ, ସ୍ୱରୂପାନନ୍ଦ ଦାସ, ଜଜି ଭାଇ, ସଂଗ୍ରାମ କେଶରୀ ପାଣିଙ୍କ ସମେତ ଉପଦେଷ୍ଟାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅବନୀ ମିଶ୍ର ମଞ୍ଚ ସଞ୍ଚାଳନ କରିଥିବାବେଳେ ସଂଗ୍ରାମ କେଶରୀ ପାଣି ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀରାମ ସେବା ସଦନ ପକ୍ଷରୁ ପାଣି ବୋତଲ ବଣ୍ଟନ



ଢେଙ୍କାନାଳ, ୨୮ ।୬(ସମିସ): ଢେଙ୍କାନାଳ ସହରରେ ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ଉପଲକ୍ଷେ କୈବଲ୍ୟ ବଜାରଠାରେ ଶ୍ରୀରାମ ସେବା ସଦନ ପକ୍ଷରୁ ୫ ହଜାରୁ ଊର୍ଦ୍ଧ୍ୱ ଭକ୍ତଙ୍କୁ ଥଣ୍ଡା ପାଣି ବୋତଲ ବଣ୍ଟନ କରାଯାଇଛି । ଭକ୍ତମାନେ ମହା ଆନନ୍ଦରେ ଏହି ଥଣ୍ଡାପାଣିକୁ ପାନ କରିଥିଲେ ।

# କୀର୍ତ୍ତନ କଳାକାରଙ୍କ ପରଲୋକ

ପରଜଙ୍ଗ, ୨୮ ।୬(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପିତିରି ଗ୍ରାମର କୀର୍ତ୍ତନ କଳାକାର ସଂସାରୀ ରାଉତଙ୍କ ୭୨ ବର୍ଷ ବୟସରେ ଦେହାନ୍ତ ଘଟିଛି । ସଂସାରୀ କିଛିଦିନ ଧରି ଅସୁସ୍ଥ ଥିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ । ଶନିବାର ଭୋର ସମୟରେ ତାଙ୍କ ପରଲୋକ ହୋଇଛି । ସଂସାରୀ ପେସାରେ ମୃଦଙ୍ଗ ବାଦକ ଥିବାବେଳେ ଦଣ୍ଡନାଚ କଳାକାର ଭାବେ ମଧ୍ୟ ପରିଚିତ ଥିଲେ । ତାଙ୍କ ଦେହାନ୍ତ ଖବର ପାଇ ପରଜଙ୍ଗ ବ୍ଲକ କୀର୍ତ୍ତନ ମଣ୍ଡଳୀ ମହାସଂଘର ଅକ୍ଷୟ କୁମାର ନାୟକ, ଅଶୋକ କୁମାର ଦଳବେହେରା, ଅଭୟ କୁମାର ସାହୁ, ପୁଣ୍ଡରୀ ସାହୁ ସମେତ ଗ୍ରାମର କୀର୍ତ୍ତନ କଳାକାରମାନେ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ ।

# ଶିଶୁ ସମେତ ୪ ଗୁରୁତର

## ହାଇୱା ପଛରେ ଧକ୍କାହେଲା ନାଇଟ କୋଚ୍ ବସ୍








ଢେଙ୍କାନାଳ, ୨୮ ।୬(ସମିସ)

୫୫ ନମ୍ବର ଜାତୀୟ ରାଜପଥର ଢେଙ୍କାନାଳ ଜିଲ୍ଲା ସଦରଥାନା ଝାରଗାଡ଼ିଆ ଫାଣ୍ଡି ଅନ୍ତର୍ଗତ ସିମିନଇ ବାଇପାସ ରାସ୍ତାରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ଜଣେ ଶିଶୁ ସମେତ ୪ ଜଣ ଗୁରୁତର ଆହତ ହୋଇଛନ୍ତି । ସେମାନେ ହେଲେ ହୀରାକୁଦର ଲକ୍ଷ୍ମୀ ଆଚାର୍ଯ୍ୟଙ୍କ ଝିଅ ପୂଜା ଆଚାର୍ଯ୍ୟ, କେନ୍ଦ୍ରାପଡ଼ାର ବିଜୟ କୁମାର ବେହେରାଙ୍କ ପତ୍ନୀ ପ୍ରତିମା ବେହେରା, ତାଙ୍କ ପୁଅ ଅଭିଜିତ ଏବଂ କଟକ ଝାରପଦାର ବିଶ୍ୱରଞ୍ଜନ ବେହେରା ।

### ୫୫ ନମ୍ବର ଜାତୀୟ ରାଜପଥରେ ମର୍ମନ୍ତୁଦ ଦୁର୍ଘଟଣା

ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ପଞ୍ଚୁପଟିଠାରୁ ଝାରଗାଡ଼ିଆ ପର୍ଯ୍ୟନ୍ତ ୫୫ ନମ୍ବର ଜାତୀୟ ରାଜପଥର ସାଢ଼େ ୩ କିଲୋମିଟର ବାଇପାସ ରାସ୍ତା ନିର୍ମାଣ ହୋଇଛି । ଏହି ରାସ୍ତାରେ ଗାଡ଼ିଗୁଡ଼ିକ ଅତ୍ୟନ୍ତ ଦ୍ରୁତଗତିରେ ଯାତାୟାତ କରୁଛନ୍ତି । ଶୁକ୍ରବାର ରାତି ୯ଟା ୪୫ରେ ଡାଫୋଡିଲ୍ସ ନାମକ ବସ ହୀରାକୁଦରୁ ବାହାରି ଭୁବନେଶ୍ୱର ଯାଉଥିଲା । ବାଇପାସ ଦେଇ ବସ ଦ୍ରୁତଗତିରେ ଯାଉଥିବା ବେଳେ ରାସ୍ତାରେ ଛିଡ଼ା ହୋଇଥିବା ଏକ ହାଇୱା ପଛରେ ଧକ୍କା ହୋଇଥିଲା । ଫଳରେ ବସର ସମ୍ମୁଖ ଭାଗ ଏକପ୍ରକାର ହାଇୱା ପଛରେ ପଶିଯାଇଥିଲା । ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ବସ ଚାଳକଙ୍କ ଆଖି ଲାଗିଯିବାରୁ ଦୁର୍ଘଟଣା ଘଟିଥିବା ଯାତ୍ରୀ ପ୍ରକାଶ କରିଛନ୍ତି । ଅନ୍ୟପଟେ ଦୁର୍ଘଟଣା ପରେ ବସର ସମସ୍ତ କର୍ମଚାରୀ ଫେରାର ହୋଇଯାଇଛନ୍ତି । ପୁଲିସ ବସ ଓ ଟ୍ରକକୁ ଜବତ କରି ତଦନ୍ତ ଆରମ୍ଭ କରିଛି ।

# ନିଶା ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧୀ ଦିବସ

ଢେଙ୍କାନାଳ, ୨୮ ।୬(ସମିସ): ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲ୍‌ରେ ଆନ୍ତର୍ଜାତିକ ନିଶା ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧୀ ଦିବସ ପାଳିତ ହୋଇଛି । ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଯୋଗଦେଇ ପ୍ରତ୍ୟେକ ବର୍ଗ ବିଶେଷକରି ଯୁବପିଢ଼ି ନିଶା ସେବନରେ ଅଭ୍ୟସ୍ତ ହୋଇ ନିଜ ଅମୂଲ୍ୟ ଜୀବନକୁ ବୁଝି ନ ପାରି ନିଜକୁ ନଷ୍ଟ ଭ୍ରଷ୍ଟ କରୁଥିବାରୁ ଏବଂ ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ପରିବାରର ଦୁର୍ଦ୍ଦଶା ଘଟାଉଥିବାରୁ ନିଶାସେବନଠାରୁ ଦୂରେଇ ରହିବାକୁ ଅନୁରୋଧ କରିଛନ୍ତି । ନିଶାମୁକ୍ତ ଏବଂ ସୁସ୍ଥ ଢେଙ୍କାନାଳ ଜିଲ୍ଲା ଗଠନ ନିମନ୍ତେ ପ୍ରଶାସନିକ ଅଧିକାରୀ, ପୁଲିସ କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଧାର୍ମିକ ଅନୁଷ୍ଠାନ ଓ ବୁଦ୍ଧିଜୀବୀମାନେ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସଞ୍ଜୟ ମହାପାତ୍ର ବିଭିନ୍ନ ପ୍ରକାର ନିଶା ସମ୍ପର୍କରେ ଉଲ୍ଲେଖ କରି ଏହାର ବ୍ୟବହାର ଓ ଅପବ୍ୟବହାର ସମ୍ପର୍କରେ ଅବଗତ କରାଇଥିଲେ । ପ୍ରଜାପିତା ବ୍ରହ୍ମାକୁମାରୀର ଭଉଣୀ ଉଷା ଦେବୀ ଆଧ୍ୟାତ୍ମିକ ଜୀବନ ଆପଣାଇବା ଦ୍ୱାରା ନିଶାସେବନ ଅଭ୍ୟାସ ସ୍ୱତଃ ଦୂରେଇଯାଏ ବୋଲି ମତବ୍ୟକ୍ତ କରିଥିଲେ । ଅତିରିକ୍ତ ଏସ୍‌ପି ପ୍ରଭାତ ବିଶ୍ୱାଳ, ଅତିରିକ୍ତ ଅବକାରୀ ଅଧୀକ୍ଷକ ଆର୍ଯ୍ୟା ସବ୍ୟତାରାୟ ଏବଂ ଐରା ଅନୁଷ୍ଠାନର ନିର୍ଦ୍ଦେଶକ ସୁରେଶ ପଣ୍ଡା ନିଶା ନିବାରଣ ଓ ଅବୈଧ ଚାଲାଣ ରୋକିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି ସହ ଗ୍ରହଣ କରାଯାଉଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଅବଗତ କରାଇଥିଲେ । ଆମ ସଂକଳ୍ପ ନିଶା ନୁହେଁ ଜୀବନ ସମ୍ପର୍କିତ ପ୍ରବନ୍ଧ ଲିଖନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ପ୍ରାରମ୍ଭରେ ଜୀବନ ଜ୍ୟୋତିର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ପ୍ରଜାପିତା ବ୍ରହ୍ମାକୁମାରୀ ଅନୁଷ୍ଠାନ ପକ୍ଷରୁ ଏକ ସଚେତନଧର୍ମୀ ନାଟକ ପରିବେଷଣ କରାଯାଇଥିଲା । ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସକାଳେ ଢେଙ୍କାନାଳ ମିନି ଷ୍ଟାଡିୟମରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ପୁରୁଣା ଜିଲ୍ଲା ପରିଷଦ ହଲରେ ପହଞ୍ଚିଥିଲା ।

# ଗଣେଶ ବଜାର ଯୁବ ଗୋଷ୍ଠୀ ତରଫରୁ ଦହି ଓ ପ୍ରସାଦ ସେବା

ଢେଙ୍କାନାଳ, ୨୮ ।୬(ସମିସ): ଢେଙ୍କାନାଳ ରଥଯାତ୍ରା ଉପଲକ୍ଷେ ସ୍ଥାନୀୟ ଗଣେଶ ବଜାର ଲକ୍ଷ୍ମୀ ମଣ୍ଡପ ସମ୍ମୁଖରେ ବଜାରର ଯୁବଗୋଷ୍ଠୀଙ୍କ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ଦହି ସର୍ବତ ଓ ଉପମା ଡାଲମା ବଣ୍ଟନ କରାଯାଇଛି । ଗଣେଶ ବଜାର ସଭାପତି ସଞ୍ଜୀବ କୁମାର ବେହେରା ଓ ସମ୍ପାଦକ ଏମ୍‌ଡି ରଫିକଙ୍କ ତତ୍ତ୍ୱାବଧାନରେ ସଦସ୍ୟ ମାନସ ସାହୁ ଓ ସନ୍ତୋଷ କୁମାର ସାହୁଙ୍କ ନେତୃତ୍ୱରେ ଏହି ସେବାକାର୍ଯ୍ୟ ହୋଇଥିଲା ।



ଅତିଥି ଭାବେ ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ ଯୋଗଦେଇ ଯୁବଗୋଷ୍ଠୀଙ୍କ ଗହଣରେ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରିଥିଲେ । ଚଳିତ ବର୍ଷ ପାଗ ଅନୁକୂଳ ଥିବାରୁ ଦୂରଦୂରାନ୍ତରୁ ଆସିଥିବା ଭକ୍ତମାନେ ଏହାକୁ ସେବନ କରି ଆତ୍ମତୃପ୍ତି ଲାଭ କରିଥିଲେ । ଗଣେଶ ବଜାର ପୂଜା କମିଟି ସଦସ୍ୟ ଓ ସୌଭାଗ୍ୟ ଲକ୍ଷ୍ମୀ ଟ୍ରଷ୍ଟ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବସନ୍ତ କୁମାର ସାହୁ, ଅତୁଲ କୁମାର ନାୟକ, ଶରତ କୁମାର ସାହୁ, ମାଧବ କୁମାର ସିଲ, ଜଗନ୍ନାଥ ହୋତା, ରାଜେଶ ପଟ୍ଟନାୟକ, ଆଶୁତୋଷ ସିଲ, ବିକାଶ କୁମାର ମହାନ୍ତି, ରାକେଶ ସାହୁ, ରିଙ୍କୁ ବେହେରା, ଅମନ ବକ୍ସ, ସ୍ୱରାଜ ପଟ୍ଟନାୟକ, ସୁବ୍ରତ ସାହୁ, ରିନ୍ଟୁ ସାହୁ, ଆଦିତ୍ୟ ସାହୁ, ଲିକୁ ସିଂହ, ମାନସ ସାହୁ, ଅର୍ଜିତ ସାହୁ, ଓମ ସିଲଙ୍କ ସମେତ ବହୁ ଯୁବକ ସହଯୋଗ କରିଥିଲେ ।

# କଲେଜରେ ହେଲେନ୍ କେଲର୍ ଦିବସ ପାଳିତ


ଢେଙ୍କାନାଳ, ୨୮ ।୬(ସମିସ): ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଶାଖା ଓ ଅଲ୍ଲୀ ୟବର ଜଙ୍ଗ ଜାତୀୟ ମୂକ ଏବଂ ବଧିର ଦିବ୍ୟାଙ୍ଗଜନ ଅନୁଷ୍ଠାନ ମିଳିତ ସହଯୋଗରେ ମହାବିଦ୍ୟାଳୟର ନୂଆ ପାଠାଗାରରେ ହେଲେନ୍ କେଲର୍ ଦିବସ ପାଳିତ ହୋଇଛି । ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ. ରବର୍ଟ ଉଇଲସନ୍ ଭତ୍ରା ଅତିଥି ପରିଚୟ ଦେବା ସହ ଏହି ଦିବସର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ । ପଦାର୍ଥ ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର୍ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ସ୍ୱାଗତ ଭାଷଣ ଦେବା ସହ ହେଲେନ୍ କେଲରଙ୍କ ଦୃଢ଼ ଆତ୍ମବଳ ଓ ତାଙ୍କ ସାମାଜିକ ଦୃଷ୍ଟିକୋଣ ବିଷୟରେ ଆଲୋଚନା କରିଥିଲେ । ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଆମନ୍ତ୍ରିତ ଅତିଥି ଭାବେ ଭାଷା ପ୍ରଶିକ୍ଷିକା ଅଳକାନନ୍ଦା ଯୋଶୀ ହେଲେନ୍ କେଲରଙ୍କ ଜୀବନ ଓ ଅଭିଜ୍ଞତା ବିଷୟରେ ବକ୍ତବ୍ୟ ରଖିଥିଲେ । ପ୍ରଶିକ୍ଷକ ଦିଲୀପ କୁମାର ପଟେଲ ସାଙ୍କେତିକ ଭାଷା ଓ ତାହାର ଗୁରୁତ୍ୱ ବିଷୟରେ ପ୍ରେରଣାଦାୟକ ବକ୍ତବ୍ୟ ଦେଇଥିଲେ । ସାଙ୍କେତିକ ଭାଷାର ଅନ୍ୟତମ ପ୍ରଶିକ୍ଷିକା ଅଭିଲିପ୍ସା ପ୍ରଧାନ ଏହି ଭାଷା ସମ୍ପର୍କରେ ଧାରଣା ଓ ତାହାର ସାମାଜିକ ଦକ୍ଷତା ବିଷୟରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ଢେଙ୍କାନାଳ ମହିଳା ମହାବିଦ୍ୟାଳୟ ଓ ଢେଙ୍କାନାଳ ସନ୍ଧ୍ୟା ମହାବିଦ୍ୟାଳୟର ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ ଓ ଏନଏସ୍‌ଏସ୍ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ ।

# ୨୨ ବର୍ଷ ଧରି ପଦ୍ମଫୁଲ ଓ ତୁଳସୀ ସେବା

ଢେଙ୍କାନାଳ, ୨୮ ।୬(ସମିସ): ଢେଙ୍କାନାଳ ରଥଯାତ୍ରା ଅବସରରେ ପ୍ରଭୁଙ୍କ ପାଇଁ ୨୨ ବର୍ଷ ଧରି ସେବା ଓ ସମର୍ପଣ ଭାବ ନେଇ ବୁନୁ ବେହେରା ଓ ସୁଶାନ୍ତ ଦଳେଇ ରଥରେ ଶ୍ରୀ ଜଗନ୍ନାଥଙ୍କୁ ତୁଳସୀ ମାଳ ଓ ପଦ୍ମଫୁଲ ଦେଇ ସେବା କରିଆସୁଛନ୍ତି । ପ୍ରତିଦିନ ମଧ୍ୟ ଶ୍ରୀଶ୍ରୀ ସିଦ୍ଧ ବଳରାମ ମନ୍ଦିର ଓ ଢେଙ୍କାନାଳରେ ଥିବା ବିଭିନ୍ନ ମନ୍ଦିରରେ ଦେବଦେବୀଙ୍କୁ ତୁଳସୀ ଓ ଫୁଲ୍ ଯୋଗାଇ ଦେଉଛନ୍ତି । ଏହି ସେବାକୁ ଢେଙ୍କାନାଳବାସୀ ବେଶ୍ ପ୍ରଶଂସା କରିଛନ୍ତି ।



# ଢେଙ୍କାନାଳ ଘୋଷଯାତ୍ରା: ମାଉସୀମା' ମନ୍ଦିରରେ ପହଞ୍ଚିଲା ରଥ



ଢେଙ୍କାନାଳ, ୨୮ ।୬(ସମିସ)

ଢେଙ୍କାନାଳ ପ୍ରସିଦ୍ଧ ରଥଯାତ୍ରାରେ ଶୁକ୍ରବାର ରଥଟଣା ଆରମ୍ଭ ହୋଇଥିବା ବେଳେ ଅଧବାଟରେ ଅଟକିଥିବା ଦୁଇରଥ ଶନିବାର ପୁନର୍ବାର ଟଣାଯାଇ ବାଜିଚୌକସ୍ଥିତ ମାଉସୀମା' ମନ୍ଦିରରେ ପହଞ୍ଚିଛି । ଭକ୍ତମାନେ ବର୍ଷାରେ ଭିଜି ଭିଜି ଉତ୍ସାହର ସହ ରଥକୁ ଟାଣି ନେଇଥିଲେ ।

ଶ୍ରୀ ଶ୍ରୀ ବଳରାମ ମନ୍ଦିର ପରିସରରେ ଶୁକ୍ରବାର ସମସ୍ତ ନୀତିକାନ୍ତି ପରେ ଅପରାହ୍ନ ୩ଟା ୩୯ରେ ପ୍ରଥମେ ବଡ଼ରଥ ଏବଂ ପରେ ସାନରଥ ଟଣା ଆରମ୍ଭ ହୋଇଥିଲା । ସାନ ରଥକୁ ମହିଳାମାନେ ଟାଣିଥିଲେ । ତେବେ ସନ୍ଧ୍ୟା ପୂର୍ବରୁ ଦୁଇ ରଥ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିପାରି ନ ଥିଲା । ବଡ଼ରଥ ମହାବୀର ବଜାର ଏବଂ ସାନରଥ ଜବାହର ଚୌକଠାରେ ଅଟକି ରହିଥିଲା । ଆଜି ପୁଣି ଥରେ ରଥକୁ ଭକ୍ତମାନେ ଟାଣି ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚାଇଛନ୍ତି । ଗତକାଲି ଭଳି ଆଜି ମଧ୍ୟ ସଂକୀର୍ତ୍ତନ ମଣ୍ଡଳୀ, ସ୍ୱେଚ୍ଛାସେବୀ ସଂଗଠନ ସହ ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଶାନ୍ତିଶୃଙ୍ଖଳାରେ ରଥ ଟଣାଯାଇଥିଲା । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସପି ଅଭିନବ ସୋନକର, ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ବିବୁଧ ଗଡ଼ନାୟକ, ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।



ଗଁଦିଆ: ଢେଙ୍କାନାଳ ଜିଲ୍ଲା ସୀମାନ୍ତ ଗ୍ରାମ ଗଡ଼ଖଙ୍କିରାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଛି । ସକାଳୁ ସମସ୍ତ ନୀତିକାନ୍ତି ପରେ ମହାପ୍ରଭୁଙ୍କ ପହଣ୍ଡିବିଜେ ଓ ଛେରାପହଁରା ଅନୁଷ୍ଠିତ ହୋଇଥିଲା । ପ୍ରବଳ ବର୍ଷା ସତ୍ତ୍ୱେ ଭକ୍ତଙ୍କ ଭିଡ଼ ମଧ୍ୟରେ ଘୋଷଯାତ୍ରା ଆରମ୍ଭ ହୋଇଥିଲା । ମା' ତାରିଣୀ ମନ୍ଦିରଠାରୁ ଗ୍ରାମ୍ୟ ପରିକ୍ରମା କରାଯାଇ ମାଉସୀ ମା' ମନ୍ଦିରରେ ମହାପ୍ରଭୁ ପହଞ୍ଚିଥିଲେ । ଏଥିରେ ୭ ଦଳ ମହିଳା କୀର୍ତ୍ତନ ମଣ୍ଡଳୀ ଯୋଗଦାନ କରିଥିଲେ ।



ଗଁଦିଆ: ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଦିଗମ୍ବରପୁର ପଞ୍ଚାୟତ ନୂଆଗଡ଼ ଗ୍ରାମରେ ରୀତିନୀତିରେ ରଥଯାତ୍ରା ଅନୁଷ୍ଠିତ ହୋଇଛି । ଶ୍ରୀ ଶ୍ରୀ ତୃତୀୟ ଦେବଜୀୟୁ ବିଜେ ନୂଆଗଡ଼ ପରିଚାଳନା କମିଟି ସଭାପତି ବିଜୟ କୁମାର ସାମନ୍ତ ଛେରାପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା । ହଜାର ହଜାର ଶ୍ରଦ୍ଧାଳୁ ପ୍ରଭୁଙ୍କ ଦର୍ଶନ କରି କୃପାଲାଭ କରିଥିଲେ । ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା । କମିଟି ସମ୍ପାଦକ ଅଶୋକ ମହାପାତ୍ର ପୂଜାବିଧି ସମ୍ପାଦନ କରିଥିଲେ । ଗ୍ରାମ ସଂଗଠନ ସଭାପତି ନୀଳମଣି ପାତ୍ର, ସମ୍ପାଦକ ପଙ୍କଜ କୁମାର ଜେନା, ସମାଜସେବୀ ଅରୁଣ ମହାପାତ୍ର, ପ୍ରଶାନ୍ତ କୁମାର ପାତ୍ର ଓ ଯତୀଶ ମହାପାତ୍ର ରଥଯାତ୍ରା ପରିଚାଳନା କରିଥିଲେ । ସଞ୍ଜୟ କୁମାର ସାମନ୍ତ, ଯୁଗଳ କିଶୋର ଦାସ, ବୀରେନ୍ଦ୍ର କୁମାର ସାମନ୍ତ, ଅଧ୍ୟାପକ ଶ୍ରୀକାନ୍ତ ସାମନ୍ତ ଓ ଡ. ଅମୀୟ ମହାପାତ୍ର ଧାରାବିବରଣୀ ପ୍ରଦାନ କରିଥିଲେ ।

# ଶଙ୍କରପୁର ପଞ୍ଚାୟତରେ ଅଂଶଗ୍ରହଣକାରୀ ଗ୍ରାମୀଣ ମୂଲ୍ୟାଙ୍କନ

ଢେଙ୍କାନାଳ, ୨୮ ।୬(ସମିସ): ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ପ୍ରାଥମିକ ଉଦ୍ଦେଶ୍ୟ ସହିତ ଶଙ୍କରପୁର ପଞ୍ଚାୟତରେ ଏକ ଅଂଶଗ୍ରହଣକାରୀ ଗ୍ରାମୀଣ ମୂଲ୍ୟାଙ୍କନ (ପିଆରଏ) ଅଧିବେଶନ ଅନୁଷ୍ଠିତ ହୋଇଛି । ପିଆରଏ ହେଉଛି ଏକ ଅଂଶଗ୍ରହଣକାରୀ ଉପକରଣ ଯାହା ଗ୍ରାମସ୍ତରୀୟ ଚ୍ୟାଲେଞ୍ଜ ଚିହ୍ନଟ କରିବା, ଉପଯୁକ୍ତ ସମାଧାନ ପ୍ରସ୍ତାବ ଦେବା ଏବଂ ବିକାଶମୂଳକ ପଦକ୍ଷେପଗୁଡ଼ିକୁ ସକ୍ରିୟ ଭାବେ ତଦାରଖ କରିବା ପ୍ରକ୍ରିୟାରେ ବାସିନ୍ଦାମାନଙ୍କୁ ସିଧାସଳଖ ସାମିଲ କରିବା ପାଇଁ ବ୍ୟବହୃତ ହୁଏ । ଏହି ପଦ୍ଧତି ସ୍ଥାୟୀ ବିକାଶ ଫଳାଫଳ ସୁନିଶ୍ଚିତ କରିବା ପାଇଁ ସମ୍ପ୍ରଦାୟର ସମ୍ପୃକ୍ତି, ସ୍ୱଚ୍ଛତା ଏବଂ ସାମୂହିକ ନିଷ୍ପତ୍ତି ଗ୍ରହଣ ଉପରେ ଗୁରୁତ୍ୱାରୋପ କରେ । ପ୍ରମୁଖ ଅଂଶୀଦାରମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ପଞ୍ଚାୟତ ସରପଞ୍ଚ ରବୀନ୍ଦ୍ର କୁମାର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ ସାହୁ, ପିରାମଲ ଫାଉଣ୍ଡେସନ ଦଳର ମାନସ ପ୍ରଧାନ, ନେହା ମୌର୍ଯ୍ୟ, ସ୍କୁଲର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଦାସ, ୱାର୍ଡ ସଦସ୍ୟ କଳ୍ପନା ଦାସ ଏବଂ ବବିତା ସାମିଲ ଥିଲେ । ଅଙ୍ଗନବାଡ଼ି ଏବଂ ଆଶାକର୍ମୀଙ୍କ ଭଳି ଆଗଧାଡ଼ିର କର୍ମୀମାନେ ମଧ୍ୟ ଯୋଗଦେଇ ସେମାନଙ୍କ ସ୍ଥାନୀୟ ଜ୍ଞାନ ଏବଂ କ୍ଷେତ୍ର ଅଭିଜ୍ଞତା ଯୋଗଦାନ କରିଥିଲେ । ବିକାଶ ଯୋଜନାଗୁଡ଼ିକ ସେମାନଙ୍କ ଆବଶ୍ୟକତା ଏବଂ ପ୍ରାଥମିକତା ସହିତ ସମନ୍ୱିତ ହେବା ନିଶ୍ଚିତ କରିବା ପାଇଁ ସମ୍ପ୍ରଦାୟର ସଦସ୍ୟମାନଙ୍କୁ (ପିଆରଏ) ପ୍ରକ୍ରିୟାର ମ୍ୟାପିଂରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଉତ୍ସାହିତ କରାଯାଇଥିଲା । ଏହି ସହଯୋଗପୂର୍ଣ୍ଣ ପରିବେଶର ଲକ୍ଷ୍ୟ ଥିଲା ଗ୍ରାମବାସୀମାନଙ୍କ ମଧ୍ୟରେ ମାଲିକାନା ଭାବନାକୁ ପ୍ରୋତ୍ସାହିତ କରିବା, ବିକାଶ ପ୍ରୟାସ ଆବଶ୍ୟକତା ଭିତ୍ତିକ ଏବଂ ଲୋକ କୈନ୍ଦ୍ରିକ ହେବା ନିଶ୍ଚିତ କରିବା । ବିବିଧ ସ୍ୱର ଏବଂ ଅଂଶୀଦାରମାନଙ୍କୁ ସାମିଲ କରି, ଶଙ୍କରପୁରରେ (ପିଆରଏ) ପ୍ରକ୍ରିୟା ଗ୍ରାମୀଣ ଶାସନର ଏକ ଅଧିକ ଅନ୍ତର୍ଭୁକ୍ତ ଏବଂ ଦାୟିତ୍ୱବାନ ମଡେଲ ନିର୍ମାଣ କରିବାକୁ ଚେଷ୍ଟା କରେ ।



# ନବମ ଜିଲ୍ଲା ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଉଦଘାଟିତ

ଢେଙ୍କାନାଳ, ୨୮ ।୬(ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଡୋର୍ ହଲରେ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ୍ ଆନୁକୂଲ୍ୟରେ ନବମ ଜିଲ୍ଲା ବ୍ୟାଡମିଣ୍ଟନ ଚାମ୍ପିଅନସିପ ଆରମ୍ଭ ହୋଇଛି । ଏଥିରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୨୫୦ରୁ ଅଧିକ ଖେଳାଳି ଭାଗ ନେଇଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରେ ୯ରୁ ୫୫ ବର୍ଷ ବୟସ ପର୍ଯ୍ୟନ୍ତ ଖେଳାଳି ବିଭିନ୍ନ ବର୍ଗରେ ଭାଗ ନେଇଛନ୍ତି । ସମାଜସେବୀ ରାମଚନ୍ଦ୍ର ପାତ୍ର ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ଆସୋସିଏସନ୍ ସଭାପତି ଦୀପକ ଦଳେଇ, କାର୍ଯ୍ୟକାରୀ ସଭାପତି ଅମିତ୍ ଶତପଥୀ, ସମ୍ପାଦକ ଟଙ୍କଧର ବେହେରା, ରଶ୍ମିପ୍ରକାଶ ପଟ୍ଟନାୟକ, ଶୁଭ୍ରାଂଶୁ ଦଳେଇ, ସୁଶାନ୍ତ କୁମାର ସାହୁ, ପ୍ରମୋଦ ସିଂ, ସୂର୍ଯ୍ୟକାନ୍ତ ମହାପାତ୍ର, ସ୍ୱଦେଶ ସିଂ, ଦେବାଶିଷ ସାହୁ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟ ତିନିଦିନ ଧରି ଚାଲିବ ବୋଲି ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି । ଓଡ଼ିଶାରେ ଢେଙ୍କାନାଳ ଜିଲ୍ଲା ବ୍ୟାଡମିଣ୍ଟନ ହବ୍ ଭାବେ ବର୍ତ୍ତମାନ ଉଦୀୟମାନ ହୋଇଛି । ଏ ବର୍ଷ ଜିଲ୍ଲାରୁ ବହୁ ଯୁବ ଖେଳାଳି କେନ୍ଦ୍ରୀୟ ଏକାଡେମୀ ଦ୍ୱାରା ଚୟନ ହୋଇଛନ୍ତି ।



## ଆଇନ ଛାତ୍ରୀଙ୍କୁ ଗଣଦୁଷ୍କର୍ମ: ସୁରକ୍ଷାକର୍ମୀ ଗିରଫ

କୋଲକାତା, ୨୮।୬ (ଏଜେନ୍ସି): କୋଲକାତା ଆଇନ କଲେଜରେ ପ୍ରଥମ ବର୍ଷ ଛାତ୍ରୀଙ୍କୁ ଗଣଦୁଷ୍କର୍ମକୁ ନେଇ ରାଜ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଲୋକେ ଏହା ବିରୋଧରେ ପ୍ରତିବାଦ ଆରମ୍ଭ କରିଦେଇଛନ୍ତି। ଏହା ମଧ୍ୟରେ କୋଲକାତା ପୁଲିସ ଶନିବାର ଏହି କଲେଜର ସୁରକ୍ଷାକର୍ମୀ ପିନାକୀ ବାନାର୍ଜୀଙ୍କୁ ଗିରଫ କରିଛି। ଏ ପର୍ଯ୍ୟନ୍ତ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଟିଏମସି ନେତା ମନୋଜିତ ମିଶ୍ରା ସହିତ ୪ ଜଣଙ୍କୁ ଗିରଫ କରାଗଲାଣି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଗଣଦୁଷ୍କର୍ମ ସମୟରେ ସୁରକ୍ଷାକର୍ମୀ ଉପସ୍ଥିତ ଥିଲା। ଅଭିଯୁକ୍ତର ନିର୍ଦ୍ଦେଶରେ ସେ ଗାର୍ଡରୁମ୍‌ରେ ମହିଳାଙ୍କୁ ଏକାକୀ ଛାଡ଼ି ପଳାଇ ଥିଲା। ଛାତ୍ରୀ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ସୁରକ୍ଷାକର୍ମୀ ତାଙ୍କୁ ସହାୟତା କରି ନ ଥିଲା। ଏ ବିଷୟରେ ସେ କଲେଜ କର୍ତ୍ତୃପକ୍ଷଙ୍କୁ ସୂଚନା ଦେବାର ଥିଲା। କିନ୍ତୁ ସେ ନିଜ କର୍ତ୍ତବ୍ୟରେ ଅବହେଳା କରିଥିବା। ତଦନ୍ତ ବେଳେ ଏହା ଜଣାପଡ଼ିବାରୁ ସୁରକ୍ଷାକର୍ମୀଙ୍କୁ ଗିରଫ କରାଯାଇଥିଲା। ଅନ୍ୟପକ୍ଷରେ ପୀଡ଼ିତାଙ୍କ ମେଡିକାଲ ରିପୋର୍ଟ ସାମ୍ନାକୁ ଆସିଛି। ଏଥିରେ ଦୁଷ୍କର୍ମ ହୋଇଥିବା ସ୍ପଷ୍ଟ ହୋଇଛି। ପୁଲିସ ଅଧିକାରୀଙ୍କ ଅନୁଯାୟୀ ଜୋରଜବରଦସ୍ତି କରିଥିବାରୁ ପୀଡ଼ିତାଙ୍କ ଶରୀରରେ କଟା ଏବଂ ଆଞ୍ଚୁଡ଼ା ଦାଗ ରହିଛି। ମାରପିଟ ମଧ୍ୟ କରାଯାଇଛି। ସେହିପରି ଗଣଦୁଷ୍କର୍ମର ତିନି ଅଭିଯୁକ୍ତଙ୍କୁ କୋର୍ଟ ୧ ତାରିଖ ପର୍ଯ୍ୟନ୍ତ ପୁଲିସ ହେପାଜତକୁ ପଠାଇ ଦେଇଛନ୍ତି। ଏହା ମଧ୍ୟରେ ଟିଏମ୍‌ସି ସାଂସଦ କଲ୍ୟାଣ ବାନାର୍ଜୀ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଯଦି ବନ୍ଧୁ ବନ୍ଧୁକୁ ଦୁଷ୍କର୍ମ କରିବ ତେବେ କ'ଣ କରାଯାଇପାରିବ ବୋଲି ସେ କହିଛନ୍ତି।

## ଆଇଏସ୍‌ଆଇଏସ୍‌ର ଭାରତ ମୁଖ୍ୟ ସାକିବ ନାଚନ ମୃତ

ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି): ଆତଙ୍କବାଦୀ ସଂଗଠନ ଇସ୍‌ଲାମିକ ଷ୍ଟେଟ୍ ଅଫ୍ ଇରାକ ଆଣ୍ଡ ସିରିଆ (ଆଇଏସଆଇଏସ) ର ଭାରତ ମୁଖ୍ୟ କୁହାଯାଉଥିବା



ତଥା ନିଷିଦ୍ଧ ସଂଗଠନ ଷ୍ଟୁଡେଣ୍ଟସ୍ ଇସଲାମିକ ମୁଭମେଣ୍ଟ ଅଫ୍ ଇଣ୍ଡିଆ (ସିମି)ର ପୂର୍ବତନ ସଦସ୍ୟ ସାକିବ ନାଚନ (୫୭) ମସ୍ତିଷ୍କାଘାତରେ ପ୍ରାଣ ହରାଇଛି। ମସ୍ତିଷ୍କାଘାତ ହେବା ପରେ ତାକୁ ଶନିବାର ଦ୍ୱିପହରେ ଦିଲ୍ଲୀର ସଫଦରଜଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନ୍‌ଆଇଏ ଦ୍ୱାରା ଗିରଫ ହେବା ପରେ ନାଚନ ୨୦୨୩ରୁ ତିହାର ଜେଲ୍‌ରେ ଥିଲା। ମହାରାଷ୍ଟ୍ରର ପଦଘା ଏବଂ ଦିଲ୍ଲୀରେ ଆଇଏସଆଇଏସର ଶାଖା ଗଢୁଥିବା ଅଭିଯୋଗରେ ତାକୁ ଗିରଫ କରାଯାଇଥିଲା। ମସ୍ତିଷ୍କାଘାତ ହେବାପରେ ମଙ୍ଗଳବାରଠାରୁ ତାକୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

## ସାମ୍ବାଦିକା ସ୍ୱେଚାଙ୍କ ଆତ୍ମହତ୍ୟା



ହାଇଦରାବାଦ, ୨୮।୬ (ଏଜେନ୍ସି): ସୁପ୍ରସିଦ୍ଧ ସାମ୍ବାଦିକା ତଥା ତେଲୁଗୁ ଚ୍ୟାନେଲର ଉପସ୍ଥାପିକା ସ୍ୱେଚା ଭୋଟରାକର ଆତ୍ମହତ୍ୟା କରିଛନ୍ତି। ହାଇଦରାବାଦ ସ୍ଥିତ ବାସଭବନରୁ ଶୁକ୍ରବାର ରାତିରେ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ବାପାଙ୍କ ଅଭିଯୋଗ କ୍ରମେ ପୁଲିସ ଏତଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ଝିଅର ମୃତ୍ୟୁ ପାଇଁ ବାପା ଜଣେ ବ୍ୟକ୍ତିକୁ ଦାୟୀ କରିଛନ୍ତି। ସ୍ୱେଚାଙ୍କ ମୃତ୍ୟୁରେ ବିଆରଏସ୍‌ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ କେଟି ରାମା ରାଓ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ସାଧୁ ମହାରାଜଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ

କୋଲକାତା, ୨୮।୬ (ଏଜେନ୍ସି): ପଶ୍ଚିମବଙ୍ଗର ପଦ୍ମଶ୍ରୀ ବିଜେତା ସାଧୁ କାର୍ତ୍ତିକ ମହାରାଜଙ୍କ ବିରୋଧରେ ଗୁରୁତର ଅଭିଯୋଗ ଲାଗିଛି। ସ୍କୁଲ୍‌ରେ ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇ ୨୦୧୩ ପରଠାରୁ ସେ ଜଣେ ମହିଳାଙ୍କୁ



ଅନେକ ଥର ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ତେବେ ବିଜେପି ସହ ଘନିଷ୍ଠ ଥିବା ଏହି ସାଧୁ ଅଭିଯୋଗକୁ ଖଣ୍ଡନ କରିଦେଇଛନ୍ତି। ପୀଡ଼ିତା ଅଭିଯୋଗ କରିଛନ୍ତି ଯେ ଭାରତ ସେବାଶ୍ରମ ସଂଘର ଏହି ସାଧୁ ତାଙ୍କୁ ମୁର୍ଶିଦାବାଦ ଆଶ୍ରମକୁ ନେଇ ଯାଇଥିଲେ। ଏହି ପରିସରରେ ଥିବା ବିଦ୍ୟାଳୟରେ ଚାକିରି ଦେବାକୁ କହି ରହିବାକୁ ଦେଇଥିଲେ। ତେବେ ଦିନେ ରାତିରେ କାର୍ତ୍ତିକ ମହାରାଜ ଜୋର ଜବରଦସ୍ତି ତାଙ୍କ ପ୍ରକୋଷ୍ଠ ଭିତରକୁ ପ୍ରବେଶ କରିଥିଲେ। ୨୦୧୩ ଜାନୁଆରୀରୁ ଜୁନ୍ ମଧ୍ୟରେ ୧୨ ଥର ଦୁଷ୍କର୍ମ କରିଥିଲେ। କାହାକୁ କହିଲେ ମାରିଦେବାକୁ ଧମକ ଦେଇଥିଲେ। ତେଣୁ ସେ ନିସହାୟ ହୋଇ ଏ ପର୍ଯ୍ୟନ୍ତ ଅଭିଯୋଗ କରି ନ ଥିଲେ ବୋଲି ପୀଡ଼ିତା ଏତଲାରେ କହିଛନ୍ତି।

# ନଦୀରେ ଫଟୋ ଉଠାଉଥିବାବେଳେ ଭାସିଗଲେ ପରିବାରର ୯ ସଦସ୍ୟ

ଇସଲାମାବାଦ, ୨୮।୬ (ଏଜେନ୍ସି): ପାକିସ୍ତାନ ଖୈବର ପଖ୍ତୁନଖ୍ୱା ଅଞ୍ଚଳରେ ଥିବା ସ୍ୱାତ ନଦୀରେ ଶୁକ୍ରବାର ଅଚାନକ ବନ୍ୟା ଆସିଛି। ଏଥିରେ ୧୭ ଜଣ ପ୍ରାଣ ହରାଇଛନ୍ତି। ଅନେକ ଲୋକ ନିଖୋଜ ଅଛନ୍ତି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୯ ସଦସ୍ୟ ସାମିଲ ଅଛନ୍ତି। ସୂଚନା ଅନୁଯାୟୀ ୧୮ ଜଣିଆ ପରିବାର ଶୁକ୍ରବାର ଭୋଜି କରିବାକୁ ସ୍ୱାତ ନଦୀ କୂଳକୁ ଯାଇଥିଲେ। ଏମାନେ ନଦୀ ଭିତରେ ଫଟୋ ଉଠାଉ ଥିଲେ। ଆଉ କିଛି ଜଣ ପାଣିରେ ଖେଳୁଥିଲେ। ଏହି ସମୟରେ ଅଚାନକ ବନ୍ୟା ଆସି ଯାଇଥିଲା। ଏହା ଛୋଟ ପିଲାଙ୍କୁ ଭସାଇ ନେଇଥିଲା। ସମ୍ପର୍କୀୟମାନେ ବଞ୍ଚାଇବାକୁ ଦୌଡ଼ି ଥିଲେ। କିନ୍ତୁ ସେମାନେ ବି ପାଣି ଭିତରେ ଫସି ଯାଇଥିଲେ। ଦୀର୍ଘ ଦୁଇ ଘଣ୍ଟା ଅପେକ୍ଷା କରିବା ପରେ ଉଦ୍ଧାରକାରୀ ଦଳ ପହଞ୍ଚି ଥିଲା। ୯ ଜଣଙ୍କ ମୃତଦେହ ଉଦ୍ଧାର କରିଛି। ୪ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏବେ ଏହି ଦୁର୍ଘଟଣାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦେଖାଯାଉଛି ଯେ କିଛିଲୋକ ଏକ ପଥର ଉପରେ ଛିଡ଼ା ହୋଇଛନ୍ତି। ଚାରିପଟେ ନଦୀର ପ୍ରଖର ସୁଅ ସେମାନଙ୍କୁ ଘେରି ରହିଛି।







# ସନ୍ଦେହରେ ଅଭିନେତ୍ରୀଙ୍କ ମୃତ୍ୟୁ

## ଦୁଇ ଥର ଶବ ବ୍ୟବଚ୍ଛେଦ ହେଲାଣି; ତଥାପି କାରଣ ଅସ୍ପଷ୍ଟ

ମୁମ୍ବାଇ, ୨୮।୬ (ଏଜେନ୍ସି): ସନ୍ଦେହଜନକ ଅବସ୍ଥାରେ ଅଭିନେତ୍ରୀ ଶେଫାଳି ଜରିୱାଲାଙ୍କ ଶୁକ୍ରବାର ରାତିରେ ମୃତ୍ୟୁ ହୋଇଛି। ତାଙ୍କୁ ୪୨ ବର୍ଷ ହୋଇଥିଲା। ଶୁକ୍ରବାର ରାତିରେ ତାଙ୍କର ହୃଦ୍‌ଘାତ ଆସିଥିଲା। ଏହା ପରେ ସ୍ୱାମୀ ପରାଗ ତ୍ୟାଗୀ ଶେଫାଳିଙ୍କୁ ମୁମ୍ବାଇର ସୁବରବନ ଅଞ୍ଚଳରେ ଥିବା ବେଲେଭ୍ୟୁ ମଲ୍ଟିସ୍ପେସିଆଲିଟି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି କୁହାଯାଉଛି। କିନ୍ତୁ ଶେଫାଳିଙ୍କ ପରିବାର କିମ୍ବା ପ୍ରତିନିଧିଙ୍କ ପକ୍ଷରୁ ଏ ନେଇ କୌଣସି ସୂଚନା ଦିଆଯାଇ ନାହିଁ। ମୁମ୍ବାଇ ପୁଲିସ ଏହି ମାମଲାର ଯାଞ୍ଚ ଆରମ୍ଭ କରିଦେଇଛି। ସମ୍ପର୍କୀୟ ଏବଂ ଶେଫାଳିଙ୍କ ଘରର ଚାକରଙ୍କୁ ଏହି ମାମଲାରେ ପଚରାଉଚୁରା କରୁଛି। ମୃତ୍ୟୁର କାରଣ ଏ ପର୍ଯ୍ୟନ୍ତ ଅସ୍ପଷ୍ଟ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ପୁଲିସ ମୋବାଇଲ ଫରେନସିକ୍ ୟୁନିଟ ଘରେ ପହଞ୍ଚି ତଦନ୍ତ ଆରମ୍ଭ କରିଦେଇଛି। ଗୋଟିଏ ଟିମ୍ ଫେରି ଯାଇଥିବାବେଳେ ଆଉ ଗୋଟିଏ ଘଟଣାସ୍ଥଳରେ ରହିଛି। ଅନ୍ୟପଟେ କୁପର ହସ୍ପିଟାଲରେ ଶେଫାଳିଙ୍କ ମୃତଦେହ ଦୁଇଥର ବ୍ୟବଚ୍ଛେଦ ପରେ ଅନ୍ତିମ ସଂସ୍କାର କରାଯାଇଛି।


କାଣ୍ଟା ଲଗା ଗୀତରୁ ପ୍ରସିଦ୍ଧି ଅର୍ଜନ କରିଥିବା ଶେଫାଳି ମୁମ୍ବାଇର ଗୋଲ୍ଡେନ ରେଜ୍-ୱାଇ ବିଲ୍ଡିଂରେ ରହୁଥିଲେ। ସୂଚନା ଅନୁଯାୟୀ ଶେଫାଳିଙ୍କୁ ଅଚେତ ଅବସ୍ଥାରେ ଶୁକ୍ରବାର ରାତି ୧୧ଟା ୧୫ରେ ଅନ୍ଧେରୀ ସ୍ଥିତ ବେଲେଭ୍ୟୁ ଡାକ୍ତରଖାନାକୁ ନିଆଯାଇଥିଲା। ହସ୍ପିଟାଲ କର୍ମଚାରୀଙ୍କ ଅନୁଯାୟୀ ତାଙ୍କୁ ମୃତ ଅବସ୍ଥାରେ ଡାକ୍ତରଖାନାକୁ ଅଣାଯାଇଥିଲା। ମୃତଦେହକୁ କୁପର ହସ୍ପିଟାଲକୁ ପଠାଇ ଦିଆଯାଇଛି। ସେଠାରେ ସମ୍ପର୍କୀୟ ଘନିଷ୍ଠ ବନ୍ଧୁ ଏବଂ ଫିଟନେସ୍ ଟ୍ରେନର ପହଞ୍ଚିଛନ୍ତି। ସେ କହିଛନ୍ତି ଯେ ଶେଫାଳି ନିଜ ଖାଦ୍ୟ ଅଭ୍ୟାସକୁ ନେଇ ସଚେତନ ଥିଲେ। ସବୁ ଦିନ ବ୍ୟାୟାମ କରୁଥିଲେ। ଦୁଇ ଦିନ ତଳେ ଟ୍ରେନର ତାଙ୍କୁ ଭେଟି ଥିଲେ। ଶେଫାଳିଙ୍କୁ ପିତ୍ତୁଳା ରୋଗ ଥିଲା। ଏଥିପାଇଁ ସେ ଥଣ୍ଡା ଜିନିଷ ଏବଂ ମୃଦୁ ପାନୀୟ ପିଉ ନ ଥିଲେ। ଅନ୍ୟପଟେ ଶେଫାଳି ରହୁଥିବା କୋଠାର ସିକ୍ୟୁରିଟି ଗାର୍ଡ ଶତ୍ରୁଘ୍ନ କହିଛନ୍ତି ଯେ ଶୁକ୍ରବାର ରାତି ୯ଟାରେ ତାଙ୍କ ସ୍ୱାମୀ ପରାଗ ମୋଟରସାଇକେଲରେ ସୋସାଇଟିକୁ ଆସିଥିଲେ। ଗେଟ୍ ଖୋଲିବା ପରେ ସେ ରୁମ୍‌କୁ ଯାଇଥିଲେ। ଏହାର ଦେଢ଼ଘଣ୍ଟା ପରେ ପ୍ରାୟ ୧୦ଟା୩୦ରେ ଶେଫାଳିଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ଏହାର କିଛି ସମୟ ପରେ ଶେଫାଳିଙ୍କ ଜଣେ ବନ୍ଧୁ ସୋସାଇଟିକୁ ଆସିଥିଲେ। ଅଭିନେତ୍ରୀଙ୍କ ମୃତ୍ୟୁ ହୋଇଯାଇଥିବା କହିଥିଲେ।

ସୂଚନାଯୋଗ୍ୟ ଯେ ୨୦୦୪ରେ ଶେଫାଳି ସଙ୍ଗୀତଜ୍ଞ ହରମିତ ସିଂହଙ୍କୁ ବିବାହ କରିଥିଲେ। ୨୦୦୯ ରେ ଉଭୟେ ଛାଡ଼ପତ୍ର ନେଇଥିଲେ। ଏହା ପରେ ୨୦୧୫ରେ ଶେଫାଳି ପରାଗଙ୍କୁ ବାହା ହୋଇଥିଲେ। ସେ ନଚ୍ ବାଲିଏ ଏବଂ ବିଗ୍ ବସ୍ ୧୩ ହାଉସ୍‌ରେ ପ୍ରବେଶ କରି ପ୍ରଶଂସା ସାଉଁଟି ଥିଲେ। ଏହା ମଧ୍ୟରେ ବଡ଼ ସୂଚନା ମିଳିଛି। ଶେଫାଳି ୫ରୁ ୬ ବର୍ଷ ହେଲା ଆଣ୍ଟି-ଏଜିଂ ଟ୍ରିଟ୍‌ମେଣ୍ଟ (ବୟସ ପ୍ରଭାବ ପଡ଼ିବାକୁ ଦେଉ ନ ଥିବା ଚିକିତ୍ସା) ନେଉଥିଲେ। ତ୍ୱଚାର ସୁନ୍ଦରତା ଏବଂ ଯୁବା ଦେଖାଯିବା ଲାଗି ଏହି ଚିକିତ୍ସା ନେଉଥିଲେ। ଏହି ଚିକିତ୍ସାରେ ଭିଟାମିନ୍ ସି ଏବଂ ଗ୍ଲୁଟାଥିଓନ ବ୍ୟବହାର କରାଯାଏ। ଅଧିକ ଗୋରା ଦିଶିବା ଲାଗି ଏବଂ ମୁହଁ ପରିଷ୍କାର କରିବା ଲାଗି ଗ୍ଲୁଟାଥିଓନ ଡ୍ରଗ୍ସ ନିଆଯାଏ ବୋଲି ଜଣେ ଡାକ୍ତର କହିଛନ୍ତି। ତେବେ ଏହା ହୃତ୍‌ପିଣ୍ଡ ଉପରେ କୌଣସି ପ୍ରତ୍ୟକ୍ଷ ପ୍ରଭାବ ପକାଏ ନାହିଁ ବୋଲି ଡାକ୍ତର ସୂଚନା ଦେଇଛନ୍ତି।

## ଶେଫାଳିଙ୍କ ମୃତ୍ୟୁରେ ବଲିଉଡ୍ ସ୍ତବ୍ଧ

## ହୃଦ୍‌ଘାତ ନେଲାଣି ଅନେକ ସେଲିବ୍ରିଟିଙ୍କ ଜୀବନ

ମୁମ୍ବାଇ, ୨୮।୬ (ଏଜେନ୍ସି): ଶେଫାଳିଙ୍କ ପୂର୍ବରୁ ଅନେକ ସେଲିବ୍ରିଟି ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ଏମାନଙ୍କ ମଧ୍ୟରେ ସିଦ୍ଧାର୍ଥ ଶୁକ୍ଲା (୪୦ ବର୍ଷ), ପୁନୀତ ରାଜକୁମାର (୪୬), ଗାୟକ କ୍ରିଷ୍ଣାକୁମାର କୁନ୍ନଥ (୫୩), ନିର୍ଦ୍ଦେଶକ ରାଜ କୁଶଲ (୫୦), ହାସ୍ୟ ଅଭିନେତା ରାଜୁ ଶ୍ରୀବାସ୍ତବ (୫୮), ସତୀଶ ଚନ୍ଦ୍ର କୌଶିକ (୬୬), ସିଦ୍ଧାନ୍ତ ବୀର ସୂର୍ଯ୍ୟବଂଶୀ (୪୬), ଚିରଞ୍ଜିବୀ ସରଜା (୩୫), ହାସ୍ୟ ଅଭିନେତା ବିବେକ (୫୯), ମଧୁବାଳା (୩୬), ବ୍ୟବସାୟୀ ସଞ୍ଜୟ କପୁର (୫୩) ପ୍ରମୁଖ ସାମିଲ ଅଛନ୍ତି।









## ଅହମଦାବାଦ ବିମାନ ଦୁର୍ଘଟଣା

# ପାଇଲଟଙ୍କ ପାଇଁ ବଞ୍ଚିଗଲା ୨ ହଜାର ଜୀବନ

ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି): ଗତ ୧୨ ତାରିଖର ଅହମଦାବାଦ ବିମାନ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା। ଏହି ଅଘଟଣରେ ୨୭୫ ଜଣଙ୍କ ଜୀବନ ଯାଇଥିଲା। ବିମାନର କ୍ୟାପ୍‌ଟେନ ସୁମିତ ସଭରୱାଲ (୫୬) ଉପସ୍ଥିତ ବୁଦ୍ଧି ପାଇଁ କ୍ଷୟକ୍ଷତି ଏବଂ ଜୀବନହାନୀ ବହୁତ କମ୍ ହୋଇଥିଲା, ନଚେତ୍ ଏହି ଦୁର୍ଘଟଣାରେ ୨ ହଜାରରୁ ଅଧିକ ଲୋକଙ୍କ ଜୀବନ ଯାଇଥାନ୍ତା। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିମାନ ଉପରକୁ ନ ଉଠିବା ପରେ ଏହା ଦୁର୍ଘଟଣାଗ୍ରସ୍ତ ହେବ ବୋଲି କ୍ୟାପ୍‌ଟେନ ସୁମିତ ଜାଣିପାରି ଥିଲେ। ତେଣୁ ସେ ଉପସ୍ଥିତ ବୁଦ୍ଧି ଖଟାଇ କମ୍ ଜନବହୁଳ ଅଞ୍ଚଳରେ ବିମାନକୁ ଖସାଇ ଥିଲେ। କ୍ଷୟକ୍ଷତି କମ୍ କରିବା ପାଇଁ ସେ ଏହି ନିଷ୍ପତ୍ତି ନେଇଥିଲେ। ବୋଇଂ ୭୮୭ ବିମାନ ମେଡିକାଲ ହଷ୍ଟେଲ ଉପରେ ପଡ଼ିଥିଲା। ଏହି ଅଞ୍ଚଳରେ ଜନସଂଖ୍ୟା ଘନତ୍ୱ ବହୁତ କମ୍ ଥିଲା। ମାତ୍ର ଏହାର ଚାରିପାଖରେ ବସ୍ତି ଏବଂ ତିନୋଟି ବଡ଼ ହସ୍ପିଟାଲ ରହିଥିଲା। ଯଦି ବିମାନ ତିନି ସେକେଣ୍ଡ ପୂର୍ବରୁ କିମ୍ବା ପରେ ଦୁର୍ଘଟଣାଗ୍ରସ୍ତ ହୋଇଥାନ୍ତା ତେବେ ଭୟଙ୍କର ବିପର୍ଯ୍ୟୟ ହୋଇଥାନ୍ତା। ଦୁର୍ଘଟଣାସ୍ଥଳର ଡାହାଣ ପାର୍ଶ୍ୱରେ ସେନା ହସ୍ପିଟାଲ ଥିଲା। ଆଗରେ ଏକ ସିଭିଲ ହସ୍ପିଟାଲ ଏବଂ ଆଉ କିଛି ଦୂରରେ ଗୁଜରାଟ କ୍ୟାନସର ସୋସାଇଟି ମେଡିକାଲ କଲେଜ ରହିଥିଲା।



ଦୁର୍ଘଟଣା ପରେ ମାମଲାର ଯାଞ୍ଚ କରୁଥିବା ଜଣେ ବେସାମରିକ ବିମାନ ଚଳାଚଳ ଅଧିକାରୀ କହିଛନ୍ତି ଯେ ବିମାନର ଗତି ଅନୁଯାୟୀ ଏହା ସିଧା ୧୨୦୦ ବେଡ୍ ବିଶିଷ୍ଟ ସିଭିଲ ହସ୍ପିଟାଲରେ ମାଡ଼ ହେବାକୁ ଯାଉଥିଲା। ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡ଼ିଛି ଯେ ପାଇଲଟ କିଛି ସମୟ ପୂର୍ବରୁ ବିମାନକୁ ତଳକୁ ନେଇ ଆସିଥିଲେ। ଏଥିଯୋଗୁ ବିମାନ ମେଡିକାଲ କଲେଜ ହଷ୍ଟେଲର ଛାତରୁ ଖସି ଗଛ ଉପରେ ପଡ଼ିଥିଲା। ସୂଚନାଯୋଗ୍ୟ ଯେ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା କ୍ୟାପ୍‌ଟେନ ସୁମିତଙ୍କ ଗତ ୧୭ ତାରିଖରେ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କର ୮୨୦୦ ଘଣ୍ଟା ଉଡ଼ାଣର ଅଭିଜ୍ଞତା ଥିଲା।

# ପାକିସ୍ତାନରେ ଆତ୍ମଘାତୀ ଆକ୍ରମଣ; ୧୬ ସୈନିକ ମୃତ

ଇସଲାମାବାଦ, ୨୮।୬ (ଏଜେନ୍ସି): ଆତଙ୍କବାଦୀ ଆକ୍ରମଣ କରି ପଡ଼ୋଶୀ ଦେଶରେ ଅସ୍ଥିରତା ସୃଷ୍ଟି କରୁଥିବା ପାକିସ୍ତାନ ନିଜେ ଏହାର ଶିକାର ହୋଇଛି। ଭାରତରେ ପୁଲୱାମା ଆକ୍ରମଣ ପାଇଁ ଦାୟୀ ପାକିସ୍ତାନରେ ଏଭଳି ଆକ୍ରମଣ ହୋଇଛି।

ଖୈବର ପଖତୁନଖ୍ୱା ପ୍ରଦେଶର ଉତ୍ତର ବଜିରସ୍ଥାନ ଜିଲ୍ଲାରେ ଶନିବାର ବିସ୍ଫୋରକ ଭର୍ତ୍ତି ଏକ ଗାଡ଼ି ନେଇ ଜଣେ ଆତଙ୍କବାଦୀ ପାକିସ୍ତାନୀ ସେନାର କନଭୟକୁ ଧକ୍କା ଦେଇଛି। ପରେ ନିଜକୁ ବିସ୍ଫୋରଣରେ ଉଡ଼ାଇ ଦେଇଛି। ଏହି ବିସ୍ଫୋରଣରେ ୧୬ ଯବାନ ପ୍ରାଣ ହରାଇଛନ୍ତି। ୨୪ରୁ ଅଧିକ ମଧ୍ୟ ଆହତ ହୋଇଛନ୍ତି। ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇପାରେ ବୋଲି କୁହାଯାଉଛି। ଏହି ଆକ୍ରମଣ ପାଇଁ ଆତଙ୍କବାଦୀ ସଂଗଠନ ପାକିସ୍ତାନୀ ତାଲିବାନ (ଟିଟିପି) ନିଜକୁ ଦାୟୀ କରିଛି। ଏହି ଅଞ୍ଚଳକୁ ଟିଟିପିର ଗଡ଼ ଧରାଯାଉଛି। ଏହି ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ନିକଟସ୍ଥ ଦୁଇଟ ଘରର ଛାତ ଭୁଶୁଡି ଯାଇଛି। ଏଥିରେ ୬ରୁ ଅଧିକ ଶିଶୁ ଆହତ ହୋଇଛନ୍ତି। ପାକିସ୍ତାନ ତାଲିବାନର ଏକ ଗୋଷ୍ଠୀ ହାଫିଜ ଗୁଲ ବାହାଦୂର ଆର୍ମ୍ମ ଗ୍ରୁପର ଆତ୍ମଘାତୀ ଏହି କାଣ୍ଡ ଘଟାଇଛନ୍ତି।

**ନିଜକୁ ଦାୟୀ କଲା ପାକିସ୍ତାନ ତାଲିବାନ**

୨୦୨୧ରେ ଆଫଗାନିସ୍ତାନରେ ତାଲିବାନ କ୍ଷମତାସୀନ ହେବା ପରଠାରୁ ପାକିସ୍ତାନର ଏହି ଅଞ୍ଚଳରେ ହିଂସା ଲାଗି ରହିଛି। ଅନବରତ ଭାବେ ସେନା ଉପରେ ଆକ୍ରମଣ ହେଉଛି। ତାଲିବାନ ସରକାର ଏଥିପାଇଁ ସହାୟତା କରୁଛନ୍ତି ବୋଲି ପାକିସ୍ତାନ ପକ୍ଷରୁ ଅଭିଯୋଗ କରାଯାଉଛି। ତେବେ ତାଲିବାନ ଏହି ଅଭିଯୋଗକୁ ଖାରଜ କରିଆସିଛି।

# ପୁଣି ବିବାଦ ଘେରରେ ନିର୍ବାଚନ କମିସନ

ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି): ବିଭିନ୍ନ ସମୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିବାଦରେ ଥିବା ଭାରତର ନିର୍ବାଚନ କମିସନ ପୁଣି ଆଉ ଏକ ନୂଆ ବିବାଦରେ ଫସିଯାଇଛନ୍ତି। ଏଥର ଘରଘର ବୁଲି ଯାଞ୍ଚ ପ୍ରକ୍ରିୟାକୁ ନେଇ। ଏହି ପ୍ରକ୍ରିୟା ଆରମ୍ଭ ହୋଇଛି ବିହାରରେ। ଚଳିତ ବର୍ଷ ଶେଷ ଆଡ଼କୁ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଭୋଟର ତାଲିକାରେ ସଂଶୋଧନ କରାଯାଉଛି। ଏହି ପ୍ରକ୍ରିୟାରେ ନୂଆ ଓ ପୁରୁଣା ଭୋଟରଙ୍କୁ ଭାରତୀୟ ନାଗରିକତ୍ୱ ପ୍ରମାଣ ଦେବାକୁ କୁହାଯାଉଛି। ସେମାନଙ୍କର ଜନ୍ମସ୍ଥାନ ଓ ତାରିଖ ସଂପର୍କରେ ପ୍ରମାଣପତ୍ର ଲୋଡୁଛନ୍ତି ନିର୍ବାଚନ ଅଧିକାରୀ। ଏହାକୁ ନେଇ ବିରୋଧୀ ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଅଭିଯୋଗ କରିଛନ୍ତି ଯେ ଭୋଟର ତାଲିକା ସଂଶୋଧନ ବାହାନାରେ ସରକାର କମିସନଙ୍କୁ ଅସ୍ତ୍ର କରି ଏନ୍‌ଆର୍‌ସି ବା ଜାତୀୟ ନାଗରିକ ପଞ୍ଜୀକରଣ କରାଉଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ବେଆଇନ ଶରଣାର୍ଥୀଙ୍କୁ ଭୋଟର ତାଲିକାରୁ ବାଦ୍ ଦେବା ଲାଗି ନିର୍ବାଚନ କମିସନ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅଭିଯାନରେ ବୁଥ୍ ସ୍ତରରେ ନିର୍ବାଚନ ଅଧିକାରୀ ଘର ଘର ବୁଲି ସର୍ଭେ କରିବା ସହିତ ନୂଆ ଏବଂ ପୁରୁଣା ଭୋଟରଙ୍କ ଠାରୁ ତଥ୍ୟପ୍ରମାଣ ସଂଗ୍ରହ କରୁଛନ୍ତି। ସେମାନେ ଭାରତୀୟ ନାଗରିକ କି ନୁହନ୍ତି? ଯଦି ଭାରତୀୟ ନାଗରିକ, ତାହାହେଲେ ସେମାନଙ୍କୁ ସେମାନଙ୍କର ଜନ୍ମସ୍ଥାନ ଓ ଜନ୍ମ ତାରିଖ ସଂପର୍କରେ ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଉଛି। କେବଳ ନିଜର ନୁହେଁ, ସେମାନଙ୍କ ପିତାମାତାଙ୍କର ପ୍ରମାଣପତ୍ର ମଧ୍ୟ ଲୋଡ଼ାଯାଉଛି। ୧୯୮୭ପୂର୍ବରୁ ଜନ୍ମ ହୋଇଥିବା ଭୋଟରମାନଙ୍କୁ ସେମାନଙ୍କର ଜନ୍ମସ୍ଥାନ ଓ ଜନ୍ମ ତାରିଖର ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଉଛି। ସେହିଭଳି ଜୁଲାଇ ୧୯୮୭ରୁ ଡିସେମ୍ବର ୨୦୦୪ ମଧ୍ୟରେ ଜନ୍ମ ହୋଇଥିବା ଭୋଟରମାନଙ୍କୁ ସେମାନଙ୍କର ଜନ୍ମସ୍ଥାନ ଓ ତାରିଖ ପ୍ରମାଣପତ୍ର ସହିତ ପିତାମାତାଙ୍କର ଜନ୍ମସ୍ଥାନ ଓ ଜନ୍ମତାରିଖ ସଂପର୍କରେ କାଗଜପତ୍ର ଦାଖଲ କରିବାକୁ କୁହାଯାଉଛି।

- ଜନ୍ମ ପ୍ରମାଣପତ୍ର ଦେବାକୁ ଭୋଟର ବାଧ୍ୟ
- ପ୍ରମାଣପତ୍ର ନଦେଲେ ତାଲିକାରୁ ନାଁ କଟିବ
- କମିସନଙ୍କୁ ଘେରିଲେ ବିରୋଧୀ ଦଳ
- ତାଲିକା ସଂଶୋଧନ ନାମରେ ଏନ୍‌ଆର୍‌ସି ?

ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ। ରାଷ୍ଟ୍ରୀୟ ଜନତା ଦଳ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ଏମିତି ଲକ୍ଷ ଲକ୍ଷ ପରିବାର ଅଛନ୍ତି ଯେଉଁମାନଙ୍କ ପାଖରେ ଜନ୍ମସ୍ଥାନ ଓ ତାରିଖ ପ୍ରମାଣପତ୍ର ନାହିଁ। ସେମାନଙ୍କୁ ମତଦାନରୁ ବଞ୍ଚିତ କରିବା ଲାଗି ଏହା ଏକ ଷଡ଼ଯନ୍ତ୍ର। ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀ ଏହାକୁ ଏନ୍‌ଆରସି ଠାରୁ ଅଧିକ ଭୟଙ୍କର ଓ ବିପଜ୍ଜନକ ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ କମିସନଙ୍କ ଏଭଳି ନିଷ୍ପତ୍ତି ଗଣତନ୍ତ୍ର ପାଇଁ ବିପଦ। ରାଜ୍ୟ ସରକାର ଓ ଜାତୀୟ ରାଜନୈତିକ ଦଳଙ୍କ ସହିତ ବିଚାରପରାମର୍ଶ ନକରି କମିସନ ଏଭଳି ଏକତରଫା ନିଷ୍ପତ୍ତି ନେଇପାରିବେ ନାହିଁ। କେବଳ ବିଜେପିକୁ ସୁହାଇଲା ଭଳି କମିସନ ନିଷ୍ପତ୍ତି ନେଉଛନ୍ତି। ଗରିବ ଓ ଅଶିକ୍ଷିତ ପରିବାର ସେମାନଙ୍କର ପ୍ରମାଣପତ୍ର କେଉଁଠୁ ଆଣିବେ ? କେନ୍ଦ୍ର ସରକାର ନିର୍ବାଚନ କମିସନଙ୍କୁ ଅସ୍ତ୍ର କରି ଏନ୍‌ଆର୍‌ସି ପ୍ରକ୍ରିୟା ଆରମ୍ଭ କରିଛନ୍ତି ବୋଲି ଅଭିଯୋଗ କରି ମମତା କହିଛନ୍ତି ଯେ ଏହାଦ୍ୱାରା ଲକ୍ଷ ଲକ୍ଷ ଲୋକ ଭୋଟ ଅଧିକାରରୁ ବଞ୍ଚିତ ହେବେ। ସମାଜବାଦୀ ପାର୍ଟି ମୁଖ୍ୟ ତଥା ୟୁପିର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ମଧ୍ୟ ମମତାଙ୍କୁ ସମର୍ଥନ କରି କହିଛନ୍ତି ଯେ କେନ୍ଦ୍ରରେ ବିଜେପି ସରକାରକୁ ସହଜରେ ବିଶ୍ୱାସ କରାଯାଇପାରିବ ନାହିଁ। ସେମାନେ ପଛଦ୍ୱାର ଦେଇ ଏନ୍‌ଆରସି ପ୍ରକ୍ରିୟା ଆରମ୍ଭ କରିଛନ୍ତି।

ସୂଚନାଯୋଗ୍ୟ ଯେ ୨୦୨୬ରେ ଆସାମ, କେରଳ, ପୁଡୁଚେରୀ, ତାମିଲନାଡୁ ଏବଂ ପଶ୍ଚିମ ବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ସେଠାରେ ମଧ୍ୟ ଏଭଳି ଅଭିଯାନ ଚଳାଇବାକୁ ଯୋଜନା କରିଛନ୍ତି ନିର୍ବାଚନ କମିସନ।

# କୋରିଆନ୍ ଟପ୍ ଫେଶନ



ସମୟ ଅନୁସାରେ ଫେଶନ ଟ୍ରେଣ୍ଡରେ ପରିବର୍ତ୍ତନ ଦେଖିବାକୁ ମିଳିଥାଏ। ସେହିପରି ବର୍ତ୍ତମାନ ସମୟରେ ଯୁବତୀଙ୍କ ମଧ୍ୟରେ କୋରିଆନ୍ ଟପର କ୍ରେଜ୍ ଦେଖିବାକୁ ମିଳୁଛି। ଅନ୍‌ଲାଇନ୍‌ରେ ଏହା ବିଭିନ୍ନ ଡିଜାଇନରେ ରହିଛି। ଏହା ଷ୍ଟାଇଲିଶ୍ ସାଙ୍ଗକୁ ଆକର୍ଷଣୀୟ ଦେଖାଯାଏ। ତେବେ ଏ ପ୍ରକାର ଟପ୍ସ ବିଶେଷ କରି ବଟନ୍ ୱେୟାର୍ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ।

- ଧଳା ରଙ୍ଗ କୋରିଆନ୍ ଟପ୍ ଏବେର କଲେଜ ପଢୁଆ ଯୁବତୀଙ୍କ ମଧ୍ୟରେ ଖୁବ୍ ଚାହିଦା ରହିଛି। ଏହାକୁ ଟ୍ରାଉଜର୍, କଳା ଷ୍ଟ୍ରେଟ୍ ପ୍ୟାଣ୍ଟ, ଜିନ୍ସ, ଲଙ୍ଗ୍ ସ୍କର୍ଟରେ ପିନ୍ଧିପାରିବେ। ଏଥିରୁ ଏକ ସୁନ୍ଦର ଲୁକ୍ ମିଳିଥାଏ।
- ସେହିପରି ଏହାକୁ ପେନ୍‌ସିଲ୍ ହିଲ୍ କିମ୍ବା ବୁଟ୍ ଭଲ ମାନିଥାଏ। ଏଥିସହ ସ୍ଲିଙ୍ଗ୍ ବ୍ୟାଗ୍, ମିନି କ୍ଲଚ୍, ତଥା ଲେଦର ବ୍ୟାଗ ବ୍ୟବହାର କରିପାରିବେ।
- ରଙ୍ଗିନ କୋରିଆନ୍ ଟପ୍ସକୁ ଜିନ୍ସ ଭଲ ମାନିଥାଏ। ଏହି ଆଉଟ୍‌ଫିଟ୍‌ରେ ଭିନ୍ନ ଲୁକ୍ ଦେବାକୁ ଚାହୁଁଥିଲେ, ଆଧୁନିକ ଅଳଙ୍କାର ମାନିଥାଏ।

# ଏପରି କରନ୍ତୁ କାଚ ବାସନ ସଫା

କାଚ ବାସନ ଆଖିକୁ ଆକର୍ଷଣୀୟ ଦେଖାଯାଏ। ତେଣୁ ଲୋକେ ଏହାକୁ ବିଶେଷ ଦିନଗୁଡ଼ିକରେ ଯଥା- ପୂଜା,ପର୍ବ, ଉତ୍ସବ ଆଦିରେ ବ୍ୟବହାର କରିଥାନ୍ତି। ହେଲେ ପରବର୍ତ୍ତୀ ସମୟରେ ଏହାକୁ ସଫା କରିବା କଷ୍ଟକର ହୋଇଥାଏ। ତେଣୁ କାଚ ବାସନକୁ ସହଜ ଉପାୟରେ କିପରି ସଫା କରିବେ ଜାଣି ରଖନ୍ତୁ...



- ସର୍ବଦା ନଖ ଉଷୁମ ପାଣି ବ୍ୟବହାର କରି କାଚ ବାସନଗୁଡ଼ିକୁ ସଫା କରିବା ଆବଶ୍ୟକ। ଏହା ଦ୍ୱାରା ବାସନରେ ଲାଗିଥିବା ଦାଗ ଛାଡ଼ିଥାଏ।
- କାଚ ବାସନର ଉଜ୍ଜ୍ୱଳତା ବୃଦ୍ଧି ପାଇଁ ଲେମ୍ବୁ ଖୁବ୍ ଉପକାରୀ ହୋଇଥାଏ। ତେଣୁ ଏହାକୁ ବ୍ୟବହାର କରି ବାସନ ସଫା କରିପାରିବେ। ଏଥିପାଇଁ ପ୍ରଥମେ ଦୁଇ, ତିନୋଟି ଲେମ୍ବୁ ଚିପୁଡ଼ି ରସ କାଢ଼ନ୍ତୁ। ସେହି ରସକୁ ସ୍ପଞ୍ଜ ସାହାଯ୍ୟରେ ବାସନରେ ଘଷି ସଫା କରନ୍ତୁ। ଏହା ଦ୍ୱାରା ବାସନରେ ଚମକ ବୃଦ୍ଧି ପାଇଥାଏ।
- ବେକିଂସୋଡ଼ା ବ୍ୟବହାର କରି କାଚବାସନ ସଫା କରିବା କରିପାରିବେ। ନଖ ଉଷୁମ ପାଣିରେ ବେକିଂ ସୋଡ଼ା ମିଶାଇ ବାସନକୁ କିଛି ସମୟ ବୁଡ଼ାଇ ରଖନ୍ତୁ। ଏହାପରେ ସ୍ପଞ୍ଜ ବ୍ୟବହାର କରନ୍ତୁ।

# ଭାଇରାଲ ଗର୍ଲ

ଏବେ ଲୋକମାନଙ୍କର ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ଏକ ଉତ୍ତମ ମାଧ୍ୟମ ପାଲଟିଛି ସାମାଜିକ ଗଣମାଧ୍ୟମ। ଏଥିରୁ ସେମାନଙ୍କୁ ପରିଚୟ, ଖ୍ୟାତି, ସମ୍ପତ୍ତି, ସମ୍ମାନ ମିଳିପାରୁଛି। ଏପରିକି ରାତାରାତି ସାଧାରଣ ମଣିଷରୁ ସୋସିଆଲ ମିଡିଆ ତାରକା ପାଲଟିଥାନ୍ତି। ତେବେ ସାମାଜିକ ଗଣମାଧ୍ୟମରୁ ପ୍ରସିଦ୍ଧି ଲାଭ କରି ଚର୍ଚ୍ଚା ସାଉଁଟିଥିବା ସେଭଳି କେତେ ଜଣ ଭାଇରାଲ ଗର୍ଲଙ୍କୁ ନେଇ ଏହି ଉପସ୍ଥାପନା।

## ପ୍ରିୟା ପ୍ରକାଶ ବାରିୟର



ସୋସିଆଲ ମିଡିଆରେ ରାତାରାତି ଭାଇରାଲ ହୋଇଥିବା ମହିଳାଙ୍କ ମଧ୍ୟରୁ ଜଣେ ହେଲେ ପ୍ରିୟା ପ୍ରକାଶ ବାରିୟର୍। ମଲୟାଲମ୍ ଏବଂ ତେଲୁଗୁ ଅଭିନେତ୍ରୀ ଭାବେ ପ୍ରିୟା ୧୮ ବର୍ଷ ବୟସରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲେ। 'ଓରୁ ଅଦାର ଲଭ୍' ଫିଲ୍ମରେ ସେ ଅଭିନେତାଙ୍କୁ ଆଖିମାରୁଥିବାର ଏକ ଦୃଶ୍ୟକୁ ଭାଇରାଲ୍ ହୋଇଥିଲା। ୨୬ ସେକେଣ୍ଡର ଏହି ଭିଡିଓକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। 'ୱିଙ୍କ ଗର୍ଲ' ନାମରେ ପରିଚିତ ପ୍ରିୟା ୨୦୧୮ ମସିହାରେ ସାମାଜିକ ଗଣମାଧ୍ୟମରେ ଅଧିକ ସର୍ଚ୍ଚ କରାଯାଇଥିବା ମହିଳା ଥିଲେ।

## ମୋନାଲିସା ଭୋସଲେ



ପ୍ରୟାଗରାଜ କୁମ୍ଭମେଳାରେ 'ଭାଇରାଲ ଗର୍ଲ' ଭାବରେ ମୋନାଲିସା ସାମାଜିକ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚାରେ ରହିଥିଲେ। ତାଙ୍କର ସୁନ୍ଦରତା ଆକର୍ଷଣୀୟ ଆଖି ଲୋକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ମଧ୍ୟ ପ୍ରଦେଶ ଇନ୍ଦୋରରୁ ଆସିଥିବା ଜଣେ ସାଧାରଣ ଯୁବତୀ ଥିଲେ ମୋନାଲିସା। ରୁଦ୍ରାକ୍ଷ ମାଳି ବିକାଳୀରୁ ସେ ରାତାରାତି ସୋସିଆଲ ମିଡିଆ ସେନସେସନ୍ ପାଲଟିଥିଲେ। ମହାକୁମ୍ଭରେ କିଛି ୟୁଟ୍ୟୁବର୍ ତାଙ୍କ ଭିଡିଓ ସୁଟ୍ କରି ତାକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ଫଳରେ ଏଥିରୁ ସେ ଭାଇରାଲ ହୋଇଥିଲେ। ପରେ ତାଙ୍କୁ 'ଦି ଡାଏରୀ ଅଫ୍ ମଣିପୁର' ଫିଲ୍ମରେ ଅଭିନୟ କରିବାର ସୁଯୋଗ ମିଳିଥିଲା।

## ଗରିମା ଚୌରାସିଆ



'ବହୁତ ହାର୍ଡ ଗର୍ଲ' ନାମରେ ପରିଚିତ ଗରିମା ଚୌରାସିଆ ଟିକ୍‌ଟକ୍ ଭିଡିଓରୁ ଭାଇରାଲ ହୋଇଥିଲେ। ଗଲି ବୟ ଫିଲ୍ମ ଗୀତ ବହୁତ ହାର୍ଡରେ ଲିପ୍‌ସିଙ୍ଗ୍ କରି ସେ ଲୋକପ୍ରିୟତା ସାଉଁଟିଥିଲେ। କିଲର ଲୁକ୍ ସାଙ୍ଗକୁ ନୃତ୍ୟଶୈଳୀ ଲୋକଙ୍କୁ ଖୁବ୍ ପସନ୍ଦ ଆସିଥିଲା। ସେ ରାତିକ ମଧ୍ୟରେ ସୋସିଆଲ୍ ମିଡିଆ ତାରକା ପାଲଟିଥିଲେ। ଭାରତରେ ଟିକଟକ ବନ୍ଦ ହେବା ପରେ ମଧ୍ୟ ସେ ଇନ୍‌ଷ୍ଟାଗ୍ରାମ, ଏମ୍‌ଏକ୍ସ ଟକାଟକ୍ ଭଳି ସୋସିଆଲ ମିଡିଆରେ ସକ୍ରିୟ ଅଛନ୍ତି। ସେ ୧୯ ୯୭ ମସିହାରେ ଉତ୍ତରାଖଣ୍ଡ ହରିଦ୍ୱାରରେ ଜନ୍ମ ହୋଇଥିଲେ। ଦିଲ୍ଲୀରେ ରହୁଥିବା ଗରିମା ସୋସିଆଲ ମିଡିଆରେ ଭିଡିଓ କରିବା ସହ ଅନେକ ମ୍ୟୁଜିକ୍ ଭିଡିଓ କରିଛନ୍ତି। ଏଥିସହ ଭବିଷ୍ୟତରେ ଜଣେ ଅଭିନେତ୍ରୀ ହେବାକୁ ଆଶା ରଖିଛନ୍ତି।

## ଅଞ୍ଜଳି ଅରୋରା



'କଚ୍ଚା ବାଦାମ' ଗୀତରେ ନୃତ୍ୟ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଲୋକପ୍ରିୟ ହୋଇଥିଲେ ଅଞ୍ଜଳି। ତାଙ୍କର ନୃତ୍ୟକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ଏହି ସଫଳତା ପରେ ଅଞ୍ଜଳିଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ଏହାପରେ ସେ ଲଗାତାର ଭିଡିଓ ପୋଷ୍ଟ କରିଥିଲେ। ତାଙ୍କର ଲୋକପ୍ରିୟତା ଯୋଗୁ 'ଲକ୍‌ଅପ ସିଜନ୍' -୧ ରେ ପ୍ରତିଯୋଗୀ ଭାବେ ଭାଗ ନେବାକୁ ସୁଯୋଗ ମିଳିଥିଲା। ଏହି ସୋ' ସେ ରେ ବିଜୟୀ ନ ହେଲେ ମଧ୍ୟ ବେଶ୍ ଲୋକପ୍ରିୟତା ସାଉଁଟିଥିଲେ। ଏବେ ସେ ରିଲ୍‌ସ କରିବା ସହ ଅନେକ ମ୍ୟୁଜିକ ଭିଡିଓରେ ମଧ୍ୟ ସେ କାମ କରୁଛନ୍ତି। ଏବେ ସେ ଜଣେ ୟୁଟ୍ୟୁବର୍, ମଡେଲ ତଥା ଅଭିନେତ୍ରୀ ଭାବେ ଜଣାଯାନ୍ତି। ସେ ନିଜର ନୃତ୍ୟ ମାଧ୍ୟମରେ ଏବେ ମଧ୍ୟ ଦର୍ଶକଙ୍କ ମନୋରଞ୍ଜନ କରିଆସୁଛନ୍ତି। ତାଙ୍କର ସାମାଜିକ ଗଣମାଧ୍ୟମରେ ଅନେକ ପ୍ରଶଂଶକ ରହିଛନ୍ତି।

# ନଡ଼ିଆ ତେଲ, କର୍ପୂରରେ କେଶର ଯତ୍ନ



ନଡ଼ିଆ ତେଲ କେଶ ପାଇଁ ଖୁବ୍ ଉପକାରୀ ହୋଇଥାଏ। ଏଥିପାଇଁ ଅନେକ ନଡ଼ିଆ ତେଲରେ ମେଥି, ଭୃସଙ୍ଗ ପତ୍ର ପକାଇ ଲଗାଇଥାନ୍ତି। ଏହାଦ୍ୱାରା କେଶ ଘନ କଳା ଓ ମଜଭୁତ ହୋଇଥାଏ। ଚାହିଁଲେ ନଡ଼ିଆ ତେଲରେ କର୍ପୂର ମିଶାଇ ଲଗାଇପାରିବେ। ଏହା ଦ୍ୱାରା କେଶ ସମସ୍ୟା ଦୂର ହୋଇଥାଏ।

- ଗୋଟିଏ ଛୋଟ ପାତ୍ରରେ ଅଧା କପ୍ ତେଲ ନେଇ ସେଥିରେ ଗୋଟିଏ କର୍ପୂର ମିଶାଇ ତେଲକୁ ଅଳ୍ପ ଉଷୁମ କରନ୍ତୁ। ତେଲ ଥଣ୍ଡା ହୋଇଗଲେ ଏହାକୁ ଏକ ବୋତଲରେ ରଖି ଷ୍ଟୋର କରନ୍ତୁ। ଏହା କେଶରେ ଚମକ ଆଣିଥାଏ।
- ନିୟମିତ କେଶରେ ନଡ଼ିଆ ତେଲ କର୍ପୂର ଲଗାଇଲେ ଏହା କେଶ ବୃଦ୍ଧିରେ ସହାୟକ ହୁଏ। ଏଥିସହ କେଶ ଘନ ଓ କଳା ହୋଇଥାଏ।
- ସେହିପରି କେଶରେ ରୂପି ସମସ୍ୟା ଥିଲେ, ଏହି ତେଲ ଲଗାଇପାରିବେ। ଏହା କେଶରୁ ରୂପି ସମସ୍ୟା ଦୂର କରିଥାଏ।
- କେଶର ପ୍ରାକୃତିକ ଚମକବୃଦ୍ଧି କରିବା ସହ ରୁକ୍ଷକେଶକୁ ମଜଭୂତ କରିବାକୁ ଚାହୁଁଥିଲେ, ଏହି ତେଲ ଲଗାଇପାରିବେ।

# ବର୍ଷାଦିନେ କପଡ଼ାରୁ ଦୁର୍ଗନ୍ଧ ଆସୁଥିଲେ

ସାଧାରଣତଃ ବର୍ଷା ହେଲେ ଆଶ୍ୱସ୍ତି ମିଳିଥାଏ। କିନ୍ତୁ ଲଗାତାର ବର୍ଷା ଲାଗି ରହିଲେ, ଲୁଗାପଟା ଶୁଖିବା ଏ ଦିନେ ମୁଖ୍ୟ ସମସ୍ୟା ପାଲଟିଥାଏ। କାରଣ ବର୍ଷାଦିନେ ପାଗ ଓଦା ଥିବାରୁ ଲୁଗାପଟା ଭଲରେ ଶୁଖିପାରେ ନାହିଁ। ଫଳରେ ସେଥିରୁ ଦୁର୍ଗନ୍ଧ ବାହାରି ଥାଏ। ତେଣୁ ବର୍ଷାଦିନେ କିଛି ଘରୋଇ ଉପାୟ ଆପଣାଇ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ।

### ବେକିଂ ସୋଡ଼ା, ଭିନେଗାର୍

ଲୁଗାପଟା ଧୋଇବା ସମୟରେ ଏକ ବାଲ୍‌ଟିରେ ସର୍ଫ ନେଇ ସେଥିରେ ଏକ ଚାମଚ ବେକିଂସୋଡ଼ା, ଅଳ୍ପ ଭିନେଗାର ଢାଳନ୍ତୁ। ଏହା କପଡ଼ାରୁ ଦୁର୍ଗନ୍ଧ ଦୂର କରିବାରେ ସହାୟକ ହୋଇଥାଏ। ଏଥିସହ କପଡ଼ାକୁ ସତେଜ ରଖିଥାଏ।

### ଭଲରେ ଶୁଖାନ୍ତୁ କପଡ଼ା


ଅନେକ ସମୟରେ ଲୋକମାନେ କାର୍ଯ୍ୟ ବ୍ୟସ୍ତତା ଯୋଗୁ ଅଧା ଶୁଖିଥିବା ଲୁଗାପଟାକୁ ଆଣି ଘରେ ରଖି ଦିଅନ୍ତି। ଫଳରେ ଏଥିରୁ ଦୁର୍ଗନ୍ଧ ବାହାରିଥାଏ। ତେଣୁ କପଡ଼ା ସମ୍ପୂର୍ଣ୍ଣ ଶୁଖିଯିବା ପରେ ଏହାକୁ ଭାଙ୍ଗି ରଖିବା ଆବଶ୍ୟକ।

### ଖରାରେ ଶୁଖାନ୍ତୁ

ସାଧାରଣତଃ ବର୍ଷାଦିନେ ଖରା ଅଳ୍ପ ସମୟ ପାଇଁ ହୋଇଥାଏ। ଏଣୁ ଖରାହେବା ମାତ୍ରେ ଘରେ ଥିବା ଲୁଗାପଟାକୁ କିଛି ସମୟ ପାଇଁ ଖରାରେ ଶୁଖାଇ ଦିଅନ୍ତୁ। ଏହାଦ୍ୱାରା କପଡ଼ାରୁ ଦୁର୍ଗନ୍ଧ ଦୂର ହୋଇଥାଏ।

### ଆଣ୍ଟି ବ୍ୟାକ୍ଟେରିଆଲ୍ ଫ୍ୟାବ୍ରିକ୍ ସ୍ପ୍ରେ

ବାରମ୍ବାର କପଡ଼ା ଧୋଇବାରେ ସମସ୍ୟା ହେଉଥିଲେ, ବଜାରରେ ମିଳୁଥିବା ଆଣ୍ଟି ବ୍ୟାକ୍ଟେରିଆଲ୍ ଫ୍ୟାବ୍ରିକ୍ ସ୍ପ୍ରେ ବ୍ୟବହାର କରିପାରିବେ। ଏହା କପଡ଼ାରେ ଦୁର୍ଗନ୍ଧ କିଟାଣୁକୁ ଦୂର କରିଥାଏ।



# ପୋଟଳ ପକୁଡ଼ି ତରକାରୀ

ମୋ ହାଣ୍ଡିଶାଳରୁ...



### ଆବଶ୍ୟକ ସାମଗ୍ରୀ

ବଡୁରା ବୁଟ ଡାଲି – ଏକ କପ୍, ପୋଟଳ – ପାଞ୍ଚ-ସାତୋଟି, ଆଳୁ- ତିନିଗୋଟି, କଟା ପିଆଜ – ଏକ କପ୍, ଟମାଟୋ– ଗୋଟିଏ, ଅଦା ରସୁଣ ପେଷ୍ଟ – ଏକ ଚାମଚ, ଭୃସଙ୍ଗ ପତ୍ର – ଦୁଇ ପାଖୁଡ଼ା, ହଳଦୀଗୁଣ୍ଡ, - ଏକ ଚାମଚ, ଲଙ୍କା ଗୁଣ୍ଡ – ଏକ ଚାମଚ, ଜୀରା ଗୁଣ୍ଡ – ଏକ ଚାମଚ, ଡାଲଚିନି – ଖଣ୍ଡେ, ଗୋଟା ଧନିଆ – ଏକ ଚାମଚ, କସୁରୀ ମେଥି – ଅଳ୍ପ, ଦହି – ଦୁଇ ଚାମଚ, ଲୁଣ - ସ୍ୱାଦ ଅନୁସାରେ, ତେଲ - ଆବଶ୍ୟକତା ଅନୁସାରେ।


### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ବଡୁରା ବୁଟଡାଲିକୁ ପାଣିରୁ ଛାଣି ଜାର୍‌ରେ ଦେଇ ସେଥିରେ କଞ୍ଚାଲଙ୍କା, ରସୁଣ ପାଖୁଡ଼ା ପକାଇ ଗ୍ରାଇଣ୍ଡିଂ କରନ୍ତୁ। ଏହାକୁ ଗୋଟିଏ ପାତ୍ରରେ କାଢ଼ି ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଲୁଣ, ଜୀରାଗୁଣ୍ଡ, ଭୃସଙ୍ଗ ପତ୍ର ଲୁଣ ଦେଇ ଗୋଳାଇ ଦିଅନ୍ତୁ। ଗ୍ୟାସ୍ ଲଗାଇ କଡ଼େଇ ବସାଇ ତେଲ ଦିଅନ୍ତୁ। ତେଲ ଗରମ ହୋଇଗଲେ ବୁଟଡାଲି ବଟାକୁ ଛୋଟ ଗୁଳା କରି ପକୁଡ଼ି ଭଳି ଛାଣି ଏକ ପ୍ଲେଟ୍‌ରେ ରଖନ୍ତୁ। ଏହାପରେ ଆଉ ଏକ କଡ଼େଇରେ ଅଳ୍ପ ତେଲ ଦେଇ ସେଥିରେ ଆଳୁ ପୋଟଳ ଭାଜନ୍ତୁ। ନାଲି ହୋଇଗଲେ ଏହାକୁ ପ୍ଲେଟ୍‌ରେ କାଢ଼ି ରଖନ୍ତୁ। ବଳକା ତେଲରେ ଅଳ୍ପ ଜିରା, ଡାଲଚିନି, କଟା ପିଆଜ ପକାଇ ଭାଜନ୍ତୁ। ଏହାପରେ ଅଦା ରସୁଣ ପେଷ୍ଟ, ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ, ଜିରାଗୁଣ୍ଡ ଦିଅନ୍ତୁ। ଏହାପରେ ଦହି ଦେଇ ମସଲାକୁ ଏପାଖ ସେପାଖ କରନ୍ତୁ। ଅଳ୍ପ ପାଣି ଦେଇ ପାଞ୍ଚମିନିଟ୍ କଷି ଭାଜି ରଖିଥିବା ପୋଟଳ ଆଳୁ ଦିଅନ୍ତୁ। ପିଠାଖଡ଼ିକାରେ ଏପାଖସେପାଖ କରି ଢାଙ୍କୁଣି ଘୋଡ଼ାନ୍ତୁ। ପୋଟଳ ଆଳୁ ସିଝିଗଲା ପରେ ସେଥିରେ ଛାଣି ରଖିଥିବା ପକୁଡ଼ି ଦେଇ ଗରମ ମସଲା ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ପୋଟଳ ପକୁଡ଼ି ତରକାରୀ'।

● ପୁରୁଷ ୧୦୦ ମିଟର ରେସ୍

## ଥମ୍ପସନଙ୍କ ନାମରେ ଦଶନ୍ଧିର ଶ୍ରେଷ୍ଠ ଟାଇମିଂ

କିଙ୍ଗସଟନ, ୨୮ ।୬ (ଏଜେନ୍ସି): ବିଶ୍ୱ ଚାମ୍ପିଅନସିପ୍‌କୁ ଆଉ ୭୫ ଦିନ ବାକିଥିବାବେଳେ ଜାମାଇକା ସ୍ପ୍ରିଣ୍ଟର କିଶାନେ ଥମ୍ପସନ ପୁରୁଷ ୧୦୦ ମିଟରରେ ଦଶନ୍ଧିର ଶ୍ରେଷ୍ଠ ଟାଇମିଂ ହାସଲ କରିଛନ୍ତି। ଶୁକ୍ରବାର ରାତିରେ ଏଠାରେ ଅନୁଷ୍ଠିତ ଜାମାଇକାନ ଚାମ୍ପିଅନସିପ୍‌ରେ ୧୦୦ ମିଟର ରେସକୁ ଥମ୍ପସନ ୯.୭୫ ସେକେଣ୍ଡରେ ଫିନିଶ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପ୍ୟାରିସ ଅଲିମ୍ପିକ ରୌପ୍ୟ ପଦକ ବିଜେତା ଥମ୍ପସନଙ୍କ ଏହା ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ମଧ୍ୟ ହୋଇଛି। ଏଥିସହ ପୁରୁଷ ୧୦୦ ମିଟର ରେସ୍ ଇତିହାସରେ ଏହା ୬ଷ୍ଠ ଶ୍ରେଷ୍ଠ ଟାଇମିଂ। ପୁରୁଷ ୧୦୦ ମିଟର ରେସ୍‌ରେ ବିଶ୍ୱର ଶ୍ରେଷ୍ଠ ଟାଇମିଂ ଜାମାଇକାର ଉସେନ ବୋଲ୍ଟ (୯.୫୮ ସେକେଣ୍ଡ)ଙ୍କ ନାମରେ ରହିଛି। ସେହିଭଳି ବିଶ୍ୱ ଆଥ୍‌ଲେଟିକ୍ସ ପକ୍ଷରୁ ମଧ୍ୟ ଏହାକୁ ୨୦୧୫ ପରେ ଶ୍ରେଷ୍ଠ ଟାଇମିଂ ବୋଲି କୁହାଯାଇଛି।




● ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତ

## ମହିଳା ଦଳର ୭ମ ପରାଜୟ

ବର୍ଲିନ, ୨୮ ।୬ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ୟୁରୋପ୍ ଲେଗ୍ (ଚରଣ)ରେ ଭାରତୀୟ ମହିଳା ହକି ଦଳ କ୍ରମାଗତ ୭ମ ପରାଜୟବରଣ କରିଛି। ଶନିବାର ଏଠାରେ ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ୦-୩ ଗୋଲ୍‌ରେ ଚାଇନା ମହିଳା ଦଳ ନିକଟରୁ ପରାସ୍ତ ହୋଇଥିଲା। ଫଳରେ ସାଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବର୍ତ୍ତମାନ ସୁଦ୍ଧା ପ୍ରୋ ଲିଗ୍‌ରେ ୧୫ ମ୍ୟାଚ୍ ଖେଳି ୧୦ ପଏଣ୍ଟ ପାଇ ୯ ଦଳୀୟ ଟେବଲ୍ ତାଲିକାର ସର୍ବନିମ୍ନ ସ୍ଥାନରେ ରହିଛି। ଭାରତ ଏହାର ଶେଷ ମ୍ୟାଚ୍‌ରେ ପୁଣିଥରେ ଚାଇନା ସହ ରବିବାର ଖେଳିବ। ଏହି ନୈରାଶ୍ୟଜନକ ପ୍ରଦର୍ଶନ ଲାଗି ଆସନ୍ତା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ସିଜନରୁ ଭାରତୀୟ ମହିଳା ଦଳ ବାଦ୍ ପଡ଼ିବା ସମ୍ଭାବନା ସୃଷ୍ଟି ହୋଇଛି।

● ଦ.ଆଫ୍ରିକା-ଜିମ୍ବାୱେ ପ୍ରଥମ ଟେଷ୍ଟ

## ପ୍ରିଟୋରିଅସ୍, ବୋଶ୍‌ଙ୍କ ଶତକ

ବୁଲାୱେ,୨୮।୬ (ଏଜେନ୍ସି): ଦୀର୍ଘ ୧୧ ବର୍ଷ ପରେ ଦକ୍ଷିଣ ଆଫ୍ରିକା ସହ ଟେଷ୍ଟ ମୁକାବିଲା କରିଛି ଜିମ୍ବାୱେ। ଏହି ଟେଷ୍ଟର ପ୍ରଥମ ଦିନରେ ଡେବ୍ୟୁଟାଣ୍ଟ ଲୁହାନ-ଡ୍ରେ ପ୍ରିଟୋରିଅସ ଓ କର୍ବିନ ବୋଶ୍ ଶତକ ହାସଲ କରିଛନ୍ତି। ୧୯ ବର୍ଷୀୟ ଯୁବ ଖେଳାଳି ପ୍ରିଟୋରିୟସ ୧୫୩ ଓ ୩୦ ବର୍ଷରେ ତୃତୀୟ ଟେଷ୍ଟ ଖେଳୁଥିବା ବୋଶ୍ ଅପରାଜିତ ୧୦୦ ରନ୍ କରିଛନ୍ତି। ଏହା ଫଳରେ ପ୍ରଥମ ଦିନ ଖେଳ ଶେଷବେଳକୁ ଦକ୍ଷିଣ ଆଫ୍ରିକା ୯ ୱିକେଟରେ ୪୧୮ ରନ୍ କରିଛି। ଅନ୍ୟମାନଙ୍କ ମଧ୍ୟରେ ଡିୱାଲ୍ଡ ବ୍ରେଭିସ୍ ଡେବ୍ୟୁ କରିଥିଲାବେଳେ ୫୧ ଓ ଅନ୍ୟତମ ଡେବ୍ୟୁଟାଣ୍ଟ କୋଡି ୟୁସୁଫ୍ ୨୭ ରନ୍‌ର ଯୋଗଦାନ ଦେଇଛନ୍ତି। ଜିମ୍ବାୱେ ପକ୍ଷରୁ ତାନକା ଚିଭାଙ୍ଗା ୪ଟି ଓ ବ୍ଲେସିଂ ମୁଜରବାନି ୨ଟି ୱିକେଟ ପାଇଛନ୍ତି। ତେମ୍ବା ବଭୁମାଙ୍କ ଅନୁପସ୍ଥିତିରେ କେଶବ ମହାରାଜ ଦଳର ନେତୃତ୍ୱ ନେଉଛନ୍ତି। ମହାରାଜ ଏକମାତ୍ର ଖେଳାଳି ଭାବେ ଜିମ୍ବାୱେ ସହ ୧୧ ବର୍ଷ ତଳେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍ ଖେଳିଥିଲେ।

## ଲକ୍ଷ୍ମୀପ୍ରିୟା ୨ୟ, ଦୟାନିଧି ୩ୟ

ଭୁବନେଶ୍ୱର, ୨୮ ।୬ (ସମିସ): ବେଙ୍ଗାଲୁରୁର କାନ୍ତିରଭା ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଇଣ୍ଡିଆନ୍ ଓପନ୍ ଆଥ୍‌ଲେଟିକ୍ସ ମିଟ୍‌ରେ ଦୁଇ ଓଡ଼ିଆ କ୍ରୀଡ଼ାବିତ୍ ଲକ୍ଷ୍ମୀପ୍ରିୟା କିସାନ ଓ ଦୟାନିଧି ମୁଣ୍ଡା ପୋଡିୟମ ଫିନିଶ୍ କରିବାରେ ସଫଳ ହୋଇଛନ୍ତି। ମହିଳା ୮୦୦ ମିଟର ରେସ୍‌ରେ ଲକ୍ଷ୍ମୀପ୍ରିୟା ୨ ମିନିଟ୍ ୧୦.୨୪ ସେକେଣ୍ଡରେ ଶେଷ କରି ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ପଦକ ଜିତିଥିଲେ। ଆଇଓସିଏଲ୍‌ର ହୁଇଡ୍ରୋମ ଭୁବନେଶ୍ୱର (୨:୦୯.୩୦) ପ୍ରଥମ ସ୍ଥାନରେ ରହିଥିଲେ। ସେହିଭଳି ଦୟାନିଧି ପୁରୁଷ ୮୦୦ ମିଟରରେ ତୃତୀୟ ସ୍ଥାନ ହାସଲ କରିଥିଲେ। ସେ ଏହି ଦୂରତାକୁ ଅତିକ୍ରମ କରିବାକୁ ସେ ୧ ମିନିଟ୍ ୫୦.୪୮ ସେକେଣ୍ଡ ସମୟ ନେଇଥିଲେ। ଉଭୟ ଲକ୍ଷ୍ମୀପ୍ରିୟା ଓ ଦୟାନିଧି ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥ୍‌ଲେଟିକ୍ସ ଏର୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି।

ଭାରତୀୟ କ୍ରିକେଟ ଦଳର ଜୋରଦାର୍ ଅଭ୍ୟାସ

# ଦ୍ୱିତୀୟ ଟେଷ୍ଟରେ ଖେଳି ନ ପାରନ୍ତି ବୁମ୍‌ରା

ଏଜ୍‌ବାଷ୍ଟନ, ୨୮ ।୬ (ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଏଠାରେ ଜୁଲାଇ ୨ରୁ ଆରମ୍ଭ ହେବ। ହେଡିଂଲେରେ ପ୍ରଥମ ଟେଷ୍ଟ ହାରିବା ପରେ ଗତକାଲିଠାରୁ ଭାରତୀୟ ଦଳ ଜୋରଦାର ଅଭ୍ୟାସ ଆରମ୍ଭ କରିଛି। ବିଶେଷ କରି ଦଳ ପ୍ରଥମ ଦୁଇ ଦିନ ଅଭ୍ୟାସରେ ବୋଲିଂ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଦଳର ଲକ୍ଷ୍ୟ ରହିଛି ଦ୍ୱିତୀୟ ଟେଷ୍ଟ ଜିତି ସିରିଜ୍‌କୁ ବରାବର ସ୍ଥିତି ଆଣିବା। ଏଥିଲାଗି ଦଳର ସମସ୍ତ ଖେଳାଳି ଦୁଇ ଦିନରେ ଭଲ ଅଭ୍ୟାସ କରିଛନ୍ତି। ପ୍ରଥମ ଦିନରେ ଦଳର ପ୍ରମୁଖ ବୋଲର ଅଭ୍ୟାସ କରି ନ ଥିଲେ। ଯଶପ୍ରୀତ୍ ବୁମ୍‌ରା ପଡ଼ିଆକୁ ଆସି ନ ଥିଲେ। କିନ୍ତୁ ଶନିବାର ଦ୍ୱିତୀୟ ଦିନରେ ସମସ୍ତ ପ୍ରମୁଖ ବୋଲର ଦୀର୍ଘ ସମୟ ଧରି ବୋଲିଂ କରିଥିଲେ। ବୁମ୍‌ରା, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଅଭ୍ୟାସ କରିଥିଲେ। ପ୍ରଥମ ଦିନରେ ସିରାଜ ବ୍ୟାଟିଂ ଅଭ୍ୟାସ କରିଥିଲାବେଳେ ଅର୍ଶଦୀପ ସିଂ ଓ ଆକାଶ ଦୀପ୍ ଦୀର୍ଘ ସମୟ ଧରି ବୋଲିଂ ଅଭ୍ୟାସ କରିଥିଲେ। ଦ୍ୱିତୀୟ ଦିନରେ ପ୍ରମୁଖ ବୋଲର ବୋଲିଂ କରିବା ଫଳରେ ସମର୍ଥକ ଓ ମ୍ୟାନେଜ୍‌ମେଣ୍ଟ ନୂଆ ଉତ୍ସାହ ପାଇଛି।

ଶନିବାର ପ୍ରଥମେ ସମସ୍ତ ଖେଳାଳି ଶାରିରୀକ ଅଭ୍ୟାସ କରିବା ପରେ ବ୍ୟାଟିଂ ଓ ବୋଲିଂ କରିଥିଲେ। ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିଲେ ପ୍ରଥମ ଟେଷ୍ଟର ନଂ-୩ ବ୍ୟାଟର ତଥା ଡେବ୍ୟୁଟାଣ୍ଟ ସାଇ ସୁଦର୍ଶନ। କିନ୍ତୁ ଦଳର ପ୍ରମୁଖ ବ୍ୟାଟର ତଥା ଅଧିନାୟକ ଶୁବମନ ଗିଲ୍, ଉପଅଧିନାୟକ ରଷଭ ପନ୍ତ, ଲୋକେଶ ରାହୁଲ ଓ ଯଶସ୍ୱୀ ଜୟସ୍ୱାଲ ଆଜି ବ୍ୟାଟିଂ କରିବାକୁ ଆସି ନ ଥିଲେ। ଏମାନେ ସମସ୍ତେ ପ୍ରଥମ ଟେଷ୍ଟରେ ଶତକ ହାସଲ କରିଥିଲେ ଓ ପ୍ରଥମ ଦିନ ଦୀର୍ଘଦିନ ଧରି ଅଭ୍ୟାସ କରିଥିଲେ। ଏମାନଙ୍କ ମଧ୍ୟରେ ପନ୍ତ ସବୁଠାରୁ ଅଧିକ ସମୟ ଅଭ୍ୟାସ କରିଥିଲେ। ବୁମ୍‌ରା ଅଭ୍ୟାସ କରିବାକୁ ଆସିବା ଭାରତ ଲାଗି ଉତ୍ସାହଜନକ ଖବର। କିନ୍ତୁ ଦ୍ୱିତୀୟ ଟେଷ୍ଟରେ ତାଙ୍କର ଖେଳିବା ନେଇ ସନ୍ଦେହ ରହିଛି। ଏହି ୩୧ ବର୍ଷୀୟ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ପ୍ରଥମ ଟେଷ୍ଟରେ ୪୪ ଓଭର ବୋଲିଂ କରିଥିଲେ। ସିରିଜ୍ ଆରମ୍ଭ ପୂର୍ବରୁ ବୁମ୍‌ରା ୫ଟି ମଧ୍ୟରୁ ୩ଟି ଟେଷ୍ଟ ଖେଳିବେ ବୋଲି ହେଡ୍ କୋଚ୍ ଗୌତମ ଗମ୍ଭୀର କହିଥିଲେ। ତାଙ୍କ କଥାକୁ ଗୁରୁତ୍ୱ ଦେଲେ ୱାର୍କଲୋଡ୍ ଅନୁଯାୟୀ ବୁମ୍‌ରା ଦ୍ୱିତୀୟ ଟେଷ୍ଟ ଖେଳିବେ ନାହିଁ। ଏହି ସମୟରେ ବୁମ୍‌ରା ତାଙ୍କ ବକ୍ତବ୍ୟକୁ ବଦଳାଇ ଦେଇଥିଲେ। ସେ କହିଥିଲେ ବୁମ୍‌ରା ଚାହିଁଲେ ଓ ତାଙ୍କ ଶରୀର ଫିଟ୍ ରହିଲେ ସେ କ୍ରମାଗତ ଟେଷ୍ଟ ଖେଳିପାରନ୍ତି, କିମ୍ବା ବିଶ୍ରାମ ନେଇପାରନ୍ତି। ପ୍ରଥମ ଟେଷ୍ଟ ହାରିବା ପରେ ଭାରତୀୟ ଦଳ କିଛି ରିସ୍କ ନେବାକୁ ଚାହିଁବ ନାହିଁ। ତାହା ନୁହେଁ ଯେ ଦଳରେ ବିରାଟ ପରିବର୍ତ୍ତନ ହେବ। ତାହା ମଧ୍ୟରେ ବୁମ୍‌ରା ଖେଳିବେ କି ନାହିଁ ସନ୍ଦେହ ରହିବା ସ୍ୱାଭାବିକ୍। ସିରିଜ୍‌ରେ ସ୍ଥିତି ଯାହା ଥାଉନା କାହିଁକି ବୁମ୍‌ରାଙ୍କ ଶରୀର ଖେଳିବା ଲାଗି ଫିଟ୍ ନ ରହିଲେ ସେ ଖେଳିବେ ନାହିଁ ବୋଲି ଗମ୍ଭୀର କହିଛନ୍ତି।



ପ୍ରଥମ ଟେଷ୍ଟରେ ବୋଲିଂ ଯେପରି ପ୍ରଭାବହୀନ ହୋଇଥିଲା, ତା'ଠାରୁ ଅଧିକ ଦୟନୀୟ ହୋଇଥିଲା ଫିଲ୍ଡିଂ। ପ୍ରଥମେ ଓ ଶେଷରେ ଖେଳାଳିମାନେ ଫିଲ୍ଡିଂ ଅଭ୍ୟାସ କରିଥିଲେ। ପ୍ରଥମ ଟେଷ୍ଟରେ ଭାରତ ପ୍ରାୟ ୧୦ଟି କ୍ୟାଚ୍ ହାତଛଡ଼ା କରିଥିଲାବେଳେ ଏହାକୁ ନ ଦୋହରାଇବା ଲାଗି ଭାରତୀୟ ଫିଲ୍ଡରମାନେ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। ନୂଆ ଟିମ୍, ନୂଆ ପୋଜିସନରେ ଖାପ୍ ଖୁଆଇବାକୁ ସମୟ ଲାଗିବ ବୋଲି ଗମ୍ଭୀର କହିଛନ୍ତି।

ଇଂଲଣ୍ଡ ବିପକ୍ଷ ପ୍ରଥମ ଟି-୨୦

## ମନ୍ଧାନାଙ୍କ ଶତକରେ ଭାରତ ବିଜୟୀ

ନଟିଂହାମ, ୨୮ ।୬ (ଏଜେନ୍ସି): ଅଧିନାୟିକା ସ୍ମୃତି ମନ୍ଧାନାଙ୍କ ଦମ୍‌ଦାର ଶତକ ବଳରେ ଶନିବାର ଏଠାରେ ଅନୁଷ୍ଠିତ ପ୍ରଥମ ଟି-୨୦ ମ୍ୟାଚରେ ଭ୍ରମଣକାରୀ ଭାରତ ୯୭ ରନରେ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳକୁ ପରାସ୍ତ କରିଛି। ଏହା ଫଳରେ ଇଂଲଣ୍ଡ ଟି-୨୦ରେ ସର୍ବବୃହତ୍ ପରାଜୟ ବରଣ କରିଛି। ଭାରତ ପକ୍ଷରୁ ଧାର୍ଯ୍ୟ ୨୧୧ ରନର ବିଶାଳ ଲକ୍ଷ୍ୟକୁ ପିଛା କରି ଘରୋଇ ଇଂଲଣ୍ଡ ୧୪.୫ ଓଭରରେ ୧୧୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟ(୬୬ ରନ)ଙ୍କୁ ଛାଡ଼ିଦେଲେ ଅନ୍ୟ ଇଂଲଣ୍ଡ ବ୍ୟାଟର୍‌ମାନେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। ବିଜୟୀ ଭାରତ ପକ୍ଷରୁ ପ୍ରଦାର୍ପଣକାରୀ ବାମହାତୀ ସ୍ପିନର ଶ୍ରୀ ଚରଣି ସର୍ବାଧିକ ୪ ଏବଂ ରାଧା ଯାଦବ ଓ ଦୀପ୍ତି ଶର୍ମା ୨ଟି ଲେଖାଏ ୱିକେଟ୍ ନେଇଥିଲେ। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜର ୨ୟ ମ୍ୟାଚ୍ ମଙ୍ଗଳବାର ଖେଳାଯିବ।

ଶନିବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଅଧିନାୟିକା ମନ୍ଧାନାଙ୍କ ୧୧୨ ରନ ବଳରେ ୫ ୱିକେଟ୍ ହରାଇ ରେକର୍ଡ ୨୧୦ ରନ କରିଥିଲା। ୫୧ ବଲରେ ଶତକ ପୂରଣ କରିଥିବା ମନ୍ଧାନା ମୋଟ୍ ୬୨ ବଲ୍ ଖେଳି ୧୧୨ ରନ କରିଥିଲେ। ଏହି ମାରାଥନ ପାଳିରେ ସେ ୧୫ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହର୍ଲିନ ଦେଓଲ ୪୩, ଶେଫାଳି ବର୍ମା ୨୦, ରିଚା ଘୋଷ ୧୨ ରନ କରିଥିଲେ। ଘରୋଇ ଇଂଲଣ୍ଡ ପାଇଁ ଲୌରେନ ବେଲ୍ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଏହି ଶତକୀୟ ପାଳିରେ ମନ୍ଧାନା ଏକାଧିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ମହିଳା ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ୍‌ରେ ହର୍‌ମନପ୍ରୀତ୍ କୌରଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ମନ୍ଧାନା ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ପୂର୍ବରୁ ୨୦୧୮ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ହର୍‌ମନପ୍ରୀତ୍ ୧୦୩ ରନର ମାରାଥନ ଇନିଂସ ଖେଳିଥିଲେ। ସେହିଭଳି ପ୍ରଥମ ଭାରତୀୟ ଭାବେ ମନ୍ଧାନା ଅନ୍ତର୍ଜାତୀୟ କ୍ରିକେଟ୍‌ର ୩ଟି ଯାକ ଫର୍ମାଟ୍‌ରେ ଶତକ ହାସଲ କରିବାର କୀର୍ତ୍ତିମାନ କରିଛନ୍ତି। ଏହାବାଦ୍ ମନ୍ଧାନା ଓ ଶେଫାଳି ଯୋଡ଼ି ଟି-୨୦ କ୍ରିକେଟ୍‌ରେ ରେକର୍ଡ ୨୧ଥର ଲାଗି ଓପନିଂ ୱିକେଟ୍‌ରେ ଅର୍ଦ୍ଧଶତକୀୟ ଭାଗୀଦାରି ଗଢ଼ିଛନ୍ତି। ଏହିକ୍ରମରେ ଅଷ୍ଟ୍ରେଲିଆର ଆଲିସା ହେଲୀ ଓ ବେଥ୍ ମୁନୀ (୨୦ଥର)ଙ୍କୁ ପଛରେ ପକାଇଛନ୍ତି।




● ଏଫ୍‌ଆଇଏଚ୍ କନିଷ୍ଠ ପୁରୁଷ ବିଶ୍ୱକପ୍

## ଗୋଟିଏ ଗ୍ରୁପ୍‌ରେ ଭାରତ-ପାକିସ୍ତାନ

ଚେନ୍ନଇ, ୨୮ ।୬ (ଏଜେନ୍ସି): ଏଫ୍‌ଆଇଏଚ୍ କନିଷ୍ଠ ପୁରୁଷ ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ନଭେମ୍ବର ୨୮ରୁ ଚେନ୍ନାଇରେ ଆରମ୍ଭ ହେବ। ଏଥିଲାଗି ବିଶ୍ୱକପ୍‌ର ଡ୍ର ଉଠାଣ କାର୍ଯ୍ୟକ୍ରମ ଶନିବାର ସୁଇଜରଲାଣ୍ଡର ଲାଇସାନେଠାରେ ଥିବା ବିଶ୍ୱ ହକିର ସର୍ବୋଚ୍ଚ ସଂସ୍ଥା ଏଫ୍‌ଆଇଏଚ୍‌ର ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆୟୋଜକ ଭାରତ ଓ ଚିରପ୍ରତିଦ୍ୱନ୍ଦୀ ପାକିସ୍ତାନ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ଦୁଇଥରର ବିଶ୍ୱକପ୍ ବିଜେତା ଭାରତ ସମେତ ପାକିସ୍ତାନ, ସୁଇଜରଲାଣ୍ଡ ଓ ଚିଲି ଗ୍ରୁପ୍-ବି'ରେ ରହିଛନ୍ତି। ଏହି ବିଶ୍ୱକପ୍‌ରେ ୨୪ଟି ଦଳ ଅଂଶଗ୍ରହଣ କରୁଥିବାବେଳେ ୬ଟି ଗ୍ରୁପ୍‌ରେ ସେମାନଙ୍କୁ ବିଭକ୍ତ କରାଯାଇଛି। ଡିଫେଣ୍ଡିଂ ତଥା ସର୍ବାଧିକ ୭ଥରର ଚାମ୍ପିଅନ ଜର୍ମାନୀ ଗ୍ରୁପ୍-ଏ'ରେ ଦକ୍ଷିଣ ଆଫ୍ରିକା, କାନାଡା ଓ ଆୟର୍ଲାଣ୍ଡ ସହ ସ୍ଥାନ ପାଇଛି। ପ୍ରଥମଥର ଲାଗି କନିଷ୍ଠ ପୁରୁଷ ହକି ବିଶ୍ୱକପ୍‌ରେ ୨୪ ଦଳ ଅଂଶଗ୍ରହଣ କରିବେ। ତାମିଲନାଡୁର ଚେନ୍ନଇ ଓ ମଦୁରାଇରେ ବିଶ୍ୱକପ୍‌ର ସମସ୍ତ ମ୍ୟାଚ୍ ଖେଳାଯିବ। ଶନିବାର ଡ୍ର ଉଠାଣ କାର୍ଯ୍ୟକ୍ରମରେ ଏଫ୍‌ଆଇଏଚ୍ ସଭାପତି ତୟାବ ଇକ୍ରାମ, ହକି ଇଣ୍ଡିଆ ସମ୍ପାଦକ ଭୋଲାନାଥ ସିଂ, ନିର୍ଦ୍ଦେଶକ ଆର୍‌କେ ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ରହିଥିଲେ। ଉଲ୍ଲେଖଯୋଗ୍ୟ, ଭାରତ ଦୁଇଥର (୨୦୦୧ ଓ ୨୦୧୬) କନିଷ୍ଠ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଛି।




### କେଉଁ ଗ୍ରୁପ୍‌ରେ କିଏ

| | |
|---|---|
| ଗ୍ରୁପ୍-ଏ | : ଜର୍ମାନୀ, ଦକ୍ଷିଣ ଆଫ୍ରିକା, କାନାଡା, ଆୟର୍ଲାଣ୍ଡ |
| ଗ୍ରୁପ୍-ବି | : ଭାରତ, ପାକିସ୍ତାନ, ଚିଲି, ସୁଇଜରଲାଣ୍ଡ |
| ଗ୍ରୁପ୍-ସି | : ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ, ଜାପାନ, ଚାଇନା |
| ଗ୍ରୁପ୍-ଡି | : ସ୍ପେନ, ବେଲ୍‌ଜିୟମ, ଇଜିପ୍ଟ, ନାମ୍ବିଆ |
| ଗ୍ରୁପ୍-ଇ | : ନେଦରଲାଣ୍ଡସ, ମାଲେସିଆ, ଇଂଲଣ୍ଡ, ଅଷ୍ଟ୍ରିଆ |
| ଗ୍ରୁପ୍-ଏଫ୍ | : ଫ୍ରାନ୍ସ, ଅଷ୍ଟ୍ରେଲିଆ, ଦକ୍ଷିଣ କୋରିଆ, ବାଂଲାଦେଶ |

ପାୱାର ଗ୍ରୀଡ୍ ଆନ୍ତଃକ୍ଷେତ୍ରୀୟ ଚେସ୍

## କମଲେଶ, କଲ୍ପେଶଙ୍କୁ ଟାଇଟଲ

ଭୁବନେଶ୍ୱର, ୨୮।୬ (ସମିସ): ଏଠାରେ ଚାଲିଥିବା ପାୱାର ଗ୍ରୀଡ୍ ଆନ୍ତଃକ୍ଷେତ୍ରୀୟ ଚେସ୍ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଗୁଡ୍‌ଗାଓଁସ୍ଥିତ କେନ୍ଦ୍ରୀୟ କାର୍ଯ୍ୟାଳୟର ମକଲେଶ ଭୋରାନି ଓ ପଶ୍ଚିମାଞ୍ଚଳର କଲ୍ପେଶ ରବୀନ୍ଦ୍ର କୋଟୱାଲ ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗରେ ଟାଇଟଲ ବିଜୟୀ ହୋଇଛନ୍ତି। ମହିଳା ବିଭାଗରେ ହିମାଂଶି ଓ ସାହିସ୍ତା ହନିଫ୍ ଓ ପୁରୁଷ ବିଭାଗରେ ଉତ୍ତରାଞ୍ଚଳର ଗୌରବ କୁମାର ଓ ଦକ୍ଷିଣାଞ୍ଚଳର ହରିକ୍ରିଷ୍ଣା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଖେଳ ଶେଷରେ ପାୱାର ଗ୍ରୀଡ୍ (ପାୱାର ପ୍ରୋଜେକ୍ଟ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସୁନୀତା ଚୌହାନ, ମହାପ୍ରବନ୍ଧକ (ମାନବ ସମ୍ବଳ) ଅଜିତ ପଣ୍ଡା ଓ ଅନ୍ତର୍ଜାତୀୟ ଆର୍ବିଟର ତାପସ କୁମାର ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ସନ୍ତୋଷ ମହାପାତ୍ର ଆଦି ଖେଳ ପରିଚାଳନା କରିଥିଲେ।




# ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆର ସହଜ ବିଜୟ

ବାର୍ବାଡସ୍, ୨୮ ।୬ (ଏଜେନ୍ସି)

ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ସ୍ଥାନୀୟ କେନିଙ୍ଗଟନ୍ ଓଭାଲ୍‌ରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜ ୧୫୯ ରନର ବଡ଼ ବ୍ୟବଧାନରେ ପରାସ୍ତ ହୋଇଛି। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୩୦୧ ରନର ଲକ୍ଷ୍ୟକୁ ପିଛା କରିଥିବା ୱେଷ୍ଟଇଣ୍ଡିଜ ୩ୟ ଦିବସରେ ଦ୍ୱିତୀୟ ପାଳିରେ ୧୪୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦ୍ୱିତୀୟ ପାଳିରେ ୱେଷ୍ଟଇଣ୍ଡିଜ ବ୍ୟାଟର୍ ମାତ୍ର ୩୩.୪ ଓଭର ଖେଳିବାକୁ ସମର୍ଥ ହୋଇଥିଲେ। ଦଳ ପକ୍ଷରୁ ବ୍ୟାଟିଂକ୍ରମର ୧୦ମ ସ୍ଥାନରେ ଆସିଥିବା ସାମରା ଜୋଶେଫ୍ ୨୨ ବଲରେ ୪ ଚୌକା ଓ ୪ ଛକା ସହାୟତାରେ ୪୪ ରନର ଦ୍ରୁତ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟନ ଗ୍ରେଭସ ଅପରାଜିତ ୩୮, ଜନ କ୍ୟାମ୍ପବେଲ୍ ୨୩ ଓ କେସି କାର୍ଟି ୨୦ ରନର ପାଳି ଖେଳିଥିଲେ। ଅନ୍ୟ ୭ଜଣ ଇଣ୍ଡିଜ ବ୍ୟାଟର୍ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ପକ୍ଷରୁ ଜୋଶ୍ ହାଜଲେଉଡ୍ ସର୍ବାଧିକ ୫, ନାଥନ ଲାୟନ ୨ ଏବଂ ମିଚେଲ ଷ୍ଟାର୍କ ଓ ଅଧିନାୟକ ପ୍ୟାଟ୍ କମିନ୍ସ ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ।

୧୫୯ ରନରେ ହାରିଲା ୱେଷ୍ଟଇଣ୍ଡିଜ




ପୂର୍ବରୁ ପ୍ରଥମ ପାଳିରେ ଅଷ୍ଟ୍ରେଲିଆ ୧୮୦ ରନ କରିଥିବାବେଳେ ୱେଷ୍ଟଇଣ୍ଡିଜ ୧୯୦ ରନ କରି ୧୦ ରନରେ ଅଗ୍ରଣୀ ରହିଥିଲା। ଏହାପରେ ଅଷ୍ଟ୍ରେଲିଆ ୩୧୦ ରନ କରିବାକୁ ସମର୍ଥ ହୋଇଥିଲା। ପ୍ରଥମ ପାଳିରେ ୫୯ ଓ ୨ୟ ପାଳିରେ ୬୧ ରନ କରିଥିବା ଟ୍ରାଭିସ୍ ହେଡ୍ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏଥିସହ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି)ରେ ପ୍ରଥମ ଖେଳାଳି ଭାବେ ୧୦ଥର ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି। ତିନି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜର ୨ୟ ମ୍ୟାଚ୍ ଜୁଲାଇ ୩ରୁ ଆରମ୍ଭ ହେବ।

### କମିନ୍ସଙ୍କ କୀର୍ତ୍ତିମାନ

ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସ ଏହି ଟେଷ୍ଟର ପ୍ରଥମ ପାଳିରେ ୱେଷ୍ଟଇଣ୍ଡିଜ ଅଧିନାୟକ ରୋଷ୍ଟନ ଚେଜ୍‌ଙ୍କୁ ୪୪ ରନରେ ଆଉଟ୍ କରିଥିଲେ। ଏଥିସହ ସେ ବିଶ୍ୱର ପ୍ରଥମ ଅଧିନାୟକ ଭାବେ ଟେଷ୍ଟ ଖେଳୁଥିବା ସମସ୍ତ ୧୦ ଦେଶର ଅଧିନାୟକଙ୍କୁ ଆଉଟ୍ କରିବାର ରେକର୍ଡ କରିଛନ୍ତି। ପୂର୍ବରୁ ଭାରତର ରୋହିତ୍ ଶର୍ମା ୬ଥର, ଦକ୍ଷିଣ ଆଫ୍ରିକାର ଡିନ୍ ଏଲ୍‌ଗାର, ଇଂଲଣ୍ଡର ବେନ୍ ଷ୍ଟୋକ୍ସ, ତେମ୍ବା ବଭୁମା, ୱେଷ୍ଟଇଣ୍ଡିଜର କ୍ରେଗ୍ ବ୍ରାଥୱେଟ୍ ୩ଥର ଲେଖାଏ କମିନ୍ସଙ୍କ ଶିକାର ବନିଛନ୍ତି। ସେହିଭଳି ଟିମ୍ ସୌଦୀ, ଜୋ ରୁଟ୍, ଶାନ ମାସୁଦ, ଯଶପ୍ରୀତ୍ ବୁମ୍‌ରା, ଓ ରୋଷ୍ଟନ ଚେଜ୍ ମଧ୍ୟ ନିଜ ଦେଶର ନେତୃତ୍ୱ ନେଉଥିବାବେଳେ କମିନ୍ସଙ୍କ ବଲରେ ଆଉଟ୍ ହୋଇଥିଲେ। ଅପରପକ୍ଷରେ ଅଷ୍ଟ୍ରେଲିଆ ଅଧିନାୟକ ଭାବେ ଟେଷ୍ଟରେ ସର୍ବାଧିକ ୱିକେଟ୍ ନେବାର ରେକର୍ଡ ମଧ୍ୟ କମିନ୍ସଙ୍କ ନାମରେ ଲିପିବଦ୍ଧ ହୋଇଛି। କମିନ୍ସ ଅଧିନାୟକ ଭାବେ ଟେଷ୍ଟରେ ୧୪୦ ୱିକେଟ୍ ନେଇ ରିଚି ବେନର୍ଡ (୧୩୮)ଙ୍କୁ ପଛରେ ପକାଇଛନ୍ତି।

ଦ୍ୱିତୀୟ ଟେଷ୍ଟରେ ବାଂଲାଦେଶର ପାଳି ପରାଜୟ

## ସିରିଜ୍ ଜିତିଲା ଶ୍ରୀଲଙ୍କା




କଲମ୍ବୋ, ୨୮ ।୬ (ଏଜେନ୍ସି): ବାମହାତୀ ସ୍ପିନ ବୋଲର୍ ପ୍ରବାଥ ଜୟସୂରିଆଙ୍କ ୫ ୱିକେଟ୍ ସଫଳତା ବଳରେ ଘରୋଇ ଶ୍ରୀଲଙ୍କା ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୨ୟ ଟେଷ୍ଟରେ ଏକ ପାଳି ଓ ୭୮ ରନରେ ବାଂଲାଦେଶକୁ ପରାସ୍ତ କରିଛି। ଫଳରେ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ଶ୍ରୀଲଙ୍କା ୧-୦ରେ ଜିତିନେଇଛି। ପୂର୍ବରୁ ଗଲ୍‌ରେ ଖେଳାଯାଇଥିବା ସିରିଜର ପ୍ରଥମ ମ୍ୟାଚ୍ ଅମୀମାଂସିତ ରହିଥିଲା।

ଏହି ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରିଥିବା ଭ୍ରମଣକାରୀ ବାଂଲାଦେଶ ପ୍ରଥମ ପାଳିରେ ୨୪୭ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଶ୍ରୀଲଙ୍କା ଓପନର୍ ପାଥୁମ ନିଶାଙ୍କା'ଙ୍କ ୧୫୮ ରନର ମାରାଥନ ଶତକୀୟ ପାଳି ବଳରେ ୪୫୮ ରନରେ ପ୍ରଥମ ପାଳି ସୀମିତ ରଖିଥିଲା। ବାଂଲାଦେଶର ତାଇଜୁଲ ଇସଲାମଙ୍କୁ ୫ ୱିକେଟ୍ ସଫଳତା ମିଳିଥିଲା। ଏହାପରେ ୨୧୧ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ବାଂଲାଦେଶ ଶୁକ୍ରବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୬ ୱିକେଟ ହରାଇ ୧୧୫ ରନ ସଂଗ୍ରହ କରିଥିଲା। ଶନିବାର ୪ର୍ଥ ଦିବସରେ ଏହି ଅସମାପ୍ତ ସ୍କୋରରୁ ବ୍ୟାଟିଂ ଆରମ୍ଭ କରିଥିବା ବାଂଲାଦେଶ ଆଉ ୧୮ ରନ ଯୋଡ଼ି ୧୩୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଫଳରେ ଶ୍ରୀଲଙ୍କା ଏକ ପାଳି ଓ ୭୮ ରନରେ ସହଜସାଧ ବିଜୟ ଲାଭ କରିଥିଲା। ବାଂଲାଦେଶ ପକ୍ଷରୁ ଦ୍ୱିତୀୟ ପାଳିରେ ମୁସଫିକର ରହିମ ସର୍ବାଧିକ ୨୬, ମେହଦୀ ହାସନ ମିରାଜ ୧୧, ଲିଟନ ଦାସ ୧୪, ଅଧିନାୟକ ନାଜମୋଲ ହୋସେନ ସାଣ୍ଟୋ ଓ ଏନାମୁଲ୍ ହକ୍ ୧୯ ରନ ଲେଖାଏ କରିଥିଲେ। ବୋଲିଂରେ ଶ୍ରୀଲଙ୍କାର ପ୍ରବଥା ଜୟସୂରିଆ ୫୬ ରନ ବ୍ୟୟରେ ବାଂଲାଦେଶର ୫ ଜଣ ବ୍ୟାଟର୍‌ଙ୍କୁ ଆଉଟ୍ କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଟେଷ୍ଟ କ୍ରିକେଟ୍‌ରେ ଏହା ତାଙ୍କର ୧୨ତମ ୫ ୱିକେଟ୍ ସଫଳତା। ପାଥୁମ ନିଶାଙ୍କା ମ୍ୟାଚ୍ ଓ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦୁଇଦେଶ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଏକଦିବସୀୟ ସିରିଜ ବୁଧବାରଠାରୁ ଆରମ୍ଭ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS